ବାଜି ମାରିଲେ ଟିମ୍ ଇଣ୍ଡିଆର ଅରୁନ୍ଧତୀ ରେଡ୍ଡୀ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୫୩ ● ୨୪ ମାର୍ଚ୍ଚ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-53 ● 24th March 2026, Tuesday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

### କୃଷି ଓ କୃଷକ ସଶକ୍ତିକରଣ ଏବଂ ସମବାୟ ବିଭାଗ ଖର୍ଚ୍ଚ ଦାବି ବିଧାନସଭାରେ ପାରିତ

# କୃଷି ବିକାଶରେ ଓଡ଼ିଶା ହେବ ଦେଶର ପ୍ରମୁଖ ରାଜ୍ୟ

ଭୁବନେଶ୍ୱର, ୨୩।୩
ନ୍ୟୁଜ୍ ବ୍ୟୁରୋ



ସୋମବାର ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ସର୍ବମୋଟ ୧୫୦୩୯ କୋଟି ୮୮ ଲକ୍ଷ ୬୮ ହଜାର ଟଙ୍କାର ଖର୍ଚ୍ଚ ଦାବି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଆଗତ କରିଥିବା ବେଳେ ସମବାୟ ବିଭାଗର ମୋଟ ୨୪୩୪ କୋଟି ୪୬ ଲକ୍ଷ ୭ ହଜାର ଟଙ୍କାର ଖର୍ଚ୍ଚ ଦାବି ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଆଗତ କରିଛନ୍ତି। ଏହି ଦୁଇ ବିଭାଗର ଖର୍ଚ୍ଚ ଦାବି ଉପରେ ଗୃହରେ କେବଳ ଶାସକ ଦଳର ବିଧାୟକମାନେ ଆଲୋଚନା କରିଥିବା ବେଳେ ବିରୋଧୀ ବିଜେଡ଼ି ଏବଂ କଂଗ୍ରେସ ଦଳର ବିଧାୟକମାନେ ଲଗାତାର ୫ମ ଦିନରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ସେମାନଙ୍କ ପ୍ରତିବାଦ ଜଣାଇ କକ୍ଷତ୍ୟାଗ କରିଥିଲେ।

ଖର୍ଚ୍ଚ ଦାବି ଆଲୋଚନାର ଉତ୍ତର ଦେଇ ପ୍ରଥମେ କୃଷି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ପୂର୍ବବର୍ଷ ତୁଳନାରେ ୨୦୨୬-୨୭ ଆର୍ଥିକ ବର୍ଷରେ କୃଷି କ୍ଷେତ୍ର ପାଇଁ ୧୫୦୩୯.୮୯ କୋଟି ଟଙ୍କା ବଜେଟ୍ ଆବଣ୍ଟନ କରାଯାଇଛି, ଯାହା ୧୪.୧୨ ପ୍ରତିଶତ ଅଧିକ। ଚାଷୀମାନଙ୍କୁ ସଶକ୍ତ କରିବା, ଗ୍ରାମୀଣ ଜୀବିକାକୁ ସୁଦୃଢ କରିବା ଏବଂ ଭାରତରେ ଓଡ଼ିଶାକୁ କୃଷି ବିକାଶର ଏକ ପ୍ରମୁଖ ରାଜ୍ୟ ଭାବେ ଗଢିତୋଳିବା ଦିଗରେ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ପ୍ରତ୍ୟେକ ଚାଷୀଙ୍କୁ ଓଡ଼ିଶାର କୃଷି ପ୍ରଗତିର ଯାତ୍ରାରେ ସହଭାଗୀ କରିବାକୁ ହେବ। ଏହି ଯାତ୍ରା ପାଇଁ ଆମର ସମଗ୍ର ରୋଡ୍ ମ୍ୟାପ୍ ଅନ୍ତର୍ଭୁକ୍ତିକରଣ, ପରିବର୍ତ୍ତନ ମୂଳକ ଭବିଷ୍ୟମୁଖୀ ଏବଂ ସହନଶୀଳ ପଦକ୍ଷେପ ଉପରେ ଆଧାରିତ। ଶ୍ରୀ ସିଂହଦେଓ କହିଥିଲେ ଓଡ଼ିଶାର କୃଷି କ୍ଷେତ୍ରର ଅଭିବୃଦ୍ଧି ହାର ୫.୩ ପ୍ରତିଶତ ଯାହା ଭାରତର ହାରାହାରି ଅଭିବୃଦ୍ଧି ୩.୧ ପ୍ରତିଶତକୁ ଅତିକ୍ରମ କରିଛି। ସେହିପରି ରାଜ୍ୟର ଖାଦ୍ୟଶସ୍ୟ ଉତ୍ପାଦନ ୧୫୦ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ଏବଂ ଉଦ୍ୟାନକୃଷି ଉତ୍ପାଦନ ୧୫୬ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ। ଯାହା ପୂର୍ବର ସମସ୍ତ ରେକର୍ଡକୁ (ପୃଷ୍ଠା ୭ରେ)

### ମଧ୍ୟପ୍ରାଚ୍ୟ ଯୁଦ୍ଧ ନେଇ ସଂସଦରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ

# ହର୍ମୁଜ ପ୍ରଣାଳୀ ବନ୍ଦ ଅଗ୍ରହଣୀୟ, ଭାରତର 'ଶକ୍ତି ସୁରକ୍ଷିତ'

ନୂଆଦିଲ୍ଲୀ, ୨୩।୩



ମଧ୍ୟପ୍ରାଚ୍ୟ ସଙ୍କଟ ଏବେ ସମଗ୍ର ବିଶ୍ୱରେ ବଡ଼ ଧରଣର ଜଟିଳ ସ୍ଥିତି ସୃଷ୍ଟି କରିଛି। ଭାରତ ବି ଏଥିରୁ ବାଦ୍ ପଡ଼ିନାହିଁ। ତେବେ ଯୁଦ୍ଧ ଭାରତରେ କିଭଳି ପ୍ରଭାବ ପକାଇଛି ଏବଂ ଭାରତ କିଭଳି ସଙ୍କଟର ମୁକାବିଲା କରୁଛି ତା' ଉପରେ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦରେ ଉଦ୍‌ବୋଧନ ଦେଇଛନ୍ତି। ଯୁଦ୍ଧ ପାଇଁ ହର୍ମୁଜ ପ୍ରଣାଳୀ ଦେଇ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏଥିପାଇଁ ବିଶ୍ୱବ୍ୟାପୀ ତୈଳ ଓ ଏଲ୍‌ପିଜି ସଙ୍କଟ ଦେଖାଦେଇଛି।

କିନ୍ତୁ ପ୍ରଧାନମନ୍ତ୍ରୀ ମୋଦୀ ଲୋକସଭାରେ ଦୃଢ଼ୋକ୍ତି କରିଛନ୍ତି ଯେ, ଭାରତର ଶକ୍ତି ସୁରକ୍ଷିତ ରହିଛି। ଦେଶର ତୈଳ ଭଣ୍ଡାରଗୁଡ଼ିକରେ ୫୩ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ତୈଳ ମହଜୁଦ ରହିଛି ଏବଂ ଭଣ୍ଡାରଗୁଡ଼ିକରେ ତୈଳ ରଖିବା କ୍ଷମତା ୬୫ ଲକ୍ଷ ମେଟ୍ରିକ ଟନ୍‌କୁ ବୃଦ୍ଧି କରିବା କାର୍ଯ୍ୟ ଜାରି ରହିଛି। ଭାରତ ଏହାର ତୈଳ ଆମଦାନୀ କରୁଥିବା ରାଷ୍ଟ୍ରର ପରିସରକୁ ମଧ୍ୟ ବ୍ୟାପକ କରିଛି। ୪୧ଟି ଦେଶରୁ ଭାରତ ସମ୍ପ୍ରତି ଅଶୋଧିତ ତୈଳ କିଣୁଥିବା ମୋଦୀ କହିଛନ୍ତି। ପୂର୍ବରୁ ଭାରତ ୨୭ଟି ରାଷ୍ଟ୍ରରୁ ତୈଳ ଆମଦାନୀ କରୁଥିଲା।

ପ୍ରଧାନମନ୍ତ୍ରୀ ମୋଦୀ ସ୍ୱୀକାର କରିଛନ୍ତି ଯେ, ଏହି ସଂଘର୍ଷ ଭାରତ (ପୃଷ୍ଠା ୭ରେ)

# ଗ୍ରୀଷ୍ମ ପ୍ରବାହ ପାଇଁ ଶ୍ରମ ବିଭାଗର ନୂଆ ଗାଇଡ୍‌ଲାଇନ

ଭୁବନେଶ୍ୱର, ୨୩।୩
ନ୍ୟୁଜ୍ ବ୍ୟୁରୋ



ଚଳିତ ବର୍ଷ ଗ୍ରୀଷ୍ମ ଋତୁରେ ସମ୍ଭାବ୍ୟ ଅଂଶୁଘାତ ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏହାକୁ ଦୃଷ୍ଟିରେ ରଖି ଶ୍ରମିକମାନଙ୍କ ପାଇଁ କାମ କରିବାର ନିର୍ଘଣ୍ଟ ସ୍ଥିର କରାଯାଇଛି। ପ୍ରଚଣ୍ଡ ଖରାରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଚଳିତ ବର୍ଷ ଏପ୍ରିଲ ମାସ ୧ ତାରିଖରୁ ଜୁନ ମାସ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ସୃଷ୍ଟ ପ୍ରଚଣ୍ଡ ରୌଦ୍ରତାପ ଜନିତ ଅଂଶୁଘାତରୁ ରକ୍ଷା କରିବା ପାଇଁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ବିହିତ ପଦକ୍ଷେପ ନେବା ନିମନ୍ତେ ସମସ୍ତ ରାଜସ୍ୱ କମିଶନର, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ରାଜ୍ୟ ଶ୍ରମ କମିଶନରଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶନାମା ଜାରି କରାଯାଇଅଛି।

ଏତଦ୍ୱାରା ଓଡ଼ିଶା ସରକାରଙ୍କ ସମସ୍ତ ବିଭାଗ ତଥା ଓଡ଼ିଶାରେ ଥିବା ଭାରତ ସରକାରଙ୍କର ସମସ୍ତ ବିଭାଗ, ବେସରକାରୀ ନିଯୁକ୍ତିଦାତା, ସମସ୍ତ ବାଣିଜ୍ୟ ଓ ଶିଳ୍ପ ସଂସ୍ଥା, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଏବଂ ଠିକାଦାରମାନେ ସେମାନଙ୍କର ଅଧୀନରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଚଳିତ ଏପ୍ରିଲ ୧ ତାରିଖରୁ ଜୁନ ୧୫ ତାରିଖ ପର୍ଯ୍ୟନ୍ତ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା କରିବା ନିମନ୍ତେ ପ୍ରତ୍ୟେହ ପୂର୍ବାହ୍ନ (ପୃଷ୍ଠା ୭ରେ)

## ଓଡିଶାରେ ପ୍ରଥମ ଡିଜିଟାଲ ଜନଗଣନା

ଭୁବନେଶ୍ୱର, ୨୩।୩
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ଜନଗଣନା ପ୍ରସ୍ତୁତି। ଏନେଇ ଓଡ଼ିଶା ଜନଗଣନା ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ ସୂଚନା ଦେଇଛନ୍ତି। ଏପ୍ରିଲ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ୱ-ଗଣନା ହେବ। ଏଥିରେ ୩୩ଟି ସରଳ ପ୍ରଶ୍ନ ମାଧ୍ୟମରେ ନିଜ ତଥ୍ୟ ନିଜେ ପ୍ରଦାନ କରିପାରିବେ। (ପୃଷ୍ଠା ୭ରେ)

# ୫ ଦିନ ପାଇଁ ଯୁଦ୍ଧ ସ୍ଥଗିତ:ଟ୍ରମ୍ପ

ୱାଶିଂଟନ, ୨୩।୩

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଡ ବୟାନ ଦେଇଛନ୍ତି। ଇରାନ ବିରୋଧରେ ଆକ୍ରମଣକୁ ସ୍ଥଗିତ ରଖିଛି ଆମେରିକା। ୱାଶିଂଟନ ଏବଂ ତେହେରାନ ମଧ୍ୟପ୍ରାଚ୍ୟରେ ବୃଦ୍ଧି ପାଉଥିବା ସଂଘର୍ଷର ପୂର୍ଣ୍ଣ ସମାଧାନ ପାଇଁ ଉଦ୍ୟମ ଚାଲିଥିବା ନେଇ ଟ୍ରମ୍ପ ସୂଚନା ଦେଇଛନ୍ତି। ଇରାନର ଶକ୍ତି କେନ୍ଦ୍ର ଏବଂ ଏନର୍ଜି ଭିତ୍ତିଭୂମି ଉପରେ ଯେକୌଣସି ଯୋଜନାବଦ୍ଧ ଆକ୍ରମଣକୁ ପାଞ୍ଚ ଦିନ ପାଇଁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମରେ ପ୍ରକାଶିତ ଏକ ବିବୃତିରେ, ଟ୍ରମ୍ପ ଲେଖିଛନ୍ତି "ମୁଁ ଏହା ଜଣାଇ ଖୁସି ଯେ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇରାନ ସହ ଗତ ଦୁଇ ଦିନ ମଧ୍ୟରେ ଫଳପ୍ରଦ ଆଲୋଚନା ହୋଇଛି। ମୁଁ ପ୍ରତିରକ୍ଷା ବିଭାଗକୁ ଇରାନର ଶକ୍ତି କେନ୍ଦ୍ର ଏବଂ ଶକ୍ତି ଭିତ୍ତିଭୂମି ଉପରେ ଯେକୌଣସି ସାମରିକ ଆକ୍ରମଣକୁ ପାଞ୍ଚ ଦିନ ପାଇଁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛି, (ପୃଷ୍ଠା ୭ରେ)

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୫୬୫ (-୧୦୩୨)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୪୩୫ (-୯୪୬)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୧୭୪ (-୭୭୪)

### ରୁପା ଦର

ରୂପା – ପ୍ରତି ଗ୍ରାମ୍ ୨୩୦ (-୨୦)

# ଦିନକ ପରେ ରତ୍ନଭଣ୍ଡାର ଗଣତି-ମଣତି

ପୁରୀ, ୨୩।୩ : ନ୍ୟୁଜ୍ ବ୍ୟୁରୋ

ସରିଛି ଟ୍ରେନିଂ, ସରିଛି ସମୀକ୍ଷା। ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି-ମଣତିକୁ ମଝିରେ ରହିଲା ମାତ୍ର ଦିନେ। ପୁରୀରେ ଶେଷ ସମୀକ୍ଷା ବୈଠକ ପରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି- ଆଗାମୀ ଶହେ ବର୍ଷ ଯାଏଁ ଯେମିତି ଠାକୁରଙ୍କ ଅଳଙ୍କାର ଚିହ୍ନଟକୁ ନେଇ ଅସୁବିଧା ରହିବନି, ସେ ବ୍ୟବସ୍ଥା ହେଉଛି। ଏସଓପି ଅନୁସାରେ ୭୮ ମସିହାର ଅଳଙ୍କାର ତାଲିକା ସହ ସବୁ ଗହଣାଗାଣ୍ଠିର ମେଳକ ହେବ। ଯଦିଓ ସବୁ ଅଳଙ୍କାର ଗୁଡ଼ିକର ଓଜନ କରାଯିବ ହେଲେ ମୂଲ୍ୟାୟନ କରାଯିବ ନାହିଁ ବୋଲି ଦୋହରାଇଛନ୍ତି ମନ୍ତ୍ରୀ।

ଖୋଲାଯିବ ଅଳଙ୍କାର ବାକ୍ସ, ୭୮ ମସିହା ତାଲିକା ସହ ହେବ ମେଳକ। ସବୁ ଦିବ୍ୟ ଅଳଙ୍କାର ମାନଙ୍କର ଗୋଟି ଗୋଟି କରି ଓଜନ ହେବ, ନାଁ ଚିହ୍ନଟ ହୋଇ ଟ୍ୟାଗ୍ ଲାଗିବ, କିନ୍ତୁ କାହାରି ମୂଲ୍ୟାଙ୍କନ ହେବନି। ସୋମବାର ପୁରୀ ଆସି ରତ୍ନଭଣ୍ଡାର ଗଣତି-ମଣତି ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସମୀକ୍ଷା ପରେ ଏ ନେଇ ବିସ୍ତୃତ ସୂଚନା ଦେଇ ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି- ମାର୍ଚ୍ଚ ୨୫ ମଧ୍ୟାହ୍ନ ୧୨ଟା ୯ରୁ ୧ ଟା ୪୫ ମଧ୍ୟରେ ସ୍ଥିରୀକୃତ ଶୁଭ ମୁହୂର୍ତ୍ତରେ ହିଁ ମହାପ୍ରଭୁଙ୍କ ଏ ମହାନ କାର୍ଯ୍ୟର ଶୁଭାରମ୍ଭ ହେବ।

ସବୁ କିଛି ଏସଓପି ଅନୁସାରେ ହେବ। ସମସ୍ତ ଅଳଙ୍କାର ଗୁଡ଼ିକର ଡିଜିଟାଲ ଫଟୋଗ୍ରାଫି ସହ ଭିଡ଼ିଓଗ୍ରାଫି ଓ ୩ଡି ମ୍ୟାପିଂ କରାଯିବ। ଗଣତି ଓ ମଣତି ପରେ ଅଳଙ୍କାରକୁ ସୁରକ୍ଷିତ ଭାବେ ଏଭଳି (ପୃଷ୍ଠା ୭ରେ)

### ଏକାଳ ପଖାଳ



ଡୋନାଲଡ ଡକ...
ସରି...ଭାଇନା...ଟ୍ରମ୍ପ ଟ୍ରମ୍ପ
ଉପରେ ପଡିକି ପର କଲି ଟାରେ
କଲାସେ ପୁରା ଜମ୍ପ ଜମ୍ପ
ବିଶ୍ୱ ପ୍ରଗତିରେ ହମ୍ପହମ୍ପ
ୟା ପାଇଁ ସବୁ ହନ୍ତସନ୍ତ
ଟେନ୍‌ସନ୍‌ରେ ଦିଏ ପମ୍ପପମ୍ପ।

## ୫ ବର୍ଷରେ ଗିରଫ ହୋଇଛନ୍ତି ୮୨୨ ଅଧିକାରୀ

ଭୁବନେଶ୍ୱର, ୨୩।୩
ନ୍ୟୁଜ୍ ବ୍ୟୁରୋ

ଦୁର୍ନୀତିରେ ମାତିଛନ୍ତି ସରକାରୀ ବାବୁ। ଦୁର୍ନୀତିଖୋରଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ନେଉଛି ଭିଜିଲାନ୍ସ। ୫ ବର୍ଷରେ ଗିରଫ ହୋଇଛନ୍ତି ୮୨୨ ଅଧିକାରୀ। ୧୬୧ କ୍ଲାସ୍ ୱାନ ଅଫିସର, ୧୫୮ କ୍ଲାସ୍ ଟୁ, ୪୮୫ ତୃତୀୟ ଶ୍ରେଣୀ ଏବଂ ୧୮ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ଗିରଫ ହୋଇଛନ୍ତି। ସର୍ବାଧିକ ୨୦୨୫ରେ ୧୮୪ ଅଧିକାରୀ ଗିରଫ ହୋଇଛନ୍ତି। ଗତ ୫ (ପୃଷ୍ଠା ୭ରେ)

## ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିରୋଧୀଙ୍କ ହଟ୍ଟଗୋଳ ଜାରୀ

ଭୁବନେଶ୍ୱର, ୨୩।୩ : ନ୍ୟୁଜ୍ ବ୍ୟୁରୋ

ଏସସିବି ମେଡିକାଲରେ ଘଟିଥିବା ଅଗ୍ନିକାଣ୍ଡ ମାମଲାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବି କରି ସୋମବାର ମଧ୍ୟ ବିରୋଧୀ ଦଳର ବିଧାୟକମାନେ ଗୃହରେ ନାରାବାଜୀ ହଟ୍ଟଗୋଳ କରିଛନ୍ତି। ଏହି କାରଣରୁ ବାଚସ୍ପତିଙ୍କୁ ଗୃହକୁ ଏକାଧିକ ବାର ସ୍ଥଗିତ କରିବାକୁ ପଡ଼ିଥିଲା। ହଟ୍ଟଗୋଳ କାରଣରୁ ପ୍ରଶ୍ନକାଳ ଚାଲି ପାରି ନ ଥିଲା। ଗୃହକୁ ସୁଚାରୁ ରୂପେ ଚଳାଇବାକୁ ବାଚସ୍ପତି ସୁରମା ପାଢୀ ସର୍ବଦଳୀୟ ବୈଠକ ଡାକିଥିଲେ। ସୋମବାର ପୂର୍ବାହ୍ନ ୧୦.୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା ଓ ବାଚସ୍ପତି ସୁରମା ପାଢୀ ପ୍ରଶ୍ନକାଳ ଆରମ୍ଭ କରିବାକୁ ଚାହିଁଥିଲେ। ପ୍ରଶ୍ନକାଳ ଆରମ୍ଭ ହେବା (ପୃଷ୍ଠା ୭ରେ)

# ପୁଣିଥରେ ସାରା ବିଶ୍ୱରେ ଘାରିଲାଣି ଲକଡାଉନ ଛାୟା



ନୂଆଦିଲ୍ଲୀ, ୨୩।୩

ମଧ୍ୟପ୍ରାଚ୍ୟରେ, ଇରାନ ସହିତ ଚାଲିଥିବା ଉତ୍ତେଜନା ହର୍ମୁଜ ପ୍ରଣାଳୀକୁ ପ୍ରାୟତଃ ଅବରୋଧ କରିଛି, ଯେଉଁଠାରୁ ବିଶ୍ୱ ତୈଳ ଯୋଗାଣର ଏକ ବଡ଼ ଅଂଶ ଯାଏ। ଏହା ଯୋଗୁ ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ପ୍ରତି ୧୧୨ ଡଲାରରେ ପହଞ୍ଚିଛି, ଯେତେବେଳେ ଆମେରିକାରେ ପେଟ୍ରୋଲ ପ୍ରତି ୫ ଡଲାରରେ ଅଛି। ପରିବହନ ଖର୍ଚ୍ଚ ବୃଦ୍ଧି ପାଉଛି ଯାହା ଖାଦ୍ୟ ସମେତ ସବୁକିଛିର ମୂଲ୍ୟ ବୃଦ୍ଧି କରୁଛି, ଏବଂ ଖାଦ୍ୟ ସୁରକ୍ଷା ଆଶଙ୍କା ରହିଛି।

ବିଶ୍ୱବ୍ୟାପୀ ବିମାନ କମ୍ପାନୀଗୁଡ଼ିକ ବିମାନ ଉଡ଼ାଣ ହ୍ରାସ କରୁଛନ୍ତି। ଏହି ସପ୍ତାହରେ କେବଳ ୟୁନାଇଟେଡ ଏୟାରଲାଇନ୍ସ ଏହାର ବିମାନର ୫ ପ୍ରତିଶତ ହ୍ରାସ କରିଛି, ଯେତେବେଳେ ଅନ୍ୟମାନେ ମଧ୍ୟ ଏହାକୁ ଅନୁସରଣ କରୁଛନ୍ତି। ଜାପାନ ଏବଂ ଦକ୍ଷିଣ କୋରିଆରେ ଇନ୍ଧନ ରାସନିଂ ଆରମ୍ଭ ହୋଇସାରିଛି। ସେହିପରି ବାଂଲାଦେଶ, ଫିଲିପାଇନ୍ସ ଏବଂ ଶ୍ରୀଲଙ୍କାର ପେଟ୍ରୋଲ ପମ୍ପଗୁଡ଼ିକରେ ଲମ୍ବା (ପୃଷ୍ଠା ୭ରେ)







# ଆଦିବାସୀ ମହିଳାଙ୍କ ପ୍ରତି ନିର୍ଯାତନାର ପ୍ରତିବାଦ
# ହସ୍ତକ୍ଷେପ ପାଇଁ ଜାତୀୟ ଅନୁସୂଚିତ ଜାତି ଆୟୋଗ ଅଧ୍ୟକ୍ଷଙ୍କୁ ବିଜେଡିର ସ୍ମାରକପତ୍ର

**ବାରିପଦା, ନ୍ୟୁଜ ବ୍ୟୁରୋ**

ଜାତୀୟ ଅନୁସୂଚିତ ଜାତି ଆୟୋଗର ଅଧ୍ୟକ୍ଷଙ୍କୁ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ସ୍ମାରକପତ୍ର ପ୍ରଦାନ କରିଛି। ବିଭିନ୍ନ ଜିଲ୍ଲାରେ ଆଦିବାସୀ ମହିଳା ଓ ନାବାଳିକାଙ୍କ ଉପରେ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ଅତ୍ୟାଚାର ଘଟଣାକୁ ନେଇ ଗଭୀର ଚିନ୍ତାପ୍ରକଟ କରିବା ସହ ଏଭଳି ଘଟଣାରେ ପୋଲିସ୍‌ର ନିଷ୍କ୍ରିୟତା ଓ ପ୍ରଶାସନିକ ଅବହେଳାକୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୧୨ ମାର୍ଚ୍ଚ ୨୦୨୬ ତାରିଖରେ ମୟୂରଭଞ୍ଜ ଜିଲ୍ଲାର ତିରିଂ ଥାନା ଅଞ୍ଚଳରେ ଜଣେ ଆଦିବାସୀ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିଲା। ଯାହାକୁ ନେଇ ସ୍ଥାନୀୟ ଆଦିବାସୀ ସମୁଦାୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଘଟଣାରେ ଅଭିଯୁକ୍ତ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ପୋଲିସ୍ ନିରୀହ ଆଦିବାସୀଙ୍କ ଉପରେ ଅତ୍ୟାଚାର କରିଥିଲା। ଘଟଣା ଅନୁଯାୟୀ, ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ସ୍ଥାନୀୟ ଆଦିବାସୀ ସମୁଦାୟ ପ୍ରତିବାଦ କରି ଥାନାକୁ ଘେରାଉ କରିଥିଲେ। ଆଦିବାସୀମାନଙ୍କ ଦାବିକୁ ସମାଧାନ କରିବା ପରିବର୍ତ୍ତେ, ତାଙ୍କ ଉପରେ ବର୍ବରୋଚିତ ଭାବେ ପୋଲିସ୍ ଲାଠିମାଡ଼ କରିଥିଲା। ପୋଲିସର ଏହି ନିଷ୍କ୍ରିୟତାକୁ ଦୃଢ଼ ନିନ୍ଦା କରିଛି ବିଜୁ ଜନତା ଦଳ। ବିଜୁ ଜନତା ଦଳ କହିଛି ଯେ, ଖାଲି ଏହି ଘଟଣା ନୁହେଁ, ରାୟଗଡା, ମୟୂରଭଞ୍ଜ, କନ୍ଧମାଳ, କୋରାପୁଟ (ବୋରିଗୁମ୍ମା), ଲମତାପୁଟ ଓ ସୁନ୍ଦରଗଡ଼ ଭଳି ଜିଲ୍ଲାରୁ ଏହିପରି ଅନେକ ଘଟଣା ଲୋକଲୋଚନକୁ ଆସିଛି। ଆଦିବାସୀ ସମୁଦାୟଙ୍କୁ ସୁରକ୍ଷା, ମର୍ଯ୍ୟାଦା ଓ ନ୍ୟାୟ ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବିଜେପି ସରକାର। ବହଳଦା ଘଟଣାରେ ପୋଲିସ୍ ଏଫଆଇଆର୍ ରୁଜୁ କରିବାରେ ବିଳମ୍ବ କରିବା, ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ନ କରିବା, ପୀଡିତାଙ୍କ ସହ ଅସମ୍ବେଦନଶୀଳତା ବ୍ୟବହାର କରିବା ଓ ଲୋକମାନଙ୍କ ପ୍ରତିବାଦକୁ ଦମନ କରିବାକୁ ନେଇ ବିଜୁ ଜନତା ଦଳ ସ୍ମାରକପତ୍ରରେ ଉଲ୍ଲେଖ କରିଛି। ବହଳଦା ଅସଦାଚରଣ ଘଟଣା ଭାରତୀୟ ସମ୍ବିଧାନର ଧାରା ୧୪, ୧୫ ଓ ୨୧ ଅନୁଯାୟୀ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଅତ୍ୟାଚାର ପ୍ରତିରୋଧ) ଆଇନ, ୧୯୮୯ର ବିଧାନକୁ ଉଲ୍ଲଂଘନ କରୁଛି। ଏହି ପରିପ୍ରେକ୍ଷୀରେ ବିଜୁ ଜନତା ଦଳ ଜାତୀୟ ଅନୁସୂଚିତ ଜାତି ଆୟୋଗର ମାନ୍ୟବର ଅଧ୍ୟକ୍ଷଙ୍କୁ ଅନୁରୋଧ କରିଛି ଯେ, ବହଳଦା ଘଟଣାରେ ପୁଲିସର ନିଷ୍କ୍ରିୟତା ପାଇଁ ପୀଡ଼ିତା ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛି। ଏହି ଘଟଣାରେ ଜଡ଼ିତ ପୋଲିସ୍ ଅଧିକାରୀଙ୍କ ବିରୋଧରେ ତୁରନ୍ତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସୁପାରିଶ ସରିବା ସହିତ ପୀଡ଼ିତାକୁ ଉଚିତ୍ ନ୍ୟାୟ ଦେବା ପାଇଁ ଏକ ଦୃଢ଼ ନିରୀକ୍ଷଣ ବ୍ୟବସ୍ଥା କରନ୍ତୁ। ଦଳ ଉଲ୍ଲେଖ କରିଛି ଯେ, ବର୍ତ୍ତମାନ ଓଡ଼ିଶାରେ ଯେପରି ଆଇନଶୃଙ୍ଖଳା ସ୍ଥିତି ରହିଛି, ସେଥିରେ ଆଦିବାସୀ ସମୁଦାୟ ଭୟରେ ରହିବା ସହ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ବିଜେଡିର ଏହି ପ୍ରତିନିଧି ମଣ୍ଡଳୀରେ ମୟୂରଭଞ୍ଜ-୨ର ଜିଲ୍ଲା ସଭାପତି ଡ଼ ଦେବାଶିଷ ମାରାଣ୍ଡି, ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ଼ ପ୍ରିୟବ୍ରତ ମାଝୀ ଓ ଲେନିନ ମହାନ୍ତି, ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ, ମୟୂରଭଞ୍ଜ ଜିଲ୍ଲା ବିଜେଡି ସମ୍ପାଦକ ଗଙ୍ଗାଧର ହେମ୍ବ୍ରମ ଓ ନୀଳମାଧବ ସାବର ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ ଏସ୍ସି କମିଶନଙ୍କ ଆଞ୍ଚଳିକ କାର୍ଯ୍ୟାଳୟରେ ଜାତୀୟ ଅନୁସୂଚିତ ଜାତି ଆୟୋଗର ମାନ୍ୟବର ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆଦିବାସୀ ସମୁଦାୟଙ୍କ ଅଧିକାର, ମର୍ଯ୍ୟାଦା ଓ ସୁରକ୍ଷା ପାଇଁ ବିଜୁ ଜନତା ଦଳ ସର୍ବଦା କାର୍ଯ୍ୟ କରିଆସୁଛି। ନାରୀ ନିର୍ଯାତନାର ଶିକାର ହେଉଥିବା ପୀଡିତାମାନଙ୍କ ସହ ଓ ତାଙ୍କ ପରିବାରବର୍ଗଙ୍କ ସହ ବିଜୁ ଜନତା ଦଳ ସର୍ବଦା ରହିଆସିଛି ଏବଂ ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ବିଜେଡି ସର୍ବଦା ଲଢ଼େଇ ଜାରି ରଖିବ।

# ପୁନର୍ବାସ ପକ୍ଷରୁ ଇଣ୍ଟରସିପ୍ ପ୍ରଶିକ୍ଷଣ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**




କେନ୍ଦ୍ରାପଡ଼ା ଜିଲ୍ଲାରେ ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱକାଳ ଭିନ୍ନକ୍ଷମଙ୍କ ଥେରାପି ଚିକିତ୍ସା, ଅଧିକାର ସଚେତନତା ଓ ସଶକ୍ତିକରଣ ନିମନ୍ତେ କାର୍ଯ୍ୟରତ ପୁନର୍ବାସ ଅନୁଷ୍ଠାନ ପକ୍ଷରୁ କେନ୍ଦ୍ରାପଡ଼ା ତୁଳସୀ ମହିଳା ମହାବିଦ୍ୟାଳୟର +୩ ଦ୍ୱିତୀୟ ବର୍ଷର ଛାତ୍ରୀଙ୍କୁ ଇଣ୍ଟର୍ଣ୍ଣସିପ୍ ପ୍ରଶିକ୍ଷଣ ପ୍ରଦାନ ଆରମ୍ଭ କରାଯାଇଛି । ଜାତୀୟ ଶିକ୍ଷାନୀତି-୨୦୨୦ ଅନ୍ତର୍ଗତ ପାଠ୍ୟସୂଚୀ ଅନୁଯାୟୀ ମହାବିଦ୍ୟାଳୟର +୩ ଚତୁର୍ଥ ସେମିଷ୍ଟାରଠାରୁ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ନିମନ୍ତେ ୧୨୦ ଘଣ୍ଟାର ଏକ ଇଣ୍ଟର୍ଣ୍ଣସିପ୍ ପ୍ରଶିକ୍ଷଣର ପ୍ରାବଧାନ କରାଯାଇଛି । ଏହାର ଉଦ୍ଦେଶ୍ୟ ମହାବିଦ୍ୟାଳୟ ସ୍ତରରୁ ଛାତ୍ରଛାତ୍ରୀମାନେ ବିଭିନ୍ନ ଶିଳ୍ପ ଓ ସାମାଜିକ ପ୍ରତିଷ୍ଠାନମାନଙ୍କୁ ଯାଇ ଏକ ବାସ୍ତବାମୁଖୀ ପ୍ରଶିକ୍ଷଣ ଗ୍ରହଣ କରିବେ,ଯାହା ସେମାନଙ୍କୁ ପ୍ରତ୍ୟକ୍ଷ ଅନୁଭୂତି ପ୍ରଦାନ କରିବା ସହ କୁଶଳୀ କରାଇବ । ଏହି ପ୍ରଶିକ୍ଷଣ ପର୍ଯ୍ୟାୟରେ +୩ ଦ୍ୱିତୀୟ ବର୍ଷ ପଦାର୍ଥ ବିଜ୍ଞାନ ବିଭାଗ ଓ ଇଂରାଜୀ ବିଭାଗର ଯଥାକ୍ରମେ ୨୧ ଓ ୯ ଜଣ ଛାତ୍ରୀ ଏହି ଇଣ୍ଟର୍ଣ୍ଣସିପ୍ ପ୍ରୋଗ୍ରାମରେ ଯୋଗ ଦେଇଛନ୍ତି ବୋଲି ଅନୁଷ୍ଠାନର ସହ ସମ୍ପାଦକ ବଂଶୀଧର ମହାନ୍ତି ସୂଚନା ପ୍ରଦାନ କରିଛନ୍ତି । ସ୍ଥାନୀୟ ମାଧପୁରସ୍ଥିତ ପୁନର୍ବାସର ଶିଶୁ ଥେରାପି କେନ୍ଦ୍ରର ମିନି କର୍ନଫରେନ୍ସ ହଲରେ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଉଅଛି । ପ୍ରଥମ ଦିବସରେ ତୁଳସୀ ମହିଳା ମହାବିଦ୍ୟାଳୟର ଇଂରାଜୀ ବିଭାଗୀୟ ମୁଖ୍ୟ ତପନ କୁମାର ବଳ ଓ ପଦାର୍ଥ ବିଜ୍ଞାନ ବିଭାଗୀୟ ମୁଖ୍ୟ ବ୍ରହ୍ମାନନ୍ଦ ସେଠୀଙ୍କ ଉପସ୍ଥିତିରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ ପ୍ରମୁଖ ଉପସ୍ଥିତ ରହି ଏହାକୁ ଶୁଭାରମ୍ଭ କରିଥିଲେ । ଏହି ସଂକ୍ଷିପ୍ତ ଅବଧି କାଳରେ ଛାତ୍ରୀମାନଙ୍କୁ "ଭିନ୍ନକ୍ଷମତା ଓ ଏହାର ସଂକ୍ଷିପ୍ତ ବହୁ ଆୟାମୀ ଅବବୋଧ "ସମ୍ପର୍କିତ ଏକ ସଚେତନତାମୂଳକ ବିଷୟ ସମ୍ପର୍କିତ ଶିକ୍ଷଣ ପ୍ରଦାନ କରାଯିବ ବୋଲି ବୈଷୟିକ ଅଧିକାରୀ କେଦାରନାଥ ବାରିକ ପ୍ରକାଶ କରିଛନ୍ତି ।

# ଆର୍ଯ୍ୟସମାଜର ୧୫୨ତମ ପ୍ରତିଷ୍ଠା ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଯ୍ୟସମାଜର ୧୫୨ତମ ପ୍ରତିଷ୍ଠା ଦିବସ ଗୁରୁବାର ପୂର୍ବାହ୍ନରେ ଚନ୍ଦ୍ରଶେଖରପୁର, ଶ୍ରୀଅରବିନ୍ଦ ନଗରସ୍ଥିତ ସ୍ୱାମୀ ବ୍ରହ୍ମାନନ୍ଦ ଭବନ ପରିସରରେ ଅନୁଷ୍ଠାନର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆର୍ଯ୍ୟ ପଣ୍ଡିତ ବିନୋଦ ବିହାରୀ ଦାଶଙ୍କ ଦ୍ୱାରା ବୈଦିକ ଶାନ୍ତିଯଜ୍ଞ ପରେ ଆଜି ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରି ଡଃ ଜ୍ଞାନେନ୍ଦ୍ର କହିଲେ ଯେ, ଆଜି ଦିବସଟି ବିଭିନ୍ନ ଦୃଷ୍ଟିକୋଣରୁ ପବିତ୍ର। ଆଜକୁ ୧,୯୬,୦୮,୫୩,୧୨୬ ବର୍ଷ ତଳେ ସୃଷ୍ଟିର ପ୍ରାରମ୍ଭ ହୋଇଥିଲା ବୋଲି ସନାତନୀ ଗଣିତଜ୍ଞମାନଙ୍କର ମତ। ସେହିପରି ଆଜି କଳିଯୁଗ ବର୍ତ୍ତମାନ ସୁଦ୍ଧା ୫୧୨୮ ବର୍ଷ ଭୋଗ କରିଥିବା ବେଳେ, ବିକ୍ରମାଦିତ୍ୟଙ୍କ ଶାସନ କାଳରେ ପ୍ରଚଳିତ ଅବ୍ଦ ଅନୁସାରେ ଆଜି ୨୦୮୩ ବିକ୍ରମ ସମ୍ବତ୍ସର। ଆଜିର ଦିନରେ ମହାରାଜା ଯୁଧିଷ୍ଠିରଙ୍କର ଓ ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ରଙ୍କର ରାଜ୍ୟାଭିଷେକ ହୋଇଥିଲା। ଏହି ଅବସରରେ ଆଜିର ଦିନକୁ ସ୍ମରଣ କରି ରଖିବା ପାଇଁ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ପ୍ରତି ସମର୍ପିତ ପ୍ରାଣ, ଭୁବନେଶ୍ୱର ଚିତ୍ରକୂଟ ଆଶ୍ରମର ବରେଣ୍ୟ ସ□ାଳକ ନିରଞ୍ଜନ ପାଢୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି, ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ନ୍ୟାସର ମ୍ୟାନେଜିଙ୍ଗ ଟ୍ରଷ୍ଟି, ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର କହିଲେ ଯେ, ଭାରତବର୍ଷରେ ମହର୍ଷି ଦୟାନନ୍ଦ ଯେଉଁ ସାମାଜିକ ଓ ଧାର୍ମିକ ଆନ୍ଦୋଳନ ଆରମ୍ଭ କରିଥିଲେ, ତା ଭିତରୁ ହିଁ ଆର୍ଯ୍ୟସମାଜର ସୃଷ୍ଟି। ଭାରତବର୍ଷର ସ୍ୱାଧୀନତା ସଂଗ୍ରାମରେ ଆର୍ଯ୍ୟସମାଜର ଅବଦାନକୁ କୌଣସି ପରିସ୍ଥିତିରେ ଗୌଣ କରାଯାଇ ପାରିବ ନାହିଁ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ପ୍ରଫେସର ଡଃ ଯୁଧିଷ୍ଠିର ଖଟୁଆ କହିଲେ ଯେ, ସମାଜରୁ ଜାତିପ୍ରଥା ଓ କୁସଂସ୍କାର ବିରୋଧରେ ଭାରତବର୍ଷରେ ଆରମ୍ଭ ହୋଇଥିବା ଆନ୍ଦୋଳନର ନେତୃତ୍ୱ ଆର୍ଯ୍ୟସମାଜ ହିଁ ନେଇଥିଲା। ଏହି ଗୌରବମୟ ଇତିହାସକୁ ଆଜିର ଯୁବବିଢ଼ି ଅଧ୍ୟୟନ କରିବା ଉଚିତ୍। କାର୍ଯ୍ୟକ୍ରମରେ ବିଧାନ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଓ ନଳିନୀକାନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଘୂର୍ଣ୍ଣିଝଡ଼ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ସାଂସଦ

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**





କରଞ୍ଜିଆ ଅଞ୍ଚଳରେ ତାଣ୍ଡବ ରଚିଥିବା ଘୂର୍ଣ୍ଣି ଝଡ଼ରେ ଆହତ ହୋଇ ଚିକିତ୍ସାଧୀନମାନଙ୍କୁ କେନ୍ଦୁଝର ଧରଣୀଧର ମେଡିକାଲ୍ କଲେଜ ଏବଂ ହସ୍ପିଟାଲରେ ଭେଟି ସେମାନଙ୍କ ଆରୋଗ୍ୟ ସ୍ଥିତି ବିଷୟରେ ପଚାରି ବୁଝିଲେ କେନ୍ଦୁଝର ସାଂସଦ ଅନନ୍ତ ନାୟକ। ଡାକ୍ତରମାନଙ୍କ ସହ ଆଲୋଚନା କରି ଆହତମାନଙ୍କୁ ସମସ୍ତ ପ୍ରକାର ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇଦେବାକୁ ଅନୁରୋଧ କରିବା ସହିତ ସେମାନଙ୍କ ଶୀଘ୍ର ସୁସ୍ଥତା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସାଂସଦ । ଏହି ଭଳି ପ୍ରାକୃତିକ ବିପଦରେ ପ୍ରଭାବିତ ସମସ୍ତ ପରିବାରଙ୍କ ସହ ଆମେ ଅଛୁ ଏଣୁ ବ୍ୟସ୍ତ ତଥା ଭାଙ୍ଗିନପଡ଼ି ଧୈର୍ଯ୍ୟ ଧରିବାକୁ ଅନୁରୋଧ କରିବା ସହିତ ସରକାର ସର୍ବଦା ସମସ୍ତ ପରିସ୍ଥିତିରେ ଆପଣମାନଙ୍କ କାନ୍ଧରେ କାନ୍ଧ ମିଳାଇ ସହଯୋଗ କରିବାକୁ ପ୍ରସ୍ତୁତ ବୋଲି କହିଛନ୍ତି ସାଂସଦ ଅନନ୍ତ ନାୟକ।

# ଗୋହିରା ମହୋତ୍ସବରେ ଗଡମେକର୍ ରଥନୃତ୍ୟ ଲୋକାର୍ପିତ

**ଦେବଗଡ, ନ୍ୟୁଜ ବ୍ୟୁରୋ**




ଓଡ଼ିଶାର ସର୍ବବୃହତ ପଞ୍ଚକଳା ପ୍ରତିଷ୍ଠାନ ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡମେକର), ନସିପୁର, ବଡ ମୂଳବସନ୍ତ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ାର ଚିତ୍ତାକର୍ଷକ ରଥନୃତ୍ୟ ଲୋକାର୍ପିତ ହୋଇଯାଇଛି ଦେବଗଡ଼ ଗୋହିରା ମହୋତ୍ସବ ଉଦଘାଟନୀ ସମାରୋହରେ। ଗଡମେକର୍ ପ୍ରତିଷ୍ଠାତା-ନିର୍ଦ୍ଦେଶକ ଗୀତିକବି ତଥା ଗୁରୁଶ୍ରୀ ସୁଶାନ୍ତ କୁମାର ପାଣିଙ୍କ ସୁମଧୁର ସଂଯୋଜନା ତଥା ଗୁରୁ କସ୍ତୁରୀ ଚରଣ ବେହେରା ଏବଂ ଗୁରୁ ବିଜୟ କୁମାର ଦାଶଙ୍କ ନିର୍ଦ୍ଦେଶନାରେ ଲୋକାର୍ପିତ ଏହି ମହାର୍ଘ୍ୟ ଭକ୍ତି ରସାତ୍ମକ ଓଡ଼ିଶୀ ନୃତ୍ୟାଞ୍ଜଳି ସମବେତ ଦର୍ଶକମଣ୍ଡଳୀଙ୍କୁ ମନ୍ତ୍ରମୁଗ୍ଧ କରିପାରିଛି। ଗଡମେକର୍ କଳାତ୍ମକ ବିଶେଷତ୍ୱରେ ସ୍ଥାନ ପାଇଥିବା ସୁପ୍ରସିଦ୍ଧ ରଥନୃତ୍ୟ ଥିଲା ମହୋତ୍ସବ ଉଦଘାଟନୀ ସମାରୋହରେ ଆକର୍ଷଣର କେନ୍ଦ୍ରବିନ୍ଦୁ। ଭଜନ ସମ୍ରାଟ ଭିକାରୀ ବଳଙ୍କ ଲୋକପ୍ରିୟ ରଥଗୀତ ତାଳେ ତାଳେ ଶିଳ୍ପୀମାନେ ମଞ୍ଚସ୍ଥ କରିଥିଲେ ମହାପ୍ରଭୁଙ୍କୁ ପହଣ୍ଡି ବିଜେ ଓ ରଥଯାତ୍ରା। ପରେ ପରେ ଆୟୋଜକଙ୍କ ଦ୍ୱାରା ଗଡମେକର୍ ଶିଳ୍ପୀଙ୍କୁ ଉପଢୌକନ ଓ ଅଙ୍ଗବସ୍ତ୍ର ସହିତ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଭୁବନେଶ୍ୱର ଦୂରଦର୍ଶନର ସ୍ୱୀକୃତିପ୍ରାପ୍ତ ଗଡମେକର୍ ନୃତ୍ୟଶିଳ୍ପୀ ସୁଶ୍ରୀ ବୈଶାଖୀ ରାଉତଙ୍କ ସହିତ ସ୍ୱନାମଧନ୍ୟା ଶିଳ୍ପୀ ବିଶ୍ୱମୋହିନୀ ଦାସ, ବର୍ଷାରାଣୀ ମଲିକ, ଶୁଭଶ୍ରୀ ସେଠୀ, ପୂଜା ମଲିକ, ପ୍ରିୟାଂଶୀ ମଲିକ, ପ୍ରତୀକ୍ଷା ବାରିକ, ଶିବାନୀ ବେହୁରା ପ୍ରମୁଖଙ୍କ ଉଚ୍ଚାଙ୍ଗ ନୃତ୍ୟ କଳାପାଟବତା ଥିଲା ବାସ୍ତବିକ ଉଲ୍ଲେଖନୀୟ।

# ବିଦ୍ୟାଳୟରେ ଉତ୍ତମ ପରିବେଶ ରକ୍ଷା ଉପରେ ଗୁରୁତ୍ୱ

**ରମ୍ଭା, ନ୍ୟୁଜ ବ୍ୟୁରୋ**




ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଞ୍ଜାମ, ପକ୍ଷରୁ ନବମ ଅଭିମୁଖୀକରଣ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ ଆନୁଷ୍ଠାନିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ସର୍ବ ପ୍ରଥମେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରତିଷ୍ଠାନର ଅଧ୍ୟକ୍ଷ ଡଃ ସନ୍ତୋଷ କୁମାର ପରିଡା ଭକ୍ତିପୂତ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସି ଆର ସିସି ରାଜେନ୍ଦ୍ର କୁମାର ବିଷୋୟୀ ଦୀପ ମନ୍ତ୍ର ଶ୍ଳୋକ ଉଚ୍ଚାରଣ କରିଥିଲେ । ଅନୁଷ୍ଠିତ ବୈଠକରେ ସମସ୍ତ ସି ଆର ସି ସି ଙ୍କୁ ସ୍ୱାଗତ ଅଭିନନ୍ଦନ ଜଣାଇଥିଲେ ପ୍ରତିଷ୍ଠାନର ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ପରିଡା । ବିଗତ ଦିନରେ ସମାହିତ ହୋଇଥିବା ଆଠଗୋଟି ମାସିକ କ୍ଲଷ୍ଟର ସ୍ତରୀୟ ବୈଠକର ବିଦ୍ୟାଳୟ ସ୍ତରୀୟ ବିକାଶ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସୁସମ୍ପର୍କ, ଶ୍ରେଣୀ ତଦାରଖ, ବିଦ୍ୟାଳୟ ଗୁଡ଼ିକରେ ବିଭିନ୍ନ ସୁବିଧା ସୁଯୋଗର ସଫଳ ରୂପାୟନ, ବିଦ୍ୟାଳୟ ପରିବେଶକୁ ସୁଧାରିବାରେ ଯତ୍ନବାନ ହେବା, ପ୍ରବେଶ ଉତ୍ସବରେ ସାମିଲ ହୋଇ ଖଡ଼ି ଛୁଆଁ କାର୍ଯ୍ୟକ୍ରମକୁ ଉଜ୍ଜୀବିତ ରଖିବା, ଦକ୍ଷତା ଅଭିବୃଦ୍ଧିରେ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକର ଭୂମିକା ଆଦି ବହୁବିଧ ଦିଗ ସମ୍ପର୍କରେ ଅଧ୍ୟକ୍ଷ ଡକ୍ଟର ପରିଡା ଆଲୋକପାତ କରିଥିଲେ । ବରିଷ୍ଠ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା ପ୍ରୋତ୍ସାହନମୂଳକ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଶିକ୍ଷିକା ଲିପି ଶ୍ରୀ ଦେବୀ, ପ୍ରଜ୍ଞା ପାରମିତା, କଲ୍ୟାଣୀ କୁମାରୀ ଗୌଡ, ଭାବିଲିତା ନାୟକ, ଅନୁପମା ଦାସ, ବବିତା ସିଂ ନାୟକ, ଜୟନ୍ତୀ ବେହେରାଙ୍କ ସମେତ ପ୍ରଶିକ୍ଷକ ସୁକୁଲେଇ ଟୁଡୁ ପ୍ରମୁଖ ପ୍ରଶିକ୍ଷଣରେ ସାମିଲ ଥିଲେ । ବିଭିନ୍ନ କ୍ଲଷ୍ଟରରୁ ଆସିଥିବା ସିଆରସିସି ମାନେ ଗତ ଆଠମାସ ହେଲା ଅନୁଷ୍ଠିତ ହୋଇସାରିଥିବା ମାସିକ ବୈଠକକୁ ଡକ୍ୟୁମେଣ୍ଟେସନ କରି ଉପସ୍ଥାପନ କରିବା ସହିତ ପୋଷ୍ଟର ତିଆରି କରିଥିଲେ । ବରିଷ୍ଠ ସେକ୍ସନ ଅଧିକାରୀ ପ୍ରବେଶ କୁମାର ପଟ୍ଟନାୟକ, କନିଷ୍ଠ କିରାଣୀ ଆଶିଷ ରଞ୍ଜନ ସେଠୀ, ନିରୂପମା ପ୍ରଧାନ, ଜୟ ଶଙ୍କର ଗୌଡ, ସୁକାନ୍ତି ସେଠୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଅଗ୍ନିବୀର ଯୋଜନା ଉପରେ ସଚେତନତା କାର୍ଯ୍ୟକ୍ରମ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ, କେନ୍ଦ୍ରାପଡା ଓ ଜିଲ୍ଲା ପ୍ରଶାସନର ସହଯୋଗରେ ଭାରତୀୟ ସେନାର ଅଗ୍ନିବୀର ଯୋଜନା ସମ୍ପର୍କରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି । ମେଜର ଅଶ୍ୱିନୀ ଓ ଅନ୍ୟାନ୍ୟ ସେନା ଅଧିକାରୀମାନେ ଯୋଗଦେଇ ଅଗ୍ନିବୀର ଯୋଜନାର ଯୋଗ୍ୟତା, ନିଯୁକ୍ତି ପ୍ରକ୍ରିୟା, ସୁବିଧା ଓ କ୍ୟାରିୟର ସୁଯୋଗ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମ ଓଲାଭର ଡିଗ୍ରୀ କଲେଜ, ଶୈଳେନ୍ଦ୍ର ନାରାୟଣ ଡିଗ୍ରୀ କଲେଜ, ସରକାରୀ ଆଇଟିଆଇ ରାଜକନିକା, ଏସଆଇପିଟି ସରକାରୀ ଆଇଟିଆଇ ପଟ୍ଟାମୁଣ୍ଡାଇ ଏବଂ ସରକାରୀ ପଲିଟେକ୍ନିକ ଛତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ନିଯୁକ୍ତି ଅଧିକାରୀ କୃଷ୍ଣ ଚନ୍ଦ୍ର ସାହୁ ଏବଂ ସିଏମଏସଡିଏଫ୍ ଶ୍ରଦ୍ଧାଞ୍ଜଳି ପ୍ରଧାନ ସକ୍ରିୟ ସହଯୋଗ କରିଥିଲେ।



# ପ୍ରାକୃତିକ ଦୁର୍ବିପାକର ସକ୍ରୀୟ ମୁକାବିଲାର ସମୀକ୍ଷା

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**




କେନ୍ଦ୍ରାପଡା ଜିଲ୍ଲାରେ ଆଗାମୀ ଗ୍ରୀଷ୍ମତାପ, କାଳ ବୈଶାଖୀ ଓ ଅନ୍ୟାନ୍ୟ ଦୁର୍ବିପାକ ପାଇଁ ଏ ବୈଠକ ଜିଲ୍ଲାପାଳ ରଘୁରାମ ଆର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି ଭର୍ଚୁଆଲ ମାଧ୍ୟମରେ ଓଡ଼ିଶାର ରାଜସ୍ୱ ମ ପୂଜାରୀ ଉପସ୍ଥିତ ଥିବା ସମସ୍ତ ଜିଲ୍ଲା ସ୍ତରୀୟ ମାନଙ୍କ ସହିତ ଆଲୋଚନା କରିଥିଲେ । ଅଂଶୁଘାତ ପାଇଁ ଆଇଏମଡି ତରଫରୁ ବୈଜ୍ଞାନିକ ମନୋରମା ମହାନ୍ତି ସନ୍ଦର୍ଭ ଉପସ୍ଥାପନ କରିଥିଲେ । ପରେ ଏସଆରସିଙ୍କ ସନ୍ଦର୍ଭର ପ୍ଲାନ ଉପରେ ଆଲୋଚନା କରାଯାଇଥିଲା । ସକାଳ ୧୧ଟାରୁ ଦିନ ୩ଟା ୩୦ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ସମୟରେ ବସ୍, ଟ୍ରକ୍, ଟ୍ରେକର, ଅଟୋ ଏବଂ ଯାତ୍ରୀବାହୀ ସମସ୍ତ ଗାଡି ଓ ମାଲଗାଡି ଗୁଡିକ ଉପରେ କଟକଣା ଜାରି କରାଯାଇଛି । ଯାତ୍ରୀ ମାନଙ୍କୁ ନେଇ ଯାତାୟତ କରୁଥିବା ସମସ୍ତ ଗାଡି ଗୁଡିକ ଯାତ୍ରୀଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବେ । ଏଥି ସହିତ ଜିଲ୍ଲାର ବିଭିନ୍ନ ଗ୍ରାମାଂଚଳରେ ଥିବା ପାନୀୟ ଜଳ ସମସ୍ୟା ସ୍ଥାନ ମାନଙ୍କରେ ଟ୍ୟାଙ୍କର ଯେଗେ ପାନୀୟ ଜଳ ଯୋଗାଇବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ... ଦେଖି ଜିଲ୍ଲାପାଳଙ୍କୁ ସ୍କୁଲ କଲେଜ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ କରିବା ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆବଶ୍ୟକ ପଡିଲେ ଜିଲ୍ଲପାଳ ଗ୍ରୀଷ୍ମତାପ ଓ ଅଂଶୁଘାତ ଜନିତ ସମସ୍ୟାକୁ ଉପଲବ୍ଧ କରି ନିଜେ ପଦକ୍ଷେପ ନେଇ ପାରିବେ ବୋଲି ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଆୟୋଜିତ ଏହି ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଏଡିଏମଓ ସଚ୍ଚିଦାନନ୍ଦ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଜରୁରୀ କାଳୀଣ ଅଧିକାରୀ ନିତ୍ୟାରଂଜନ ସାମଲ, ଅଜୟ କୁମାର ମହାଁ ପ୍ରମୁଖ ଉପସ୍ଥିତ ଥିଲେ ।

# ଭତ୍ତା ଅପେକ୍ଷାରେ ଗଞ୍ଜାମ ଜିଲ୍ଲାର ୬୫ ହଜାର ହିତାଧିକାରୀ

**ବ୍ରହ୍ମପୁର,ନ୍ୟୁଜ ବ୍ୟୁରୋ**



ବୟସର ଅପରାହ୍ନରେ ସରକାରୀ ସହାୟତାର ତଥା ବାର୍ଦ୍ଧକ୍ୟ ଭତ୍ତା ଆଶା ନେଇ ଗଞ୍ଜାମ ଜିଲ୍ଲାର ହଜାର ହଜାର ବୃଦ୍ଧ, ବୃଦ୍ଧା ଓ ଦିବ୍ୟାଙ୍ଗ ମାସାଧିକ ଅପେକ୍ଷାରେ ଦିନ କାଟୁଛନ୍ତି । ଏଭଳି ଭାବେ ଦିନ ପରେ ଦିନ ଗଡୁଛି । ସେମାନଙ୍କ ଆଶା ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ । ଜିଲ୍ଲାରେ ମଧୁ ବାବୁ ପେନ୍‌ସନ୍ ଯୋଜନା ଭତ୍ତା ପାଇବା ଅପେକ୍ଷାରେ ୬୫ହଜାର୫୫ ଜଣ ହିତାଧିକାରୀ ରହିଛନ୍ତି । ଏହା ସହିତ ୮୦ ବର୍ଷରୁ ଉର୍ଦ୍ଧ୍ୱ ୫୦୬ ଜଣ ବୃଦ୍ଧ ମଧ୍ୟ ଏହି ଯୋଜନାର ଲାଭ ପାଇପାକୁ ଆଶା ରହିଛନ୍ତି । ଏହା ସହ ଭିନ୍ନକ୍ଷମ ଭତ୍ତା ପାଇଁ ମଧ୍ୟ ଜିଲ୍ଲା ମୋଟ ୨୬୮ ଜଣ ହିତାଧିକାରୀ ଅପେକ୍ଷାରେ ରହିଥିବା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାସଭାରେ ଉତ୍ତର ରଖିଛନ୍ତି । ଏହି ବର୍ଗର ଲୋକମାନଙ୍କ ପାଇଁ ଭତ୍ତା ହେଉଛି ଜୀବନଜୀବିକାର ମୂଳ ଆଧାର । କିନ୍ତୁ ବିଳମ୍ବ ସେମାନଙ୍କ ଜୀବନକୁ କଷ୍ଟକର କରିଦେଇଛି । ଏମ୍‌ବିପିୱାଇ ଯୋଜନା ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧ ଓ ବୃଦ୍ଧା ଏବଂ ଭିନ୍ନକ୍ଷମ ଭତ୍ତା ବାବଦକୁ ୮୦ ଭାଗରୁ ଅଧିକ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ମାସିକ ୩ ହଜାର ୫ଶହ ଟଙ୍କା ପ୍ରଦାନ କରାଯାଉଛି । କିନ୍ତୁ ଉପରୋକ୍ତ ହିତାଧିକାରୀମାନେ ଦୀର୍ଘ ମାସ ହେବ ଭତ୍ତା ନିମନ୍ତେ ଆବେଦନ କରିଥିବା ବେଳେ ଏପର୍ଯ୍ୟନ୍ତ ସେମାନେ ଟଙ୍କା ପାଇନାହାନ୍ତି । ଏଭଳି ଭାବେ ଗଞ୍ଜାମ ଜିଲ୍ଲାରେ ବିଭିନ୍ନ ବର୍ଗର ମୋଟ ୬୫ ହଜାର ୮୨୯ ଜଣ ହିତାଧିକାରୀ ଭତା ଆପେକ୍ଷାରେ ରହିଛି । ସରକାରୀ ସହାୟତା ଉପରେ ନିର୍ଭରଶୀଳ ଏହି ଲୋକମାନଙ୍କ ପାଇଁ ବିଳମ୍ବରେ ଭତା ପ୍ରଦାନ ଅର୍ଥନୈତିକ ସମସ୍ୟାକୁ ଆହୁରି ଜଟିଳ କରିଛି । ବୃଦ୍ଧ ଓ ଅସହାୟ ଲୋକମାନଙ୍କ ପାଇଁ ଏହି ଭତା ଯେଉଁଠାରେ ଜୀବନର ଆଶା ହୋଇଥିବା ବେଳେ ଏହାର ବିଳମ୍ବ ସେମାନଙ୍କ ପାଇଁ ଦୁଃଖର କାରଣ ହୋଇ ରହିଛି । ଯୋଜନାର ନିୟମ ନୀତି ଅନୁଯାୟୀ ହିତାଧିକାରୀ ମାନେ ଉପଯୁକ୍ତ ରହିଥିବା ବେଳେ ପ୍ରକୃତ ଲାଭ ପାଇବାରେ ବିଳମ୍ବ ହେବାରୁ ବୃଦ୍ଧ ଏବଂ ଭିନ୍ନକ୍ଷମ ଲୋକମାନେ ଅନେକ କଷ୍ଟ ସହିବାକୁ ବାଧ୍ୟ ହେଉଥିବା ଅଭିଯୋଗ ହୋଇଛି । ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତର ସହ ଗ୍ରହଣ କରିବା ସହ ଯୋଗ୍ୟ ହିତାଧିକାରୀଙ୍କୁ ଯଥାଶୀଘ୍ର ଭତା ମଞ୍ଜୁର କରିବାକୁ ଦାବି ଉଠିଛି । ଏନେଇ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଆବେଦନଗୁଡ଼ିକ ଯାଞ୍ଚ ପ୍ରକ୍ରିୟାରେ ରହିଛି ଏବଂ ଶୀଘ୍ର ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ଦେବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ।

# କେନ୍ଦୁଝରରେ ବ୍ଲକ ଓ ମଣ୍ଡଳ ସ୍ତରୀୟ ପ୍ରତିଭା ଅନ୍ୱେଷଣ



କେନ୍ଦୁଝର, (ନ୍ୟୁଜ) କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଆଜି କେନ୍ଦୁଝର ଜିଲ୍ଲାର ୫ଟି ପ୍ରମୁଖ କେନ୍ଦ୍ରରେ 'ବ୍ଲକସ୍ତରୀୟ ତଥା ମଣ୍ଡଳସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ-୨୦୨୬' ସଫଳତାର ସହ ଆୟୋଜିତ ହୋଇଯାଇଛି। ଜିଲ୍ଲାର କୋଣ ଅନୁକୋଣରେ ଲୁଚି ରହିଥିବା କ୍ରୀଡ଼ା ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚୟନ ଶିବିର ଆୟୋଜନ କରାଯାଇଛି। କେନ୍ଦୁଝରଗଡସ୍ଥିତ ଡି.ଡି. ସ୍ପୋର୍ଟସ କମ୍ପ୍ଲେକ୍ସ, ହରିଚନ୍ଦନପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ସାହାରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟ ଏବଂ ତେଲକୋଇ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଏହି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟତଃ ଆଥଲେଟିକ୍ସ, ଖୋ-ଖୋ ଏବଂ ଭଲିବଲ୍ ଭଳି କ୍ରୀଡ଼ା ଶୃଙ୍ଖଳାରେ ପ୍ରତିଭା ଚୟନ କରାଯାଇଛି। ୮ ରୁ ୧୪ ବର୍ଷ ବୟସ୍କ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ବେଶ୍ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ସକାଳ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶତାଧିକ କ୍ରୀଡ଼ାବିତ୍ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ସ୍ଥାନୀୟ କ୍ରୀଡ଼ା ଶିକ୍ଷକ ଓ ବିଭାଗୀୟ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛ ଭାବେ ଏହି ଚୟନ ପ୍ରକ୍ରିୟା ସମାପ୍ତ ହୋଇଛି। ରାଜ୍ୟ ସରକାରଙ୍କ ଏହି ଅଭିନବ ପ୍ରୟାସ ଦ୍ୱାରା କେନ୍ଦୁଝର ଜିଲ୍ଲାର ଗ୍ରାମାଞ୍ଚଳରୁ ଆଗାମୀ ଦିନରେ ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କ୍ରୀଡ଼ାବିତ୍ ସୃଷ୍ଟି ହୋଇପାରିବେ ବୋଲି ସରୋଜ କୁମାର ମଲ୍ଲିକ ଆଶା ପ୍ରକାଶ କରିଛନ୍ତି।

# 'ଯଯାତି ୨୦୨୬' ପାଇଁ ଧର୍ମଶାଳାରେ ପାଳନ ହେଲା ପଥୋତ୍ସବ

**ବ୍ୟାସନଗର,ନ୍ୟୁଜ ବ୍ୟୁରୋ**



ଜିଲ୍ଲା ମହୋତ୍ସବ ଯଯାତି ୨୦୨୬ ଉପଲକ୍ଷେ ଧର୍ମଶାଳା ବ୍ଲକରେ ପ୍ରଶାସନ ପକ୍ଷରୁ ପଥ ଉତ୍ସବ ଆୟୋଜିତ ହୋଇଛି। ମହୋତ୍ସବର ମାହୋଲକୁ ଆହୁରି ମନୋରଞ୍ଜନଧର୍ମୀ କରିବା ତଥା ସାରା ଜିଲ୍ଲାରେ ଲୋକଙ୍କ ନିକଟରେ ଏହାକୁ ପହଞ୍ଚାଇବା ଉଦ୍ଦେଶ୍ୟ ନେଇ ପଥ ଉତ୍ସବ ହୋଇଥିଲା। ଜିଲ୍ଲାପାଳ ଅମ୍ବର କୁମାର କର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥିରେ ବହୁ ସଂଖ୍ୟାରେ ଜନସାଧାରଣ ସାମିଲ ହୋଇ ପଥ ଉତ୍ସବର ବେଶ୍ ମଜା ନେଇଥିଲେ। ଲୋକନୃତ୍ୟ, ସଙ୍ଗୀତ ସାଙ୍ଗକୁ ଢୋଲ, ମୃଦଙ୍ଗ, ସଂକୀର୍ତ୍ତନ ଓ ପାରମ୍ପରିକ ଲୋକବାଦ୍ୟର ତାଳେତାଳେ ଧର୍ମଶାଳାବାସୀ ନାଚିଥିଲେ ଝୁମିଥିଲେ। ଲୋକକଳାର ପ୍ରଦର୍ଶନ ପାଇଁ ଏକ ପ୍ରମୁଖ ପ୍ଲାଟଫର୍ମ ସାଜିଥିଲା ଏହି ପଥ ଉତ୍ସବ। କଳାକାରମାନେ ମୁଖା ଏବଂ ପୌରାଣିକ ଦେବାଦେବୀଙ୍କ ପୋଷାକ ପରିଧାନ କରି ନାଗାନୃତ୍ୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମଞ୍ଚ ଉପରେ ସଙ୍ଗୀତର ଆସର ଜମିଥିଲା। କଳାକାରମାନେ ଓଡ଼ିଶୀ, ଡାଲଖାଇ ଭଳି ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷୟତ୍ରୀ ଏବଂ ଆଇସିଡିଏସ କର୍ମଚାରୀମାନେ ପଥରେ ଅତି ସୁନ୍ଦର ରଙ୍ଗୋଲି ଓ ଝୋଟି ଆଙ୍କିଥିଲେ। କୁନି କୁନି ପିଲାମାନଙ୍କ ଖୁସି ପାଇଁ ଗେମ୍ ଜୋନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ସେଲ୍ଫି ଜୋନରେ ଫୋଟ ନେବା ପାଇଁ ଲୋକଙ୍କ ଉତ୍ସାହ ଦେଖିବାକୁ ମିଳିଥିଲା। ଏହାସହ କଳାକାର ଏବଂ କ୍ରୀଡାବିତମାନେ ସମର କଳା, ପିରାମିଡ୍, ଜୁଡୋ, କରାଟେ, ଚକ୍ର ବନାଟି, ମାଲ ଖମ୍ବ ଭଳି ଶାରୀରିକ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ଧର୍ମଶାଳାରେ ପଥ ଉତ୍ସବ ଜିଲ୍ଲା ମହୋତ୍ସବକୁ ଆହୁରି ରଙ୍ଗିନ କରିବା ସହ ଜିଲ୍ଲାବାସୀଙ୍କ ଉତ୍ସାହକୁ ବହୁଗୁଣିତ କରିଛି। ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶରତ ଚନ୍ଦ୍ର ପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ, ସମାଜସେବୀ ମିନତି ସାହୁ, ବିଡ଼ିଓ ଜ୍ୟୋତିର୍ମୟ କର, ତହସିଲଦାର ସମୀର ଦାସ, ଅତିରିକ୍ତ ତହସିଲଦାର, ମେଡିକାଲ ଅଫିସର, ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।





# ଗଞ୍ଜାମରେ ମାସକୁ ୭ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ମହିଳାଙ୍କ ସୁରକ୍ଷାକୁ ସରକାର ଗୁରୁତ୍ୱ ଦେଉଥିବା ନେଇ ଡିଣ୍ଡିମ ପିଟୁଛନ୍ତି । ହେଲେ ଅପରାଧ କ୍ଷେତ୍ରରେ ୧ ନମ୍ବର ସାଜିଥିବା ଗଞ୍ଜାମ ଜିଲ୍ଲାରେ ମହିଳା ଅସୁରକ୍ଷିତ ଥିବା ସ୍ପଷ୍ଟ ହୋଇଛି । ଲାଗୁଛି ସତେ ଯେମିତି ମହିଳାଟିଏ ଏଠାରେ ଘରୁ ବାହାରକୁ ପାଦ କାଢ଼ିବା ବିପଦ । ଏକଥା ଆମେ କାହୁଁ ନାହୁଁ ବରଂ ପୋଲିସର ରେକର୍ଡ଼ ଅନୁଯାୟୀ ଥାନାର ମାମଲା ସଂଖ୍ୟା ଓ ପୀଡ଼ିତାଙ୍କ ସଂଖ୍ୟା ହିଁ ଏଭଳି ଘଟଣାର ନଗ୍ନଚିତ୍ର ବଖାଣୁଛି । ରାଜନେତା ତଥା ନିର୍ବାଚିତ ଜନ ପ୍ରତିନିଧିମାନେ କାହିଁକି ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରୁନାହାନ୍ତି ତାହା ଏବେ ପ୍ରଶ୍ନବାଚୀ । ୨୦୨୫ ବର୍ଷର ଅପରାଧ ରେକର୍ଡ଼ ସମସ୍ତଙ୍କ ମୁଖା ଖୋଲି ଦେଇଛି । ସମଗ୍ର ରାଜ୍ୟରେ ମୋଟ୍ ୨୮୧୮ଟି ମହିଳା ହିଂସା ସମ୍ପର୍କିତ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି । ସେଥିରୁ ଗଞ୍ଜାମ ପୋଲିସ ଜିଲ୍ଲାରେ କେବଳ ୨୮୭ଟି ମାମଲା ଦାୟର ହୋଇଥିବା ଜଣାପଡ଼ିଛି । ସେହିଭଳି ଗଞ୍ଜାମ ପୋଲିସ ଜିଲ୍ଲାରେ ୧୧୩ଟି ଦୁଷ୍କର୍ମ ମାମଲା ଥାନାରେ ଦାଏର ହୋଇଛି । ଗ୍ରାମାଞ୍ଚଳରେ ଏତେ ସଂଖ୍ୟକ ଦୁଷ୍କର୍ମ ମାମଲା କାହିଁକି ରୁଜୁ ହେଉଛି ତାହାର କାରଣ ସ୍ପଷ୍ଟ ହୋଇପାରୁନି । ସେହିପରି ବ୍ରହ୍ମପୁର ପୋଲିସ ଜିଲ୍ଲାରେ ୮୧ଟି ଦୁଷ୍କର୍ମ ଓ ୪୮ଟି ଅସଦାଚରଣ ମାମଲା ରୁଜୁ ହୋଇଛି । ଗ୍ରାମାଞ୍ଚଳ ଭଳି ସହରରେ ମଧ୍ୟ ମହିଳାମାନେ ନିଜକୁ ଅସୁରକ୍ଷିତ ମଣୁଥିବା ଏଥିରୁ ସ୍ପଷ୍ଟ ହେଉଛି । ସମଗ୍ର ଜିଲ୍ଲାରେ ବର୍ଷକରେ ୧୯୪ ଜଣ ଦୁଷ୍କର୍ମର ଶିକାର ହୋଇଛନ୍ତି । ଏଭଳି ସ୍ଥଳେ ଆଉ କିଛି ଘଟଣାରେ ପୀଡ଼ିତା ଓ ସେମାନଙ୍କ ସମ୍ପର୍କୀୟ ଲୋକ ଲଜ୍ଜାରୁ ଘଟଣାକୁ ଚପାଇବାକୁ ଉଦ୍ୟମ କରିବେ ତାହାହେଲେ ଏହି ସଂଖ୍ୟା ଆହୁରି ଅଧିକ ହେବ । ମୋଟାମୋଟି ଭାବେ ଦେଖିବାକୁ ଗଲେ ଗଞ୍ଜାମ ଜିଲ୍ଲାରେ ମାସକୁ ହାରାହାରି ୭ ଜଣ ଦୁଷ୍କର୍ମର ଶିକାର ହେଉଛନ୍ତି । ଏହାକୁ ବାଦ୍ ଦେଲେ ଦୁଷ୍କର୍ମ ଉଦ୍ୟମ, ଅସଦାଚରଣ, ଯୌନ ଶୋଷଣ, ସର୍ବସାଧାରଣରେ ଅପମାନିତ, କମେଣ୍ଟମାରା, ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା, ଯୌନ ସମ୍ପର୍କ ପରେ ବିବାହ ନକରିବା ଆଦି ଭଳି ସଙ୍ଗୀନ ମାମଲା ବି ଥାନାକୁ ଆସୁଛି । ୫୫ ଜଣ ମହିଳାଙ୍କୁ ଅଭିଯୁକ୍ତମାନେ ବିବାହର ପ୍ରତିଶ୍ରୁତି ଦେଇ ଯୌନ ଶୋଷଣ କରିବା ସହିତ ପ୍ରତାରଣା କରିଥିବା ଜଣାପଡ଼ିଛି । ୧୫୯ ଜଣ ମହିଳା ସର୍ବସାଧାରଣରେ ଅପମାନିତ ହୋଇଥିବାବେଳେ ୪୦୮ ଜଣ ଅପହରଣର ଶିକାର ହୋଇଛନ୍ତି । ବ୍ରହ୍ମପୁର ପୋଲିସ ଜିଲ୍ଲାରେ ଗୋପାଳପୁର ଗଣଦୁଷ୍କର୍ମ ଓ ଗଞ୍ଜାମ ପୋଲିସ ଜିଲ୍ଲାରେ ୭ ବର୍ଷର ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଭଳି ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଉପ ମୁଖ୍ୟମନ୍ତ୍ରୀ ଗୋପାଳପୁର ଘଟଣା ପରେ ଜିଲ୍ଲା ଗସ୍ତରେ ଆସି ମହିଳା ସୁରକ୍ଷାକୁ ସୁନିଶ୍ଚିତ କରାଇଥିଲେ । ସାଧନ ଓ ସୁରକ୍ଷାକର୍ମୀ ଆଇ ମଧ୍ୟ ଗାଁରୁ ସହର ପର୍ଯ୍ୟନ୍ତ ସବୁଠି ଯଦି ମହିଳା ହିଂସା ବଢ଼ିବ ତେବେ ଆଗକୁ ମହିଳାମାନେ ଘରୁ ବାହାରିବାକୁ ଗୋଡ଼ କାଢ଼ିବା ପୂର୍ବରୁ ବହୁଥର ଚିନ୍ତା କରିବେ । ଏଣୁ ମହିଳାଙ୍କ ସୁରକ୍ଷା ନେଇ ଭାଷଣବାଜି ନକରି ସୁରକ୍ଷା ଓ କାର୍ଯ୍ୟାନୁଷ୍ଠାନ ପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି ।

# ଧାମନଗରରେ ବିକାଶର ନୂଆ ଫର୍ଦ୍ଦ

## ଏକାଧିକ ସେତୁ, ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜଳ ପ୍ରକଳ୍ପ ଲୋକାର୍ପିତ



**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରି ଅନେକ ଜନହିତକର ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଗୋବିନ୍ଦପୁର ଠାରେ କପାଳି ନଦୀ ଉପରେ ଏଲ୍-୭୧ରୁ ଇଛାପୁର ରାସ୍ତାରେ ନିର୍ମିତ ନୂତନ ସେତୁ ଲୋକାର୍ପିତ ହୋଇଛି । ଏଥିସହ ଗଡ଼ିଆଳି ପଞ୍ଚାୟତରେ ରେବ ନଦୀ ଉପରେ ବହୁ ପ୍ରତୀକ୍ଷିତ କାକୁଡ଼ିଗଡ଼ିଆ ସେତୁର ଶିଳାନ୍ୟାସ କରାଯାଇଛି । ଭଟ୍ଟସାହି ପଞ୍ଚାୟତରେ 'ସେତୁ ବନ୍ଧନ ଯୋଜନା'ରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଉପରେ ଏକାଧିକ ସେତୁ ଏବଂ ନଦୀ ତଟ ସୁରକ୍ଷା ପ୍ରାଚୀର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଏହି ପ୍ରକଳ୍ପଗୁଡ଼ିକ ଅଞ୍ଚଳରେ ଶିକ୍ଷା ଓ ବାଣିଜ୍ୟର ବିକାଶ ସହ ହଜାର ହଜାର ଲୋକଙ୍କ ଗମନାଗମନ ସମସ୍ୟାର ସ୍ଥାୟୀ ସମାଧାନ କରିବ । ବିଶ୍ୱ ଜଳ ଦିବସ ଅବସରରେ ଖପରପଦା ପଞ୍ଚାୟତରେ 'ଜଳ ଜୀବନ ମିଶନ' ଅଧୀନରେ ୧.୫ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ପାଣିଟାଙ୍କିର ଉଦ୍‌ଘାଟନ ହୋଇଛି । 'ଜଳ ଅର୍ପଣ' କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିଟି ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ସରକାରଙ୍କ ଲକ୍ଷ୍ୟ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ସେହିପରି ଖଡ଼ିପଦା ପଞ୍ଚାୟତରେ ପାଣି ଟାଙ୍କି ଉଦ୍‌ଘାଟନ ସହ ଜଳ ଅର୍ପଣ ଦିବସ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ କୋଠାର ପଞ୍ଚାୟତ ଯାତ୍ରୀ ବିଶ୍ରାମାଗାର ଠାରେ ଶୀତଳ ପାନୀୟ ଜଳ ବ୍ୟବସ୍ଥାର ମଧ୍ୟ ଶୁଭାରମ୍ଭ କରାଯାଇଛି । ଗ୍ରାମାଞ୍ଚଳରେ ଗୁଣାତ୍ମକ ଚିକିତ୍ସା ପାଇଁ ଅସୁରାଳି ଠାରେ ୭୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ତଥା 'ଆୟୁଷ୍ମାନ ଆରୋଗ୍ୟ ମନ୍ଦିର' ଉଦ୍‌ଘାଟିତ ହୋଇଛି । ଏହାସହ ଖଡ଼ିମାହାରା ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି । ଏହି ସମସ୍ତ କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ସମେତ ବିଭାଗୀୟ ଅଧିକାରୀ ଓ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ । ବିକଶିତ ଧାମନଗର ଗଠନ ଦିଗରେ ଏହି ଅଭିଯାନ ନିରନ୍ତର ଜାରି ରହିବ ବୋଲି ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

# ସଡ଼କ ଦୁର୍ଘଟଣାରେ ଯୁବକଙ୍କ ହାତ କଟିଲା

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର କୋରାଇ ଥାନା ଅନ୍ତର୍ଗତ ପଛୀକୋଟ ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଦୁର୍ଘଟଣାରେ ଜଣେ ଗୁରୁତର ଆହତ ହୋଇଥିବା ବେଳେ ଆଉଜଣଙ୍କ ଶରୀରରୁ ହାତ ଅଲଗା ହୋଇଯାଇଛି । ଉଭୟଙ୍କୁ ଯାଜପୁର ରୋଡ଼ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି । ସୂଚନା ମୁତାବକ ସକାଳ ଆଠଟା ସମୟରେ ପଛୀକୋଟ ରାସ୍ତାରେ ଦୁଇଜଣ ଯୁବକ ମଦ୍ୟପାନ କରି ଏକ ବାଇକ୍ ଦ୍ୱାରା ଦ୍ରୁତଗତିରେ ଯାଉଥିଲେ । କୌଣସି କାରଣରୁ ହଠାତ୍ ବାଇକ୍‌ଟି ସ୍ଲିପ୍ କରିଯାଇଥିଲା ଏବଂ ବାଇକ୍‌ଟି ଭାରସାମ୍ୟ ହରାଇ ଏକ ତାର ବାଡ଼ରେ ମାଡ଼ ହୋଇଥିଲା । ଫଳରେ ଜଣେ ଯୁବକ ଗୁରୁତର ହୋଇଥିବା ବେଳେ ଅନ୍ୟଜଣଙ୍କ ଡାହାଣ ହାତଟି ତାର ଦ୍ୱାରା କଟିଯାଇ ତାଙ୍କ ଶରୀରରୁ ଅଲଗା ହୋଇଯାଇଛି । ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଯାଜପୁର ରୋଡ଼ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ ଏବଂ ଅଗ୍ନିଶମ ବିଭାଗ ଅଧିକାରୀ ତାପସ କୁମାର ମନ୍ତ୍ରୀଙ୍କ ନିର୍ଦ୍ଦେଶାନୁକ୍ରମେ ତୁରନ୍ତ ଘଟଣାସ୍ଥଳରେ ୧୧୨ ଅଗ୍ନିଶମ ବିଭାଗ ଆମ୍ବୁଲାନ୍ସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିବା ସହ ଯାଜପୁର ରୋଡ଼ ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲେ । ତେବେ ସେଠାରେ ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟ ଗୁରୁତର ହେବାରୁ ତାଙ୍କୁ କଟକ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି । ତେବେ ଆହତ ଦୁଜଣଙ୍କ ଘର ପୂର୍ବକୋଟ୍ ଅଞ୍ଚଳର ହୋଇଥିବା ବେଳେ ଜଣକ ନାଁ ଆକାଶ ପ୍ରଧାନ ଓ ଅନ୍ୟଜଣଙ୍କ ନାମ ଜଗନ୍ନାଥ ଦାସ ବୋଲି ଜଣାପଡିଛି ।

# ନିଖୋଜ ଛାତ୍ରୀଙ୍କ ମୃତ ଦେହ ଜଙ୍ଗଲରୁ ଉଦ୍ଧାର:କରଞ୍ଜିଆରେ ଆଲୋଡ଼ନ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

କରଞ୍ଜିଆ ଥାନା ଅଞ୍ଚଳର ବନସାହି ୱାର୍ଡ ନମ୍ବର ୧୫ ଠାରେ ସକାଳୁ ଏକ ଦୁଃଖଦ ଘଟଣା ସମଗ୍ର ଅଞ୍ଚଳକୁ ଆଚମ୍ବିତ କରିଛି । ୧୧ ବର୍ଷ ବୟସ୍କ ଜଣେ ଛାତ୍ରୀ, ଯିଏ ଶିଶୁ ବିଦ୍ୟା ମନ୍ଦିରରେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ, ତାଙ୍କର ମୃତ୍ୟୁ ଘଟିଛି । ଖବର ଅନୁସାରେ, ସନ୍ଧ୍ୟା ପ୍ରାୟ ୬.୩୦ରୁ ୭ଟା ମଧ୍ୟରେ ଝିଅଟି ନିଖୋଜ ହୋଇଯାଇଥିଲା । ଏହାପରେ ଘରଲୋକ ତୁରନ୍ତ କରଞ୍ଜିଆ ଥାନାରେ ଯାଇ ଏଫଆଇଆର୍ ଦାଖଲ କରିଥିଲେ । କିନ୍ତୁ ଘର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଥାନାର ଅଧିକାରୀମାନେ ଏହି ଘଟଣାକୁ ପ୍ରଥମେ ଗୁରୁତ୍ୱ ଦେଇନଥିଲେ । ସକାଳ ପ୍ରାୟ ୭ଟା ସମୟରେ, ବଣସାହି ଅଞ୍ଚଳର ନିକଟସ୍ଥ ଘଞ୍ଚ ଜଙ୍ଗଲରେ କରଞ୍ଜ କାଠି ଆଣିବାକୁ ଯାଇଥିବା ଚନ୍ଦୁ ତିରିଆ ନାମକ ଜଣେ ମହିଳା ଏକ ସନ୍ଦେହଜନକ ବୁରା ପଡ଼ିଥିବା ଦେଖିଥିଲେ । ସେ ଏହା ବିଷୟରେ ତାଙ୍କ ସ୍ୱାମୀ କଇରା ତିରିଆଙ୍କୁ ଜଣାଇଥିଲେ । ପରେ ବୁରା ଭିତରୁ ମୃତଦେହ ମିଳିବା ପରେ ସେମାନେ ମୃତ ନାବାଳିକାଙ୍କ ବାପା ଓ ଦାଦାଙ୍କୁ ସୂଚନା ଦେଇଥିଲେ । ଖବରପାଇ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକ ଶବକୁ ଚିହ୍ନଟ କରିଥିଲେ । ମୃତ ନାବାଳିକାଙ୍କ ବେକରେ ନାଲି ରଙ୍ଗର ଦାଗ ଥିବା ଦେଖାଯାଇଛି, ଯାହା ଘଟଣାକୁ ସନ୍ଦେହଜନକ କରୁଛି । ଘଟଣାର ସୂଚନା ପାଇ ପୋଲିସ ତୁରନ୍ତ ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ପରବର୍ତ୍ତୀ ତଦନ୍ତ ପାଇଁ ସାଇଣ୍ଟିଫିକ୍ ଟିମ୍‌କୁ ଡକାଯାଇଛି ଏବଂ ଶବ ବ୍ୟବଚ୍ଛେଦ ପରେ ଘଟଣାର ସଠିକ୍ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି ।

# ଏଚ୍‌ପିଭି ଟୀକାକରଣ ମାଧ୍ୟମରେ ଜରାୟୁ କର୍କଟ ପ୍ରତିରୋଧ ଉପରେ ଗୁରୁତ୍ୱ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



ଜିଲ୍ଲା ସ୍ୱାସ୍ଥ୍ୟ ସମିତି କେନ୍ଦ୍ରାପଡ଼ା ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ମହିଳା ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ନେଇ ଆର୍ଥିକ ବର୍ଷ ୨୦୨୫-୨୬ ବର୍ଷ ପାଇଁ ଏକ ସମୀକ୍ଷା ତଥା ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ସଂସ୍କୃତି ଭବନ, କେନ୍ଦ୍ରାପଡା ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶକ, ଡ଼ ମନୋରଞ୍ଜନ ରାଉତ, ଶ୍ରୀ ବଳଦେବଜୀଉଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରି ବିଭିନ୍ନ କ୍ଷେତ୍ରରେ କ୍ଷେତ୍ର କର୍ମଚାରୀମାନେ ଯେଉଁ ସଫଳତା ସହିତ କାର୍ଯ୍ୟ କରିଛନ୍ତି ସେଥିପାଇଁ ସମସ୍ତଙ୍କୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ୍ ସ୍ତରରୁ ସମସ୍ତ ବିପିଏଏମ୍ ଏବଂ ବିଡିଏମ୍ ଉପସ୍ଥିତ ରହିବା ସହିତ ଜିଲ୍ଲା ସ୍ତରର ଜାତୀୟ ସ୍ୱାସ୍ଥ୍ୟ ମିଶନର ସମସ୍ତ କର୍ମକର୍ତ୍ତା ରହି ସେମାନଙ୍କ ବିଷୟ ଉପରେ ସମୀକ୍ଷା କରିବା ସହିତ ଆଗାମୀ ବର୍ଷ କିପରି ଭାବେ ଆହୁରି ଅଧିକ କ୍ଷେତ୍ରରେ ଭଲ ସ୍ୱାସ୍ଥ୍ୟ ଅଭ୍ୟାସ କରାଯାଇପାରିବ ତାହା ଉପରେ ଆଲୋଚନା କରିଥିଲେ । ରାଜ୍ୟ ସ୍ତରରୁ ଶଶୀ ଭୂଷଣ ଜେନା, ଷ୍ଟେଟ୍ ଡାଟା ମ୍ୟାନେଜର, ଅନିଲ କୁମାର ଦାସ, କନ୍ସଲଷ୍ଟାଣ୍ଟ, ତଦାରଖ ଓ ମୂଲ୍ୟାୟନ, ମୃତ୍ୟୁଞ୍ଜୟ ରଥ, ଷ୍ଟେଟ ଟ୍ରେନିଂ କନ୍ସଲଷ୍ଟାଣ୍ଟ ଏବଂ ରଶ୍ମିତା ଦାସ, କନ୍ସଲଷ୍ଟାଣ୍ଟ ଇ-ସଞ୍ଜିବନୀ, ଭୁବନେଶ୍ୱର ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଥିଲେ । ବୈଠକରେ ମାତୃ ସ୍ୱାସ୍ଥ୍ୟ, ପ୍ରଜନନ ସ୍ୱାସ୍ଥ୍ୟ, ନବଜାତ ଶିଶୁ ଯତ୍ନ, କୈଶୋର ସ୍ୱାସ୍ଥ୍ୟ, ରକ୍ତହୀନତା ଦୂରୀକରଣ, ଅପପୁଷ୍ଟିର ନିରାକରଣ, ଇ ସଞ୍ଜିବନୀ ମାଧ୍ୟମରେ ଗୋଷ୍ଠୀ ରୋଗୀ ଓ ଡାକ୍ତରଙ୍କ ସଂଯୋଗୀ କାରଣ ଓ ରୋଗର ନିରାକରଣ, ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ବିଭିନ୍ନ ଇଣ୍ଡିକେଟର୍ ଉପରେ ସମୀକ୍ଷା, ଗୋଷ୍ଠୀ ସହଭଗିତା, ନବଜାତ ଶିଶୁର ଘରୋଇ ଯତ୍ନ, ଅମ୍ଳାନ କାର୍ଯ୍ୟକ୍ରମର ସମୀକ୍ଷା ଓ ଦକ୍ଷତା ବୃଦ୍ଧି କରାଯାଇଥିଲା । ଶିଶୁ ମୃତ୍ୟୁ ସମୀକ୍ଷା ସହିତ ଟୀକାକରଣ, ପରିବାର ନିୟୋଜନ ଓ ପିସିପିଏନ୍‌ଡିଟି କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା । ବିଶେଷକରି ଏଚ୍‌ପିଭି ଟୀକାକରଣ ମାଧ୍ୟମରେ ଜରାୟୁ କର୍କଟ ପ୍ରତିରୋଧ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଉପ ସ୍ୱାସ୍ଥ୍ୟକେନ୍ଦ୍ର ତଥା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ କିଭଳି ଭାବେ ସମସ୍ତ ଆବଶ୍ୟକୀୟ ଔଷଧ ଓ ସାମଗ୍ରୀ ସମୟାନୁସାରେ ରହିବ ସେ ବିଷୟରେ ଗୁରୁତ୍ୱ ଦିଆଯାଇଥିଲା । ଗର୍ଭାବସ୍ଥାରେ ବିପଦପୂର୍ଣ୍ଣ ମା'ର ଚିହ୍ନଟ ସାଙ୍ଗକୁ ତାର ସଠିକ୍ ପରିଚାଳନା, ଡାକ୍ତରଖାନା ଶତକଡା ୧୦୦% ଜନ୍ମ ପାଇଁ ସମସ୍ତେ ସଜାଗ ରହିବା, ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ପୁଷ୍ଟି ପୁନର୍ବାସ କେନ୍ଦ୍ର ପାଇଁ ଅତିଶୟ ପୁଷ୍ଟିହୀନ ଶିଶୁ ମାନଙ୍କୁ ପ୍ରେରଣ କରିବା, ଗ୍ରାମାଞ୍ଚଳରେ ଉଭୟ ଆଶା ଓ ଅଙ୍ଗନୱାଡ଼ି ସହିତ ଯୁଗ୍ମ ପରିଦର୍ଶନ କରିବା, ଠିକ୍ ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଓ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ଦ୍ୱାରା ସେବା ଯୋଗାଇଦେବା ଅବସରରେ ସମସ୍ତେ ସଠିକ୍ ସମୟ ଅବଲମ୍ବନ କରିବା କଥା ତାଗିଦ୍ କରାଯାଇଥିଲା । ଏହି ବୈଠକରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ସଚ୍ଚିଦାନନ୍ଦ ମିଶ୍ର, ଡିପିଏମ୍ ଡ଼. ମନୋରଞ୍ଜନ ସାହୁ ପୁଙ୍ଖାନୁପୁଙ୍ଖ ଭାବରେ ବ୍ଲକ୍‌ର ଉନ୍ନତି ସ୍ୱାସ୍ଥ୍ୟକେନ୍ଦ୍ର ଉନ୍ନତି ଉପରେ ପର୍ଯ୍ୟବେସିତ ବୋଲି ମତବ୍ୟକ୍ତ କରିଥିଲେ । ଶେଷରେ ଡ଼. ସୁକାନ୍ତ କୁମାର ପ୍ରଧାନ, ଡେପୁଟୀ ମ୍ୟାନେଜର, ପ୍ରଜନ ଓ ଶିଶୁ ସ୍ୱାସ୍ଥ୍ୟ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।



# ଗଣ୍ଡା ସମାଜର ବୈଠକ:ଏକତା ଓ ବିକାଶର ନୂଆ ସଂକଳ୍ପ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ପଶ୍ଚିମ ଓଡ଼ିଶାର ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ପବିତ୍ର ପୀଠରେ ରବିବାର ଦିନ ଖପ୍ରାଖୋଲ ବ୍ଲକର ଲକ୍ଷେ ଘର ଅନୁସୂଚିତ ଜାତି (ଗଣ୍ଡା ସମାଜ) ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସଭା ଗମ୍ଭୀର ଏବଂ ସୁସଂଘଟିତ ଭାବେ ଅନୁଷ୍ଠିତ ହୋଇଯାଇଛି । ଏହି ସଭା ବ୍ଲକ ସଭାପତି ନିରାକାର ଛୁରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ସମାଜର ଚ୍ୟାରମେନ ଚଇତୁ ଛୁରା ଉପସ୍ଥିତ ରହିଥିଲେ । ତାଙ୍କ ଅଭିଭାଷଣରେ ଚଇତୁ ଛୁରା ସମାଜର ଏକତା, ସଂଗଠନ ଓ ସଚେତନତାର ଗୁରୁତ୍ୱକୁ ଉଦ୍‌ବୋଧନ କରି କହିଥିଲେ ଯେ, ସମାଜକୁ ଶକ୍ତିଶାଳୀ କରିବା ସହ ଏହାକୁ ବିକାଶର ପଥରେ ଆଗକୁ ନେବା ପାଇଁ ସମସ୍ତଙ୍କର ସମ୍ମିଳିତ ପ୍ରୟାସ ଅତ୍ୟାବଶ୍ୟକ । ସେ ଶିକ୍ଷା, ସାମାଜିକ ସଚେତନତା ଓ ସହଯୋଗୀ ମନୋଭାବକୁ ଉନ୍ନତିର ମୂଳ ଭିତି ଭାବେ ଉଲ୍ଲେଖ କରିଥିଲେ । ଏହି ସଭାରେ ଖପ୍ରାଖୋଲ ବ୍ଲକର ୨୧ଟି ପଞ୍ଚାୟତରୁ ଆସିଥିବା ସମସ୍ତ ପଞ୍ଚାୟତ ସଭାପତି ଓ ସଦସ୍ୟମାନେ ସକ୍ରିୟ ଭାଗ ନେଇ ନିଜ ନିଜ ମତାମତ ଓ ପ୍ରସ୍ତାବ ରଖିଥିଲେ । ସମାଜର ସମସ୍ୟା, ସମାଧାନ ଓ ଆଗାମୀ କାର୍ଯ୍ୟ ଯୋଜନା ନେଇ ଗଭୀର ଆଲୋଚନା ହୋଇଥିଲା । ଏହି ସଭା ସମାଜର ଏକତା ଓ ଉନ୍ନତି ପାଇଁ ନୂତନ ଦିଗ ଦେଖାଦେଇଛି । ସମଗ୍ର କାର୍ଯ୍ୟକ୍ରମଟି ଏକ ସକାରାତ୍ମକ ପରିବେଶରେ ସଫଳତାର ସହିତ ସମାପ୍ତ ହୋଇ, ଉପସ୍ଥିତ ସଭ୍ୟମାନଙ୍କ ମନରେ ନୂତନ ଆଶା ଓ ଉତ୍ସାହ ସୃଷ୍ଟି କରିଥିଲା ।

# ବାଲ୍ୟ ବିବାହ ଦୂର ପାଇଁ ଆଇନ୍ ସେବା ପ୍ରାଧିକରଣର ଉଦ୍ୟମ




**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ଓ ଦୌରାଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ତରଫରୁ କଣ୍ଟାବଲ୍ଲଭପୁର ବାଳିକା ଉଚ୍ଚ ବିଦ୍ୟାଳୟ ଶ୍ରେଣୀ କକ୍ଷରେ ଆଇନ୍ ସେବା ପ୍ରାଧିକରଣ ଦ୍ୱାରା ବାଲ୍ୟ ବିବାହ ଦୂର କରିବା ଉଦ୍ଦେଶ୍ୟରେ NALSA e ASHA ସ୍କିମ୍ ୨୦୨୫ ଉପରେ ଏକ ଆଇନୟ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି ଓ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅତିଥି ପରିଚୟ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ସି.ଜେ.ଏମ୍ ନିଳୀମା ପଣ୍ଡା ଅଧ୍ୟକ୍ଷତା କରିବା ସହିତ ନିଜର ଅଭିଭାଷଣ ରଖି ଆଇନ୍ ସେବା ପ୍ରାଧିକରଣ କେଉଁ ସୋପାନରେ କାର୍ଯ୍ୟକରେ ଏବଂ କିଭଳି ଆଇନ୍ ସେବା ପ୍ରାଧିକରଣ ଦ୍ୱାରା ଜଣେ ସାଧାରଣ ଜନତା ଉପକୃତ ହୋଇପାରିବେ ସେ ବିଷୟରେ ଆଲୋକପାତ କରିଥିଲେ ଏବଂ ସମ୍ବିଧାନର କାର୍ଯ୍ୟପ୍ରଣାଳୀ ବିଷୟରେ ସମ୍ୟକ୍ ସୂଚନା ଦେବା ସହ ନାଗରିକ ମାନଙ୍କର ମୌଳିକ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ବିଶଦ ଆଲୋଚନା କରିଥିଲେ । ଆଇନ୍ ସେବା ପ୍ରାଧିକରଣର ସଚିବ ବି.ଡ଼ି.ଡ଼ି ଚନ୍ଦନା ବାଲ୍ୟବିବାହ ନିରୋଧ ଆଇନ୍ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ, ଏହି ଆଇନ୍ ୧୯୨୯ରେ ଆରମ୍ଭ ହୋଇ ବିଭିନ୍ନ ସମୟରେ ଯେପରି ୨୦୦୬ରେ ସଂଶୋଧନ ହୋଇ କିପରି ଜନ ଉପଯୋଗୀ ହୋଇପାରିଛି ସେ ବିଷୟରେ ଅବଗତ କରାଇଥିଲେ ଏବଂ ବିଦ୍ୟାଳର ଶିକ୍ଷକ, କର୍ମଚାରୀ ଓ ଛାତ୍ରୀମାନେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ । ପରିଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମିଶ୍ର ନିଜର ଅଭିଭାଷଣ ରଖିବା ସହିତ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମର ଉଦ୍‌ଯାପନ କରାଯାଇଥିଲା ।

# ଘର ଭିତରୁ ୧୮ ଫୁଟ୍ ଲମ୍ବା କିଙ୍ଗ କୋବ୍ରା ଉଦ୍ଧାର

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍‌ପିଭି -୧୮ ବି ଗ୍ରାମର ଏକ ଘର ଭିତରୁ ୧୮ ଫୁଟ୍ ଲମ୍ବା ଏକ ବିରାଟ କିଙ୍ଗ କୋବ୍ରା ସାପ ଉଦ୍ଧାର କରାଯାଇଛି । ସାପଟି ଘର ଭିତରେ ଥାଇ ସଁ ସଁ ଗର୍ଜନ କରିବାରୁ ଆଖପାଖରେ ଥିବା ଲୋକମାନେ ଭୟଭୀତ ହୋଇ କାଲିମେଲା ବନ ବିଭାଗ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ତୁରନ୍ତ ବନ ବିଭାଗ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ସାପ ଧରାଳି ସହାୟତାରେ ବହୁ କଷ୍ଟରେ ଘର ଭିତରୁ ସାପଟିକୁ ଧରିବାରେ ସଫଳ ହୋଇଥିଲେ । ସୂଚନା ମୁତାବକ, ଏହି ସାପଟି ନିକଟସ୍ଥ ଜଙ୍ଗଲରୁ ଗାଁ ଭିତରକୁ ପଶି ଆସି ଜଣକ ଘର ଭିତରେ ପଶିଯାଇଥିଲା । ସାପଟିର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି । ସାପଟିକୁ ଦେଖିବାକୁ ଶହ ଶହ ସଂଖ୍ୟାରେ ଲୋକ ଏକାଠି ହୋଇଥିବାର ଦେଖାଯାଇଥିଲା ।

## ////////// ଇଂରାଜୀ ବ୍ୟାକରଣ ପୁସ୍ତକ ଲୋକାର୍ପିତ //////////

# 'ଭାଷା ସଂଯୋଜନାର ଶୃଙ୍ଖଳା ହିଁ ବ୍ୟାକରଣ'




**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭାଷା ସଂଯୋଜନାର ଶୃଙ୍ଖଳା ହିଁ ବ୍ୟାକରଣ । ଏହା ଭାଷାକୁ ଅର୍ଥପୂର୍ଣ୍ଣ କରିବା ସହ ସାର୍ଥକତା ପ୍ରଦାନ କରିଥାଏ । ବ୍ୟାକରଣ ବିନା ଯେ କୌଣସି ଭାଷା ଅର୍ଥହୀନ । ଦୁଃଖ ସହ ଲୁହ, ଆନନ୍ଦ ସହ ହସର ସମ୍ପର୍କ ପରି ବ୍ୟାକରଣ ସହ ଶବ୍ଦ, ଭାବ, ଭାଷା ଓ ସାହିତ୍ୟର ସମ୍ପର୍କ ବୋଲି ଶିକ୍ଷାବିତ୍ ବିନୟ କୁମାର ପଣ୍ଡାଙ୍କ 'ଏ ହ୍ୟାଣ୍ଡବୁକ୍ ଅଫ୍ ଇଂଲିସ ଗ୍ରାମାର" ପୁସ୍ତକ ଲୋକାର୍ପଣ ଉପଲକ୍ଷେ ଆୟୋଜିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗଦେଇ ବହୁ ବିଶିଷ୍ଟ ଅତିଥି ମତ ପୋଷଣ କରିଛନ୍ତି । ପ୍ରେମ ପୃଥିବୀ ପରିବାର ପକ୍ଷରୁ ଆରଡ଼ି ଛକ ସ୍ଥିତ ପ୍ରେମ ନଗର ଠାରେ କଥାକାର ପବିତ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପୁସ୍ତକ ଲୋକାର୍ପଣ ପର୍ବରେ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର ବିଶିଷ୍ଟ ଅତିଥି ଭାବେ ଯୋଗଦାନ କରିଥିଲେ । ବରେଣ୍ୟ ଅତିଥି ଭାବେ ଡ. ବ୍ରଜମୋହନ ମିଶ୍ର, ଡ. ଗୋଲକ ବିହାରୀ ସାହୁ, ପ୍ର. ବାସୁଦେବ ବାରିକ ଓ ଡ. ଗୁରୁପ୍ରସାଦ ମହାପାତ୍ର ଯୋଗଦେଇଥିବା ବେଳେ ଅଧାପକ କିଶୋର ପାଣିଗ୍ରାହୀ ଉନ୍ମୋଚିତ ପୁସ୍ତକର ସମୀକ୍ଷା କରିଥିଲେ । ଶିକ୍ଷାବିତ୍ ବିନୟ ପଣ୍ଡା ଲେଖକୀୟ ଅଭିବ୍ୟକ୍ତି ଓ 'ପ୍ରେମ ପୃଥିବୀ' ପତ୍ରିକାର ସଂପାଦକ କୈଳାସ ଚନ୍ଦ୍ର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଚୈତାଳୀ ଖିଲାର ସ୍ୱାଗତ ବକ୍ତବ୍ୟ, ସଂଯୁକ୍ତା ବଳ ଅତିଥି ପରିଚୟ ଓ ଶରତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ନପୂର୍ଣ୍ଣା ପଣ୍ଡା, ଅମିତାଭ ପଣ୍ଡା, ଅବିନାଶ ପଣ୍ଡା, ଅନନ୍ତ ନାରାୟଣ ପଣ୍ଡା, ସାଇସୌମ୍ୟ ଘଡ଼େଇ, ପ୍ରିୟଙ୍କା ପଣ୍ଡା, ଅନୁରାଧା ପଣ୍ଡା ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**





**ମେଷ:** କର୍ମକ୍ଷେତ୍ରରେ ସଫଳତା ହାସଲ ହେବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଦେହ ଓ ମନ ଭଲ ରହିବ । ଶତ୍ରୁ ନାଶ ହେବେ । ନୂତନ ବନ୍ଧୁ ଦର୍ଶନ ।

**ବୃଷ:** ସାମାଜିକ କାର୍ଯ୍ୟରେ ବ୍ୟସ୍ତ ରହିବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ ।

**ମିଥୁନ:** ନିଜର ଅନିଚ୍ଛା ସତ୍ତ୍ୱେ ଭ୍ରମଣ କରିପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଆନନ୍ଦ ଲାଭ ହେବ । ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହୋଇପାରେ ।

**କର୍କଟ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସଫଳ ହେବ । ରୋଜଗାର ଭଲ ହେବ । ମହିଳାମାନେ ସୁଖୀ ହେବେ । ପାରିବାରିକ ଜୀବନ ହସିଲା ଫୁରିଲା ହେବ । ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭ କରିବେ ।

**ସିଂହ:** ବ୍ୟବସାୟରେ ଲାଭବାନ୍ ହେବେ । ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦର ସୁଅ ଛୁଟିବ । ଆୟ ଓ ବ୍ୟୟର ପରିମାଣ ସ୍ଥିର ରହିବ । ଘରେ ଶାନ୍ତିର ବାତାବରଣ ରହିବ । ନୂତନ ଦ୍ରବ୍ୟ ଲାଭ କରିବାର ସୁଯୋଗ ଜୁଟିପାରେ ।

**କନ୍ୟା:** ଦେବ ଦର୍ଶନ ସହ ସେବା ପୂଜାର ସୁଯୋଗ ମଧ୍ୟ ଜୁଟିପାରେ । ହଠାତ୍ କୌଣସି ଖବର ପାଇ ଚିନ୍ତିତ ହୋଇପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ପାରିବାରିକ ବିଶୃଙ୍ଖଳା ଦେଖାଦେବାର ସୂଚନା ମଧ୍ୟ ରହିଛି ।

**ତୁଳା:** ବ୍ୟବସାୟ ଆପଣଙ୍କର କ୍ଷତିରେ ଚାଲିପାରେ । ଖର୍ଚ୍ଚର ପରିମାଣ ବଢ଼ିପାରେ । ଘରେ ଆନନ୍ଦ ଦେଖାଦେବ । ମହିଳାମାନେ ଗର୍ବୀ ହେବେ । ଶତ୍ରୁ ପରାସ୍ତ ହେବେ । ମାନସିକ ଦୁଶ୍ଚିନ୍ତା ଦେଖାଦେଇପାରେ ।

**ବିଛା:** ଆଜି ଆପଣଙ୍କର ଘାତଚନ୍ଦ୍ର ଏଣୁ ସାବଧାନତା ଅବଲମ୍ବନୀୟ । ସତ କଥା କହି ବିରୋଧି ହୋଇପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ଘରେ କଳହ ଦେଖାଦେବ । ବନ୍ଧୁଙ୍କ ସହ ମତାନ୍ତର ।

**ଧନୁ:** କର୍ମକ୍ଷେତ୍ରରେ ଆପଣ ଉପଯୁକ୍ତ ପାରିଶ୍ରମିକ ପାଇ କୃତାର୍ଥ ହେବେ । ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ରୋଜଗାର ଭଲ ହେବ । ଘରେ ଆନନ୍ଦ ଲାଭ ହେବ ।

**ମକର:** ଆର୍ଥିକ ସ୍ଥିତି ଭଲ ରହିବ । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ପିଲାମାନେ ପଢ଼ାପଢ଼ିରେ ଆଗେଇବେ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଦେହ ଓ ମନ ଭଲ ରହିବ ।

**କୁମ୍ଭ:** ଦୂରଯାତ୍ରା କରି ସଫଳତା ହାସଲ କରିବେ । ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସାନ୍ନିଧ୍ୟ ଲାଭ କରି ଉପକୃତ ହେବେ । ଆର୍ଥିକ ସ୍ଥିତିରେ ଉନ୍ନତି ଦେଖାଦେବ । ଘରେ ଶାନ୍ତିର ବାତାବରଣ ରହିବ । ଶରୀର ସୁସ୍ଥ ରହିବ ।

**ମୀନ:** ଅନେକ ଦିନର ଆଶା ଆପଣଙ୍କର ପୂର୍ଣ୍ଣ ହେବ । ନୂତନ କାର୍ଯ୍ୟ ହାତକୁ ଆସିପାରେ । ରୋଜଗାର ଭଲ ହେବ । ଘରେ ଆନନ୍ଦ ପ୍ରାପ୍ତ ହେବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହୋଇପାରେ ।

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୪।୦୩।୨୦୨୬, ଚୈତ୍ର ଦି୧୦ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ ୫।୪୯।୩୫ ଚନ୍ଦ୍ରୋଦୟ- ଦିଘ ୯।୩୮।୪୧**

**ଷଷ୍ଠୀ-** ଦିଘ ୪।୧୧ ପର୍ଯ୍ୟନ୍ତ । ରୋହିଣୀ ନକ୍ଷତ୍ର ସଂଘ ୭।୦୮ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ୍ବ ଦିଘ ୪।୧୧ ଗତେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୮।୫୬ ଗତେ ଦିଘ ୧୦।୪୨ ମଧ୍ୟେ । ଦିଘ ୪।୨୬ ଗତେ ଦିଘ ୫।୦୮ ମଧ୍ୟେ । **ପର୍ବୋତ୍ସବ-** ପୀଠେ ବାସନ୍ତିକ ସପ୍ତମୀ ପୂଜା, ବାସନ୍ତିକ ମୃଣ୍ମୟୀ ଦେବୀଙ୍କ ଷଷ୍ଠୀ ପୂଜା, ଚୈତ୍ର ମଙ୍ଗଳବାର ଓଷା, ବିଶ୍ୱ ଯକ୍ଷ୍ମା ଦିବସ ।

# ଗ୍ରାମର ମୁଖ୍ୟ କଂକ୍ରିଟ ରାସ୍ତାର ଅବସ୍ଥା ଶୋଚନୀୟ:ମରାମତି କଲେ ଗ୍ରାମବାସୀ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ପୁଇଁତଲା ସମିତି ଅନ୍ତର୍ଗତ ସାଉଁତପୁର ଗ୍ରାମ ପଞ୍ଚାୟତର ଶିକାବହେଙ୍ଗା ଗ୍ରାମର ମୁଖ୍ୟ କଂକ୍ରିଟ ରାସ୍ତାର ଶୋଚନୀୟ ଅବସ୍ଥା ଦ୍ୱାରା ଯାନବାହାନର ଯିବାଆସିବାରେ ଅସୁବିଧା ଦେଖି ସ୍ଥାନୀୟ ମହିଳା ବାସିନ୍ଦାଙ୍କ ଦ୍ୱାରା ମରାମତି କାମ ଚାଲିଛି । ପାଇପ୍ ବିଛାଇବା ପାଇଁ ଜେସିବି ଦ୍ୱାରା ରାସ୍ତା ଖୋଳି ୧୭ ଫୁଟ୍ ରାସ୍ତାଟି ସ୍ଥାନେ ସ୍ଥାନେ ମାତ୍ର ୮ ଫୁଟ୍ ରହିଯାଇଛି । ଦୀର୍ଘ ଦିନ ହୋଇଯାଇଥିଲେ ମଧ୍ୟ ମରାମତିର କିଛି ଆଭାସ ନାହିଁ, ତେଣୁ ଗ୍ରାମର ଲୋକେ ନିଜ ଉଦ୍ୟମରେ ଶ୍ରମଦାନ କରି ରାସ୍ତାରେ ଚଳପ୍ରଚଳ ଉପଯୋଗୀ କରିବାକୁ ଉଦ୍ୟମ କରୁଛନ୍ତି ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୫।୦୩।୨୦୨୬, ଚୈତ୍ର ଦି୧୧ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୫।୪୯।୪୩ ଚନ୍ଦ୍ରୋଦୟ- ଦିଘ ୧୦।୩୯।୧୧**

**ସପ୍ତମୀ-** ଦିଘ ୧।୫୨ ପର୍ଯ୍ୟନ୍ତ । ମୃଗଶିରା ନକ୍ଷତ୍ର ସଂଘ ୫।୩୬ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ପ୍ରାଘ ୬।୧୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । ପ୍ରାଘ ୬।୧୮ ଗତେ ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । ପ୍ରାଘ ୬।୧୮ ଗତେ କନ୍ୟା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ଦିଘ ୧।୫୨ ଗତେ ନଡ଼ିଆ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୫।୫୨ ଗତେ ଦିଘ ୭।୨୮ ମଧ୍ୟେ । ଦିଘ ୧୦।୨୪ ଗତେ ଦିଘ ୧୧।୩୦ ମଧ୍ୟେ । **ପର୍ବୋତ୍ସବ-** ପୀଠେ ବାସନ୍ତିକ ଅଷ୍ଟମୀ ପୂଜା, ବାସନ୍ତିକ ମୃଣ୍ମୟୀ ଦେବୀଙ୍କ ସପ୍ତମୀ ବିହିତ ପୂଜା ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଯୁଦ୍ଧକୁ ନେଇ ଆଲର୍ଟ ଜାରି

ମିଡିଲ ଇଷ୍ଟରେ ଯୁଦ୍ଧର ଘନଘଟା। କେତେବେଳେ କ'ଣ ଘଟିବ କେହି ଜାଣନ୍ତି ନାହିଁ। ଇରାନ ନିଜ ଜିଦ୍‌ରେ ଅଟଳ ରହିଛି ଏବଂ ଆମେରିକା ମଧ୍ୟ ନିଜ ଶକ୍ତିସାମର୍ଥ୍ୟ ଦେଖାଇବାରେ କାର୍ପଣ୍ୟ କରୁନାହିଁ। ଇସ୍ରାଏଲ ବାରମ୍ବାର ଇରାନ ଉପରେ ଆକ୍ରମଣ କରୁଥିବାରୁ ରାତି ଅଧରେ ଇରାନ ଇସ୍ରାଏଲର ମୁଖ୍ୟ ଜାଗାଗୁଡିକରେ ଆକ୍ରମଣ କରିଛି। ମୃତାହତଙ୍କ ସଂଖ୍ୟା ମିଡିଆରେ ସଠିକଭାବେ ଦିଆଯାଉ ନାହିଁ। ଯୁଦ୍ଧଖୋର ଦେଶଙ୍କ ବ୍ୟତୀତ ଅନ୍ୟ ଦେଶସବୁ ଗ୍ୟାସ, ତେଲ ନେଇ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଲେଣି। ଭାରତରେ ମଧ୍ୟ ଏହି ସଂକଟ ଲାଗିରହିଛି। ପଶ୍ଚିମ ଏସିଆରେ ଜାରି ସଙ୍କଟକୁ ନେଇ କେନ୍ଦ୍ର ସରକାର ଲଗାତାର ଆଲର୍ଟ ମୋଡରେ ରହିଛନ୍ତି। ବାରମ୍ବାର ବଦଳୁଥିବା ସ୍ଥିତିକୁ ଦେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଉଚ୍ଚସ୍ତରୀୟ ବୈଠକ ଡାକିଛନ୍ତି। ଉକ୍ତ ବୈଠକର ମୁଖ୍ୟ ଉଦ୍ଦେଶ୍ୟ ପେଟ୍ରୋଲିୟମ, ଅଶୋଧିତ ତୈଳ, ଗ୍ୟାସ୍ , ବିଦ୍ୟୁତ୍ ଓ ଫର୍ଟିଲାଇଜର ସେକ୍ଟର ସହ ଜଡ଼ିତ ସ୍ଥିତିର ସମୀକ୍ଷା କରିବା। ଏହା ବ୍ୟତୀତ ଅଧିକାରୀଙ୍କୁ ସାରାଦେଶରେ ଏହି ଜରୁରୀ ଜିନିଷର ସହଜ ଯୋଗାଣରେ ବିଶେଷ ଧ୍ୟାନ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ସୂତ୍ରାନୁସାରେ, ସରକାର ସାରା ଦେଶରେ ଶକ୍ତି ସପ୍ଲାଇ ସୁରକ୍ଷିତ କରିବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ନେଉଛନ୍ତି। ପିଏମଙ୍କ ଠାରୁ ନେଇ ବରିଷ୍ଠ ଅଧିକାରୀ ସମସ୍ତେ ଏହି ମାମଲାରେ ନିରନ୍ତର ନଜର ରଖିଛନ୍ତି। ଦେଶରେ ଗ୍ୟାସ୍ ଓ ତୈଳର ଯୋଗାଣ ନିରନ୍ତର ଜାରିର, ଏହା ମାମଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇରାନର ରାଷ୍ଟ୍ରପତିଙ୍କ ସହ ମଧ୍ୟ କଥା ହୋଇଥିଲେ। ଏହି କଥାବାର୍ତ୍ତା ବେଳେ ଉଭୟ ନେତା ଶାନ୍ତି, ସୁରକ୍ଷା ଓ ମୁକ୍ତ ବାଣିଜ୍ୟକୁ ନେଇ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି ଏହି କଥାବାର୍ତ୍ତା ବେଳେ ଉପସାଗରୀୟ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ହୋଇଥିବା ଆକ୍ରମଣକୁ ଦୃଢ ନିନ୍ଦା କରିଥିଲେ। ସେ କହିଥିଲେ ଯେ, ଏମିତି କାର୍ଯ୍ୟାନୁଷ୍ଠାନ ଆଞ୍ଚଳିକ ସ୍ଥିରତା ପାଇଁ ବଡ଼ ବିପଦ ଓ ବିଶ୍ୱ ସପ୍ଲାଇ ଶୃଙ୍ଖଳାକୁ ମଧ୍ୟ ପ୍ରଭାବିତ କରିଥାଏ। ଏହି ଯୁଦ୍ଧ ବେଳେ ଉଭୟ ରାଷ୍ଟ୍ରାଧ୍ୟକ୍ଷଙ୍କ ମଧ୍ୟରେ ଏହା ଦ୍ୱିତୀୟ କଥାବାର୍ତ୍ତା ଥିଲା। ଏହା ପୂର୍ବରୁ ହୋଇଥିବା କଥାବାର୍ତ୍ତା ପରେ ଇରାନ ଭାରତର ଦୁଇଟି ଜାହାଜକୁ ହୋର୍ମୁଜରୁ ସୁରକ୍ଷିତ ବାହାରିବାରେ ସାହାଯ୍ୟ କରିଥିଲା।

# ଜାତସ୍ୟ ମୃତ୍ୟୁ ଧ୍ରୁବସତ୍ୟ



ଡ଼. ମନୋଜ କୁମାର ମହାନ୍ତି
ଦର୍ଶନ ବିଭାଗୀୟ ମୁଖ୍ୟ,
ବି.ଏନ.ଏମ.ଏ, ମହାବିଦ୍ୟାଳୟ,
ଭଦ୍ରକ,ମୋ:୮୮୯୫୩୪୧୦୩୩

ଧରାଧାମରେ ଅବତୀର୍ଣ୍ଣ ମଣିଷରୁ ଦେବତା ପର୍ଯ୍ୟନ୍ତ ସମସ୍ତଙ୍କୁ ନିଶ୍ଚୟ ଶେଷ ନିଃଶ୍ୱାସ ନେବାକୁ ହେବ। ମହାଭାରତର ମହାନାୟକ ଶ୍ରୀକୃଷ୍ଣ ଯୁଦ୍ଧର ପରିସମାପ୍ତି ପରେ ଶିଆଳି ଲଟା ଉହାଡ଼ରେ ଟିକେ ଶାନ୍ତିରେ ବିଶ୍ରାମ କରୁଥିବା ଅବସରରେ ଜରା ଶବରର ଶର ବିଦ୍ଧରେ ମଧ୍ୟ ମୃତ୍ୟୁର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପ୍ରତ୍ୟେକ ଜୀବନ ପଛରେ ମୃତ୍ୟୁରୂପକ କାଳଛଞ୍ଚାଣ ତାର ଜିହ୍ୱାକୁ ଲହଲହ କରି ଅନେଇ ବସିଛି। କଥାରେ ଅଛି: ବଡ଼ କ୍ରୁର କାଳ ବଡ଼ ଅବିଶ୍ୱାସୀ ହାବୁଡ଼ି ଯିବ ସେ ଆଚମ୍ବିତ ଆସି। ଯୌବନ ଆସିପାରେ ନଆସିପାରେ, ବାର୍ଦ୍ଧକ୍ୟ ଆସିପାରେ ନଆସିପାରେ ମଧ୍ୟ କିନ୍ତୁ ମୃତ୍ୟୁ ନିଶ୍ଚିତ ଆସିବ। କେତେବେଳେ କେଉଁ ରୂପରେ ତାର ଆକଳନ କରିବା କଷ୍ଟସାଧ୍ୟ। ଏହାହିଁ ସଂସାରର ବାସ୍ତବତା। ନିଷ୍ଠୁର ସତ୍ୟ। ବୟସ ଅତିକ୍ରମ ସହ ବାର୍ଦ୍ଧକ୍ୟ ଆସିଲେ ମୃତ୍ୟୁ ହେବା ଏକ ସ୍ୱାଭାବିକ ଘଟଣା । କିନ୍ତୁ ଯେବେ ଯୌବନରେ ପାଦ ଥାପୁଥାପୁ, ସ୍ୱପ୍ନ ଦେଖୁଦେଖୁ, ରାତି ପାହିବା ପୂର୍ବରୁ ଅର୍ଥାତ୍ ଅଧରାତିରେ ମୃତ୍ୟୁ ଅତି ନିକଟ ହୋଇଯାଏ ତାହା ସାଧାରଣ ମଣିଷକୁ ଭାରି କଷ୍ଟ ଦିଏ। ପରିବାର ଆତ୍ମୀୟ-ସ୍ୱଜନଙ୍କୁ ଅନେକ ଯନ୍ତ୍ରଣା ଦିଏ।

ଏଇ ନିକଟରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଇଚ୍ଛାମୃତ୍ୟୁ ସମ୍ପର୍କିତ ମାମଲାର ରାୟ ପ୍ରକାଶ ପାଇଛି। ଯେଉଁଥିରେ ଦିଲ୍ଲୀର ଯୁବକ ହରିଶ୍ ରାଣାଙ୍କ ଇଚ୍ଛାମୃତ୍ୟୁକୁ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ମଞ୍ଜୁର ପ୍ରଦାନ କରାଯାଇଛି। ଦୀର୍ଘ ବାରବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କୋମାରେ ପଡ଼ିରହି ଜିଅନ୍ତା ଶବ ପାଲଟି ଯାଇଥିବା ହରିଶର ପିତାମାତା ପୁଅର ଶାନ୍ତିପୂର୍ଣ୍ଣ ବିଦାୟକୁ ଶେଷ ବିକଳ୍ପ ଭାବରେ ଗ୍ରହଣ କରିନେଇ ଉଚ୍ଚ ନ୍ୟାୟାଳୟରୁ ସର୍ବୋଚ୍ଚ ନ୍ୟାୟାଳୟରେ ଇଚ୍ଛାମୃତ୍ୟୁ ପାଇଁ ଦୀର୍ଘ ତିନି ବର୍ଷରୁ ଅଧିକ ସମୟ ଧରି କରିଥିବା ନ୍ୟାୟିକ ଲଢେଇର ପୂର୍ଣ୍ଣଚ୍ଛେଦ ପଡ଼ିଛି।

ସବୁଥିରେ ଗୋଟେ ସୀମା ଥାଏ। କଷ୍ଟ ସହିବାର, କଷ୍ଟ ବାଣ୍ଟିବାର ଓ କଷ୍ଟକୁ ନିକଟରୁ ଦେଖିବାର ବି ଗୋଟେ ଶେଷ ସୀମା ଅଛି। ଦଶ ମାସ ଗର୍ଭଧାରଣ କଷ୍ଟରୁ ଅଧିକ କଷ୍ଟ ପିଲାଙ୍କୁ ମଣିଷ କରାଇବା। ତାଠାରୁ ଅଧିକ କଷ୍ଟ ନିଜ ଅନ୍ତଫାଡି ଜନ୍ମ ଦେଇଥିବା ସନ୍ତାନସନ୍ତତିଙ୍କୁ ଯମପୁରକୁ ଠେଲିଦେବା। ବେଳେ ବେଳେ ସ୍ୱପ୍ନମାନେ ଅଧାଅଧୁରା ଓଲଟପାଲଟ ହୋଇଯାଆନ୍ତି। ଯେଉଁ ପୁଅ କାନ୍ଧରେ ବାପମା ମଶାଣିକୁ ବୁହାହୁଅନ୍ତି, ସେମାନଙ୍କ ମୁହଁରେ ନିଆଁ ଦିଅନ୍ତି କିନ୍ତୁ କ୍ରୁର ସମୟଚକ୍ରରେ ତାର ବିପରୀତ ସ୍ୱଭାବ ପରିଲକ୍ଷିତ ହୋଇ ଯଦି ସେଇ ପୁଅକୁ ଯେବେ ବୃଦ୍ଧ ବୟସର ବାପ ମଶାଣିକୁ ବୋହିନିଏ ତାଠାରୁ ଅଧିକ କଷ୍ଟ ଯନ୍ତ୍ରଣା ଆଉ କଣ ହୋଇପାରେ ?

ପ୍ରତ୍ୟେକ ମଣିଷ ସ୍ୱପ୍ନଦେଖେ, ଆଶା ବାନ୍ଧେ ଶହେ ବର୍ଷ ବଞ୍ଚିବାକୁ । ସୁନ୍ଦର ଘର, ଆସବାସ ସହ ଏକ ସୁଦୀର୍ଘ ଭବିଷ୍ୟତର ପରିକଳ୍ପନା ପ୍ରତ୍ୟେକ ମଣିଷର ମୁଖ୍ୟ କାମନା ମଧ୍ୟରେ ଅନ୍ତର୍ଭୁକ୍ତ। କିନ୍ତୁ କାହିଁକି କେଜାଣି ମୃତ୍ୟୁଟା ଜୀବନରେ ଏକ ଅନ୍ତରାୟ ସୃଷ୍ଟିକରେ। ମୃତ୍ୟୁ ପୁଣି ଅନେକ ଭାଗରେ ବିଭକ୍ତ। ବାର୍ଦ୍ଧକ୍ୟଜନିତ ମୃତ୍ୟୁ, ଆକସ୍ମିକ ମୃତ୍ୟୁ, ଆତ୍ମହତ୍ୟା ବା ଅପମୃତ୍ୟୁ ଏବଂ ଇଚ୍ଛାମୃତ୍ୟୁ। ବାର୍ଦ୍ଧକ୍ୟଜନିତ ମୃତ୍ୟୁ ଏକ ଚିରାଚରିତ ପ୍ରଥା ଯାହା ଗ୍ରହଣୀୟ କିନ୍ତୁ ଆକସ୍ମିକ ମୃତ୍ୟୁ ଉପରେ ମଣିଷର ଅଙ୍କୁଶ ନାହିଁ। ଆତ୍ମହତ୍ୟା ଓ ଇଚ୍ଛାମୃତ୍ୟୁ ଅନେକ ସମୟରେ ଏକ ବିବାଦୀୟ ବିଷୟରୂପେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜେ। ବେଳେବେଳେ ଆତ୍ମହତ୍ୟା ଓ ଇଚ୍ଛାମୃତ୍ୟୁ ମଧ୍ୟରେ ବେଶୀକିଛି ଫରକ ଜଣାପଡେନି। କାରଣ ଆତ୍ମହତ୍ୟା ଓ ଇଚ୍ଛାମୃତ୍ୟ ଉଭୟ ମାନସିକ ଅବସାଦଗ୍ରସ୍ତ। ଦୁଇଟିଯାକ ଜୀବନ ପ୍ରତି ବିତୃଷ୍ଣା ମନୋଭାବ ପୋଷଣ। ଯେଉଁଠି ଜୀବନ ପ୍ରତି ନଥାଏ ମୋହ।

ସାଧାରଣ ଜନତାଙ୍କ ସାଧାରଣ ଭାଷାରେ ଇଚ୍ଛାମୃତ୍ୟୁ କହିଲେ କୌଣସି ଏକ ବ୍ୟକ୍ତି ନିଜଦ୍ୱାରା ବା ସ୍ୱଇଚ୍ଛାରେ ନିଜ ମୃତ୍ୟୁକୁ ଆପଣାଇବା। କିନ୍ତୁ ନିଜଦ୍ୱାରା ନିଜେ ଘଟାଉଥିବା ମୃତ୍ୟୁକୁ ଆତ୍ମହତ୍ୟା କହୁଥିବାବେଳେ ଡାକ୍ତର କିମ୍ବା ଚିକିତ୍ସକ ଦ୍ୱାରା ରୋଗୀମାନଙ୍କୁ ମୃତ୍ୟୁବରଣ ପାଇଁ ପ୍ରସ୍ତୁତ କରାଯାଉଥିବା ଡାକ୍ତରୀ ପଦ୍ଧତିକୁ ଇଚ୍ଛାମୃତ୍ୟୁ କୁହାଯାଏ। ଇଚ୍ଛାମୃତ୍ୟୁରେ ବ୍ୟକ୍ତିର କୌଣସି ଭୂମିକା ନଥାଏ ବରଂ ପରିବାର ଓ ଆତ୍ମୀୟ ସ୍ୱଜନଙ୍କ ମତାମତ ଗୁରୁତ୍ୱପୂର୍ଣ୍ଣ । ଆତ୍ମହତ୍ୟାର ଅନେକ କାରଣ ମଧ୍ୟରୁ ଜହର ପାନ, ଦଉଡ଼ି ଲଗାଇବା, ନିଆଁ ଲଗାଇବା, ପାଣିରେ ବୁଡ଼ି ମରିବା ଇତ୍ୟାଦି। ବେଳେବେଳେ କୌଣସି ଏକ ବ୍ୟକ୍ତିକୁ ଅନ୍ୟବ୍ୟକ୍ତି ମାଧ୍ୟମରେ ହତ୍ୟା କରାଯାଇ ତାକୁ ମଧ୍ୟ ଆତ୍ମହତ୍ୟାର ରୂପ ଦିଆଯାଏ। କିନ୍ତୁ ଇଚ୍ଛାମୃତ୍ୟୁ ତାର୍କିକ ଓ ନୈତିକ ଦୃଷ୍ଟିକୋଣରୁ ଏକ ଅନୁଚିତ ପଦକ୍ଷେପ କାରଣ ଯେଉଁଥିରେ ରୋଗୀର ଜୀବନ ପରିବାର ହାତରେ। ଆର୍ଥିକ, ଶାରିରୀକ ଶ୍ରମ ଓ ସମୟ ବିନିଯୋଗ ସତ୍ତ୍ୱେ ବାରମ୍ବାର ବିଫଳର ଶେଷ ବିକଳ୍ପ ମୃତ୍ୟୁ ।

ମଣିଷ ଜୀବନ ଏକ ଦୁର୍ଲଭ ସୃଷ୍ଟି। ଏହା ସ୍ରଷ୍ଟାଙ୍କର ଶ୍ରେଷ୍ଠ ସୃଷ୍ଟି ବୋଲି ପୁରାଣପୋଥିରେ ଆଲୋଚନା କରାଯାଇଛି। ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀର ପରିଚୟ ସହ ମଣିଷ ଜୀବନର ମହତ୍ତ୍ୱକୁ ଦିବ୍ୟତାର ଅଂଶବିଶେଷ ବୋଲି ବିଶ୍ୱାସ କରାଯାଏ। ମଣିଷର ଶରୀର ଗଠନ ଏକ ରହସ୍ୟମୟ ଆଧ୍ୟାତ୍ମିକ ଚେତନାର ଅଭିବୃଦ୍ଧିର ପରିପ୍ରକାଶ। ଆତ୍ମିକ ଦୃଷ୍ଟିକୋଣରୁ ମାନବ ଜୀବନ କେବଳ ଏକ ସୃଷ୍ଟି ନୁହେଁ ବରଂ ଅମୃତର ଏକ ବାରିଧରା। ଯେବେ ମୃତ୍ୟୁ ଶରୀରର ଅନ୍ତିମ ପର୍ଯ୍ୟାୟ ତେବେ ଶରୀର ପାଇଁ ସମ୍ମୁଖୀନ ଯେକୌଣସି ମୃତ୍ୟୁ ମଧ୍ୟ ଗ୍ରହଣୀୟ। ଯଦି ଶରୀରକୁ ସୁସ୍ଥ, ସୁରକ୍ଷା, ଆନନ୍ଦପୂର୍ଣ୍ଣ କରିବା ଓ ରଖିବା ଜୀବନର ଲକ୍ଷ୍ୟ ତେବେ ମୃତ୍ୟୁ ଶବ୍ଦଟି ଏକ ବିବାଦୀୟ ପ୍ରଶ୍ନ। ପୁନଃଶ୍ଚ ଯଦି କୌଣସି କାରଣରୁ ସୁଖ ପରିବର୍ତ୍ତେ ଦୁଃଖ, ସୁସ୍ଥତା ପରିବର୍ତ୍ତେ ରୋଗ ଓ ଯନ୍ତ୍ରଣାରେ ଜୀବନ ସମ୍ମୁଖୀନ ହୁଏ ତେବେ ସେ ଜୀବନ ଅନାବଶ୍ୟକ ହୋଇପଡେ। ଯେଉଁଠି ସବୁ ପ୍ରାୟାସ ଓ ଉପଚାର ସତ୍ତ୍ୱେ ରୋଗୀର କୌଣସି ଶାରିରୀକ ବିକାଶର ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁନି ସେଠି ଜୀବନଟା ଗୋଟେ ଅଭିଶପ୍ତ ଜିଅନ୍ତା ଶବ ଯାହା ମୃତ୍ୟୁଠାରୁ ମଧ୍ୟ କମ୍ ନୁହେଁ। ଯେଉଁଠି ମନ କେବେଠୁ ମରି ଯାଇଛି, ହୃଦୟ କେବେଠୁ ପଥର ପାଲଟି ଯାଇଛି, ଆଖି ପାଲଟି ଯାଇଛି ଅନ୍ଧ, କାନ ଥାଇ ମଧ୍ୟ ବଧିର, ପୁଣି ଜିହ୍ୱାର ଲାଳସା ବହୁ ଦୂରରେ, ସେଠି ଶରୀର ଖଣ୍ଡକର କଣବା ପ୍ରୟୋଜନ। ଚାରିକାନ୍ଥ ମଧ୍ୟରେ ଅଭିଶପ୍ତ ଜୀବନ ଜୀଇଁବାଠାରୁ ଶହେଗୁଣ ଭଲ ଏକ ଶାନ୍ତିପୂର୍ଣ୍ଣ ବିଦାୟ। ଜିଅନ୍ତା ଶବ ପାଲଟି ଯାଇଥିବା ଜୀବନର ଜୀଇଁବାର ଅର୍ଥବା କଣ। ଏମିତି ଅନେକ ଅଭିଶପ୍ତ ଜୀବନ ଚିକିତ୍ସାଳୟ ଶେଯରେ ଦଶନ୍ଧି ଧରି ପଡ଼ିରହି ଜୀବନର ଅସ୍ତିତ୍ୱକୁ ହଜେଇ ସାରିଛନ୍ତି ତାର ହିସାବ ଆମ ପାଖରେ ନାହିଁ। ସେ ଜୀବନ ଥାଇ କି ଲାଭ। ଯେଉଁ ଜୀବନର ଓ ରୋଗ ଯନ୍ତ୍ରଣାର ଉପଶମ ନାହିଁ। ଯେଉଁଠି ଆଗମୀ ସୂର୍ଯ୍ୟୋଦୟର କୌଣସି ନିର୍ଦ୍ଦିଷ୍ଟ ସମୟର ସ୍ପଷ୍ଟତା ନାହିଁ, ସେ ସକାଳକୁ ଅପେକ୍ଷା କରି ଲାଭ କଣ? କିନ୍ତୁ କାହିଁକି କେଜାଣି ମନକୁ ପ୍ରଶ୍ନଉଠେ ସୁସ୍ଥ ପ୍ରତ୍ୟାବର୍ତ୍ତନର ପ୍ରୟାସରେ ଓ ପ୍ରତୀକ୍ଷାରେ ହେଉଥିବା ଲଢେଇର ଶେଷ ବିକଳ୍ପ କଣ ଇଚ୍ଛାମୃତ୍ୟୁ?

# ଯେମିତି ଅନ୍ନ ସେମିତି ମନ



ଶ୍ରୀବତ୍ସ ନାୟକ
ଅଧ୍ୟାପକ, ବାଣିଜ୍ୟ ବିଭାଗ,କଟକ
ମୋ:୯୪୩୮୦୭୦୮୪୯

ଥରେ ଜଣେ ଋଷି ଚିନ୍ତା କଲେ ଯେ, ଲୋକମାନେ ନିଜର ଯେଉଁ ପାପ ଧୋଇବା ପାଇଁ ଗଙ୍ଗା ନଦୀକୁ ଯାଆନ୍ତି, 'ପ୍ରକୃତରେ ସେ ପାପ ଗଙ୍ଗା ନଦୀରେ ମିଶିଯାଇ ଗଙ୍ଗାକୁ ଅପବିତ୍ର କରିପକାଏ ନା ସେ ପାପ କୁଆଡେ ଯାଏ ?' ଏହା ଜାଣିବା ପାଇଁ ସେ ତପସ୍ୟା କଲେ । ତପସ୍ୟା ଫଳରେ ଦେବତା ପ୍ରକଟ ହେଲେ। ଋଷି ପଚାରିଲେ, 'ଭଗବାନ ! ଗଙ୍ଗାରେ ଯେଉଁ ପାପ ଧୁଆଯାଏ, ସେହି ପାପ କୁଆଡ଼େ ଯାଏ ?' ଭଗବାନ କହିଲେ, 'ଚାଲ, ଗଙ୍ଗାଙ୍କୁ ହିଁ ପଚାରିବା।'

ଉଭୟ ଗଙ୍ଗାଙ୍କ ପାଖକୁ ଗଲେ ଏବଂ କହିଲେ, 'ହେ ଗଙ୍ଗେ ! ଲୋକମାନେ ତୁମ ପାଖରେ ପାପ ଧୋଉଛନ୍ତି, ତେଣୁ ତୁମେ ମଧ୍ୟ ପାପୀ ହୋଇଗଲ।' ଗଙ୍ଗା କହିଲେ, 'ମୁଁ କାହିଁକି ପାପୀ ହେବି ? ମୁଁ ତ ସବୁ ପାପ ନେଇ ସମୁଦ୍ରକୁ ଅର୍ପଣ କରିଦିଏ।' ଏବେ ସେମାନେ ସମୁଦ୍ର ପାଖକୁ ଗଲେ। 'ହେ ସାଗର ! ଗଙ୍ଗା ଯେଉଁ ପାପ ଆପଣଙ୍କୁ ଦେଇଦିଏ, ତା'ର ଅର୍ଥ ଆପଣ ମଧ୍ୟ ପାପୀ ହେଲେ।' ସମୁଦ୍ର କହିଲା, 'ମୁଁ କାହିଁକି ପାପୀ ହେବି ? ମୁଁ ତ ସେହି ସବୁ ପାପକୁ ବାଷ୍ପ କରି ବାଦଲ ବନେଇ ଦିଏ।' ଏବେ ସେମାନେ ବାଦଲ ପାଖକୁ ଗଲେ। 'ହେ ବାଦଲ ! ସମୁଦ୍ର ଲୋକଙ୍କ ପାପକୁ ବାଷ୍ପ କରି ବାଦଲ କରେ, ତେଣୁ ଆପଣ ପାପୀ ହେଲେ।' ବାଦଲ କହିଲା, 'ମୁଁ କାହିଁକି ପାପୀ ହେବି ? ମୁଁ ତ ସେହି ପାପକୁ ପୁଣି ବର୍ଷା ଜଳ ମାଧ୍ୟମରେ ପୃଥିବୀକୁ ପଠାଇ ଦିଏ, ଯେଉଁଥିରୁ ଅନ୍ନ ଉତ୍ପନ୍ନ ହୁଏ ଏବଂ ତାହାକୁ ମଣିଷ ଖାଏ।' ସେହି ଅନ୍ନ ଯେଉଁ ମାନସିକ ସ୍ଥିତିରେ ଉଠାଯାଇଥାଏ, ଯେଉଁ ବୃତ୍ତି ଦ୍ୱାରା ପ୍ରାପ୍ତ ହୋଇଥାଏ ଏବଂ ଯେଉଁ ମାନସିକ ଅବସ୍ଥାରେ ଖିଆଯାଏ, ସେହି ଅନୁସାରେ ମଣିଷର ମାନସିକତା ଗଠନ ହୁଏ। ସେଥିପାଇଁ ଏକ ପ୍ରାଚୀନ ଲୋକକଥା ଅଛି ଯେ – 'ଯେମିତି ଅନ୍ନ, ସେମିତି ମନ'।

ଏହି ପ୍ରସଙ୍ଗରେ ଗପଟିଏ ମନକୁ ଆସୁଛି । ଜଣେ ସାଧୁ ଗ୍ରାମରୁ ଗ୍ରାମ ଭ୍ରମଣ କରି ଯାଉଥିଲେ। ଗୋଟିଏ ଗାଁରେ ପହଞ୍ଚୁ ପହଞ୍ଚୁ ସନ୍ଧ୍ୟା ହୋଇଗଲା। ସେ ଗାଁ ମୁଣ୍ଡରେ ଥିବା ପ୍ରଥମ ଘରେ ଆଶ୍ରୟ ମାଗିଲେ। ସେଠାରେ ଜଣେ ବ୍ୟକ୍ତି ଥିଲେ ଯିଏ ରାତିରେ ରହିବାକୁ ଅନୁମତି ଦେଲେ ଏବଂ ଭୋଜନ ପାଇଁ ମଧ୍ୟ କହିଲେ।

ସାଧୁ ଭୋଜନ କରି ବାରଣ୍ଡାରେ ପଡ଼ିଥିବା ଖଟରେ ଶୋଇଲେ। ଅଗଣାରେ ତାଙ୍କର ଏକ ସୁନ୍ଦର ଓ ହୃଷ୍ଟପୁଷ୍ଟ ଘୋଡ଼ା ବନ୍ଧା ହୋଇଥିଲା। ଶୋଇଥିବା ଅବସ୍ଥାରେ ସାଧୁ ସେହି ଘୋଡ଼ାକୁ ଅନାଇଲେ। ତାଙ୍କ ମନରେ କୁବୁଦ୍ଧି ଆସିଲା– 'ଯଦି ଏହି ଘୋଡ଼ାଟି ମୋର ହୋଇଯାନ୍ତା, ତେବେ ମୋର ଗ୍ରାମ ଭ୍ରମଣ ସହଜ ହୋଇଯାନ୍ତା।' ସେ ଚିନ୍ତା କଲେ, ଘର ମାଲିକ ଶୋଇଗଲେ ଅଧରାତିରେ ସେ ଘୋଡ଼ା ନେଇ ଚୁପଚାପ୍ ଚାଲିଯିବେ। ଘର ମାଲିକ ଶୋଇବା ପରେ ସାଧୁ ଘୋଡ଼ାଟିକୁ ନେଇ ଚମ୍ପଟ ମାରିଲେ।

ପାଖାପାଖି ଦୁଇ-ତିନି କିଲୋମିଟର ଯିବା ପରେ ଗୋଟିଏ ଗଛରେ ଘୋଡ଼ାକୁ ବାନ୍ଧି ସେ ଶୋଇପଡ଼ିଲେ। ସକାଳୁ ଉଠି ନିତ୍ୟକର୍ମ ସାରିବା ପରେ ଯେତେବେଳେ ସେ ଘୋଡ଼ା ପାଖକୁ ଆସିଲେ, ତାଙ୍କ ମନ ପରିବର୍ତ୍ତନ ହୋଇଗଲା। ସେ ଭାବିଲେ, 'ଆରେ ! ମୁଁ ଏହା କ'ଣ କଲି ? ଜଣେ ସାଧୁ ହୋଇ ଚୋରି କଲି ? ମୋ ମନକୁ ଏପରି କୁବୁଦ୍ଧି କାହିଁକି ଆସିଲା ?' ସେ ଘୋଡ଼ାଟିକୁ ଫେରାଇବାକୁ ନିଷ୍ପତ୍ତି ନେଇ ଓଲଟା ଦିଗରେ ଚାଲିଲେ। ସେହି ଘରେ ପହଞ୍ଚି ସେ ଘରର ମାଲିକଙ୍କୁ କ୍ଷମା ମାଗିଲେ ଏବଂ ଘୋଡ଼ା ଫେରାଇଦେଲେ। ସାଧୁ ଚିନ୍ତା କଲେ, 'ଗତକାଲି ମୁଁ ଏହାଙ୍କ ଘରର ଅନ୍ନ ଖାଇଥିଲି, ବୋଧହୁଏ ସେହି ଅନ୍ନ ହିଁ ମୋ କୁବୁଦ୍ଧିର କାରଣ।' ସେ କୌତୁହଳର ସହ ଗୃହସ୍ୱାମୀଙ୍କୁ ପଚାରିଲେ– 'ଆପଣ କ'ଣ କାମ କରନ୍ତି ? ଆପଣଙ୍କ ଜୀବିକା କ'ଣ ?' ଗୃହସ୍ୱାମୀ ସାଧୁଙ୍କୁ ଦେଖି ସତ କହିଦେଲେ– 'ମହାତ୍ମା ! ମୁଁ ଜଣେ ଚୋର, ଏବଂ ଚୋରି କରି ନିଜର ଗୁଜରାଣ ମେଣ୍ଟାଏ।' ସାଧୁଙ୍କୁ ଉତ୍ତର ମିଳିଗଲା। ଚୋରି ଟଙ୍କାରେ ଅର୍ଜିତ ଅନ୍ନ ପେଟକୁ ଯିବା ମାତ୍ରେ ତାଙ୍କ ମନରେ ଚୋରି କରିବାର କୁବୁଦ୍ଧି ଜନ୍ମ ହୋଇଥିଲା। ସକାଳୁ ନିତ୍ୟକର୍ମ ପରେ ସେହି ଅନ୍ନର ପ୍ରଭାବ ଶରୀରରୁ ବାହାରିଯିବା ପରେ ହିଁ ସଦ୍‌ବୁଦ୍ଧି ଫେରିଆସିଲା। ତେଣୁ ବନ୍ଧୁଗଣ ! ଆପଣ ଦେଖିଲେ ତ, ଆମେ ଗ୍ରହଣ କରୁଥିବା ଅନ୍ନର ପ୍ରଭାବ ଆମ ମନ ଉପରେ କିପରି ପଡ଼ିଥାଏ। ସେଥିପାଇଁ ସର୍ବଦା ଶାନ୍ତ ମନରେ ଭୋଜନ କରିବା ଉଚିତ୍ ଏବଂ ଅନ୍ତତଃ ପକ୍ଷେ ଅନ୍ନ ଯେଉଁ ଧନରେ କିଣାଯାଏ, ତାହା ପରିଶ୍ରମର ଧନ ହେବା ଆବଶ୍ୟକ।

# ମହାଭାରତ ଯୁଦ୍ଧରୁ ଇରାନ- ଇସ୍ରାଏଲ ଆମେରିକା ଯୁଦ୍ଧ ପର୍ଯ୍ୟନ୍ତ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ:
୯୪୩୮୪୮୫୦୯୪

ଯଦି ମହାଭାରତ ଯୁଦ୍ଧ ହୋଇନଥାନ୍ତା ତେବେ ଦୁନିଆ ଏକ ବହୁତ ବଡ଼ ସଂଘର୍ଷରୁ ବର୍ତ୍ତିଯାଇଥାନ୍ତା। କିନ୍ତୁ ଧର୍ମ ଏବଂ ଜ୍ଞାନର ସନ୍ଦର୍ଭରେ ଏହାର ଅନେକ ଅଲଗା ଅଲଗା ପ୍ରଭାବ ଦେଖିବାକୁ ମିଳିଥାନ୍ତା। କେତେକ ସମ୍ଭାବିତ ପରିଣାମ ହେଉଛି – ହୁଏତ ଦୁର୍ଯ୍ୟୋଧନ ଏବଂ କୌରବ ଆହୁରି ଅଧିକ ଶକ୍ତିଶାଳୀ ହୋଇଯାଇଥାନ୍ତେ ଅଥବା ପାଣ୍ଡବଙ୍କ ସହ ଶାନ୍ତି ବୁଝାମଣା ମଧ୍ୟ ହୋଇପାରିଥାନ୍ତା। ସମ୍ଭାବିତ ପରିଣାମ – ପାଣ୍ଡବଙ୍କୁ ନ୍ୟାୟ, ଯଦି ପାଣ୍ଡବଙ୍କୁ କୃଷ୍ଣ ମାଗିଥିବା ୫ଟି ପଡ଼ା ମିଳିଯାଇଥାନ୍ତା। ମହାଭାରତ ଯୁଦ୍ଧ ଏକ ବିଶାଳକାୟ ଯୁଦ୍ଧ ଚାଲିଛି ଥିଲାବୋଲି ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ। ଯୁଦ୍ଧଥିଲା ଓ ଯୁଦ୍ଧ ଯୋରସୋରରେ ଲଢ଼ା ଯାଇଥିଲା ଓ ଧନ ବ୍ୟାପକ ଭାବେ ନଷ୍ଟ ହୋଇଥିଲା। ଏହା ଦ୍ୱାପରଯୁଗର ଏକ ଯୁଦ୍ଧ ଖଣ୍ଡା, ଧନୁତୀର, ଗଦାରେ ଲଢାଯାଇଥିଲା। ଏବେ ବିଶ୍ୱରେ ଅନେକ ଦେଶରେ ଯେଉଁ ଯୁଦ୍ଧ ଚାଲିଛି ସେଥିରେ ବନ୍ଧୁକ, କ୍ଷେପଣାସ୍ତ୍ର, ବୋମା ଏବଂ ନ୍ୟୁକ୍ଲିୟର ଟେକ୍ନୋଲୋଜିର ବ୍ୟବହାର କରାଯାଉଛି। ଜାପାନର ହିରୋସୀମା-ନାଗାସାକିରେ ପରମାଣୁ ବୋମାର ପ୍ରଭାବ ଏବେବି ଦେଖିବାକୁ ମିଳୁଛି। ପାକିସ୍ଥାନ ଭଳି କିଛି ଦେଶ ପରମାଣୁ ବୋମାର କଥା କହୁଥିବା ବେଳେ ଭାରତ ଭଳି କିଛି ଦେଶ ଶାନ୍ତିର କଥା କହୁଛନ୍ତି।

ଆକବର ଏବଂ ରାଣାପ୍ରତାପଙ୍କ ହଳଦୀଘାଟ ଯୁଦ୍ଧ, ପାନିପଥଯୁଦ୍ଧ ହୋଇଥିଲା। ୧୯୬୨ରେ ଭାରତ-ଚୀନ ଯୁଦ୍ଧ , ୧୯୬୫ର ଭାରତ- ପାକିସ୍ଥାନ ଯୁଦ୍ଧ, ୧୯୭୧ର ବଙ୍ଗଳାଦେଶ ପାଇଁ ଭାରତ ପାକିସ୍ଥାନକୁ ସରେଣ୍ଡର କରାଇଥିଲା। ଏବେ ଇରାନ- ଇସ୍ରାଏଲ ଏବଂ ଆମେରିକା ମଧ୍ୟରେ ଯୁଦ୍ଧ ପୂର୍ବରୁ ଇସ୍ରାଏଲ – ହମାସ ମଧ୍ୟରେ ଏବେଇ ଓ ଋଷ-ୟୁକ୍ରେନ୍ ଯୁଦ୍ଧ ଚାଲିଛି। ପାକିସ୍ଥାନ ମଧ୍ୟ ଆଫଗାନିସ୍ଥାନ ଉପରେ ବୋମା ବର୍ଷଣ କରୁଛି। ଏ ପଟେ ଯୁଦ୍ଧ ଚାଲିଛି ଓ ଅନ୍ୟପଟେ ଶାନ୍ତିର କଥା ମଧ୍ୟ କୁହାଯାଉଛି। ଏସବୁ ଘଟଣା କେଉଁ ମୋଡ଼ ନେବ ତାହା ସାରାବିଶ୍ୱ ଦେଖୁଛନ୍ତି ଓ ଆଗକୁ ଦେଖିବେ ମଧ୍ୟ। ଆମେରିକା ଭେନଜୁଆଲାର ରାଷ୍ଟ୍ରପତିଙ୍କୁ ତାଙ୍କ ଦେଶରୁ ଗିରଫ କରି ଆମେରିକା ନେଇଆସିଲା। ବିଶ୍ୱର ଅନେକ ଦେଶ ଉପରେ ଟାରିଫ ଲଗାଇଲା ଓ ଏବେ ଇରାନ ଉପରେ ଆକ୍ରମଣ କରିଛି। ସେଇ ଆମେରିକା ପୁଣି ବିଶ୍ୱ ଶାନ୍ତିର କଥା କହୁଛି। ଜାତିସଂଘ ଏସବୁ ଯୁଦ୍ଧକୁ ରୋକି ପାରୁନାହିଁ ଓ ପ୍ରାସଙ୍ଗିକତା ହରାଇ ବସିଛି। କିନ୍ତୁ ଭାରତ ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ହେବା ପାଇଁ ଏପରିକି ବିଶ୍ୱଗୁରୁ ହେବା ଲକ୍ଷ୍ୟରେ ରହିଛି।

ଯେବେଠାରୁ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି ହୋଇଛି ସେବେଠାରୁ ଅନେକ ଯୁଦ୍ଧ ହୋଇଛି। ଏସବୁ ଯୁଦ୍ଧର ସଂଖ୍ୟା ଗଣତି କରିବା ମଧ୍ୟ ଅସମ୍ଭବ। ଅନେକ ଯୁଦ୍ଧ "ଶାନ୍ତି ପାଇଁ ଲଢା ଯାଇଛି" ବୋଲି କୁହାଯାଏ ହେଲେ ଏହାର ଅର୍ଥ ଅସ୍ପଷ୍ଟ। ବିଗତ ୧୦୦ବର୍ଷ ମଧ୍ୟରେ ୨୬୦ ରୁ ଅଧିକ ଯୁଦ୍ଧ ଏବଂ ସଂଘର୍ଷ ହୋଇଛି ଓ ଏସବୁ ଯୁଦ୍ଧରେ ୧୫ କୋଟିରୁ ଅଧିକ ଲୋକ ମରିଛନ୍ତି। ଏକଥା ଅନୁମାନ କରିବା କଷ୍ଟ ଯେ ବିଶ୍ୱର ସୃଷ୍ଟି ପରଠାରୁ ଯୁଦ୍ଧ ଏବଂ ଶାନ୍ତି ପାଇଁ କେତେ ସଂଘର୍ଷ ହୋଇଛି ଓ କ'ର କ'ଣ ସବୁ ନଷ୍ଟ ଭ୍ରଷ୍ଟ ହୋଇଛି। ଇତିହାସରେ ଅନେକ ଯୁଦ୍ଧ କଥା ଉଲ୍ଲେଖ ରହିଛି ଓ ଶାନ୍ତି ବୁଝାମଣା ଏବଂ ସନ୍ଧି ହୋଇଛି କିନ୍ତୁ "ଶାନ୍ତି ପାଇଁ ଲଢେଇ"କୁ ଯୁଦ୍ଧ ଛଡ଼ା ଆଉ କିଛି କୁହାଯିବ ନାହିଁ। ଅତୀତରେ ହୋଇଥିବା ଅନେକ ଯୁଦ୍ଧର ପରିଣାମ ଏବଂ ପ୍ରଭାବ ଆଜି ମଧ୍ୟ ଦେଖାଯାଏ। ଅନେକ କାରଣରୁ ଅନେକ ସଂଘର୍ଷ ଘଟିଛି ଯାହା ବାବଦରେ କୌଣସି ଐତିହାସିକ ତଥ୍ୟ ମଧ୍ୟ ନାହିଁ।

ଯୁଦ୍ଧର କାରଣ ମଧ୍ୟରେ ରହିଛି ସଂସାଧନ, (ଭୂମି, ଜଳ, ଖଣିଜ ପଦାର୍ଥ), ରାଜନୈତିକ ପ୍ରଭୁତ୍ୱ ଏବଂ ନିଜର ସୀମାକୁ ବିସ୍ତାର କରାଯିବା ଉଦ୍ୟମ, ଧାର୍ମିକ ଏବଂ ସାଂସ୍କୃତିକ ମତଭେଦ, ଆର୍ଥିକ ହିତ ଏବଂ ରାଷ୍ଟ୍ରୀୟ ସୁରକ୍ଷା ଭଳି ପ୍ରସଙ୍ଗ। ଏସବୁ କାରଣରୁ ଯୁଦ୍ଧ ହୋଇଥାଏ ଓ ଯୁଦ୍ଧ କାରଣରୁ ରାଷ୍ଟ୍ରର ହିତ ବାଧାପ୍ରାପ୍ତ ହୋଇଥାଏ। ଭୂମୀ, ଜଳ, ଖଣିଜ ଏବଂ ଅନ୍ୟ ପ୍ରାକୃତିକ ସଂସାଧନ ନିୟନ୍ତ୍ରଣକୁ ନେଇ ସଂଘର୍ଷ ହୋଇଥାଏ। ଶାସନର ଲାଳସା, ସୀମା ବିସ୍ତାର ଏବଂ କୌଣସି ଦେଶ ଉପରେ ରାଜନୈତିକ ପ୍ରଭୁତ୍ୱ ସ୍ଥାପନ ପାଇଁ ମଧ୍ୟ ଯୁଦ୍ଧ ହୋଇଥାଏ। ଧାର୍ମିକ ଏବଂ ସାଂସ୍କୃତିକ ମତଭେଦ କାରଣରୁ ଯୁଦ୍ଧ ହୋଇଥାଏ। ବ୍ୟବସାୟର ମାର୍ଗ, ବଜାର ଏବଂ ଆର୍ଥୀକ ପ୍ରଭୁତ୍ୱ ପାଇଁ ପ୍ରତିସ୍ପର୍ଦ୍ଧା ମଧ୍ୟ ଯୁଦ୍ଧର କାରଣ ହୋଇଥାଏ। ସବୁଠାରୁ ବଡ଼ ପ୍ରସଙ୍ଗ ହେଉଛି ରାଷ୍ଟ୍ରୀୟ ସୁରକ୍ଷା। କୌଣସି ଦେଶ ଯେତେବେଳେ ସେ ଦେଶର ରାଷ୍ଟ୍ରୀୟ ସୁରକ୍ଷା ପାଇଁ ବିପଦ ଆସୁଛି ବୋଲି ଭାବେ ଅଥବା ଅନ୍ୟ ଦେଶର ଆକ୍ରମଣର ଜବାବ ଦେବାପାଇଁ ପ୍ରସ୍ତୁତ ହୁଏ ସେତେବେଳେ ମଧ୍ୟ ଯୁଦ୍ଧ ହୋଇପାରେ। ସୀମା ବିବାଦକୁ ନେଇ ମଧ୍ୟ ଯୁଦ୍ଧ ହେବାର ଆଶଙ୍କା ଦେଖା ଦେଇଥାଏ।

ଯୁଦ୍ଧରୁ ଆମେ କ'ଣ ବୁଝିବା ? ଏହାର କାରଣ ଏବଂ ପ୍ରଭାବର ତର୍ଜମା କରାଯିବା ଆବଶ୍ୟକ। ଯୁଦ୍ଧକୁ ରୋକିବା ପାଇଁ ଉତ୍ତେଜନା ହ୍ରାସ କରିବା, ଦାରିଦ୍ର୍ୟ ଓ ଅସମାନତାକୁ ଦୂର କରିବା, ସମାବେଶୀ ସମାଜର ନିର୍ମାଣ କରିବା ଏବଂ ଶାନ୍ତିପୂର୍ଣ୍ଣ ଭାବେ ସଂଘର୍ଷର ସମାଧାନ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନର ଯୁଦ୍ଧ ରୋକିବା ପାଇଁ ମଧ୍ୟସ୍ଥତା ଏବଂ କୁଟନୀତିର ପ୍ରାଧାନ୍ୟ ରହିଛି। ଯୁଦ୍ଧ ରୋକିବା ପାଇଁ ଆନ୍ତର୍ଜାତୀୟ ଆଇନ ମଧ୍ୟ ରହିଛି କିନ୍ତୁ ତାହା ଅନେକ ବିକଶିତ ଦେଶ ଗ୍ରହଣ କରିବାକୁ ନାରାଜ। ଏବେ ବିଶ୍ୱରେ ପ୍ରତିସ୍ପର୍ଦ୍ଧା ଓ ବ୍ୟବସାୟ ପାଇଁ ଲଢେଇ ଅଧିକ ହେବାରେ ଲାଗିଛି। ଋଷ-ୟୁକ୍ରେନ ଯୁଦ୍ଧ, ଇସ୍ରାଏଲ ହମାସ ସଂଘର୍ଷ, ଇରାନ-ଆମେରିକା ଯୁଦ୍ଧ ଇସ୍ରାଏଲ କାରଣରୁ କେତେ ଯେ ଧନ ଜୀବନ ନଷ୍ଟ ହେଉଛି ତାହା କଳନା କରାଯାଇ ପାରିବ ନାହିଁ ଏହାର ଯୁଦ୍ଧରେ ବ୍ୟବହାର କରାଯାଉଥିବା କ୍ଷେପଣାସ୍ତ୍ର, ବୋମାର ପ୍ରଭାବ ଏବେ ପଡୁଛି ଓ ଆଗାମୀ କିଛି ବର୍ଷ ପର୍ଯ୍ୟନ୍ତ ମଧ୍ୟ ପ୍ରଭାବ ରହିବ। ଏ କଥା ଯେ ଯୁଦ୍ଧରେ ମାତିଥିବା ଦେଶ ମାନେ ଜାଣୁ ନାହାଁନ୍ତି ତାହା ନୁହେଁ। ଯୁଦ୍ଧ କାରଣରୁ ବିଶ୍ୱ ଆତଙ୍କିତ ଏବଂ ବିଶ୍ୱର ଆର୍ଥୀକ ସ୍ଥିତି ଉପରେ ସଙ୍କଟ ମାଡିଆସୁଛି ତଥାପି କେହି ମାନିବାକୁ ନାରାଜ।

# ଆସକ୍ତି, କାମନା ଓ ବାସନାର ଅନ୍ତ ଆନନ୍ଦର ପଥ



ଶ୍ରୀହେମନ୍ତ କୁମାର ଗନ୍ତାୟତ
ଅଧ୍ୟାପକ
ଆସିକା ,ଗଞ୍ଜାମ
ମୋ-୯୮୬୧୩୩୪୮୬୮

ପ୍ରତ୍ୟେକ ଜୀବ ବା ମନୁଷ୍ୟର ଗୋଟିଏ ହିଁ ଲକ୍ଷ୍ୟ ଆନନ୍ଦ ପ୍ରାପ୍ତ କରିବା; ଅତଃ ସେ ସର୍ବଦା ଆନନ୍ଦର ଅନ୍ୱେଷଣ କରିଥାଏ। କାରଣ ମନୁଷ୍ୟର ସ୍ୱଭାବ ହେଉଛି ଆନନ୍ଦର ସ୍ୱରୂପ। ସେ ନିଜର ଅଜ୍ଞାନତା ଯୋଗୁଁ ତା'ର ସ୍ୱରୂପର ବିସ୍ମୃତି ଘଟିଥାଏ କିନ୍ତୁ ସ୍ୱଭାବର ନୁହେଁ। ତେଣୁ ଆନନ୍ଦ ପାଇବା ପାଇଁ ଜୀବ ମନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ବାରମ୍ବାର ପ୍ରେରିତ କରିଥାଏ। ଆମ୍ଭେମାନେ ଜାଣୁ ମନ ଏକ ଜଡ ପଦାର୍ଥ ଏବଂ ସେ ମାୟା ବା ପ୍ରକୃତିରୁ ଉତ୍ପତ୍ତି ହୋଇଛି; ଏହି କାରଣରୁ ମନ ଜଗତରୁ ଅର୍ଥାତ୍ କୌଣସି ବ୍ୟକ୍ତି, ବସ୍ତୁ କିମ୍ବା ପରିବେଶରୁ ଯେଉଁ ମୋହ ବା ଲୋଭ ରଖି ବହୁବାର ସୁଖ ପାଇବା ପାଇଁ ଚେଷ୍ଟାକରେ ତାହାକୁ ଆସକ୍ତି କୁହାଯାଏ। ଏହାର ଆକ୍ଷରିକ ଅର୍ଥ ଭୋଗାଭିଳାଷ। ଯେ କି ମଣିଷକୁ ସଂସାରର ମାୟା ଜାଲରେ ବାନ୍ଧି ରଖେ। ତେଣୁ ଶ୍ରୀମଦ୍ ଭଗବଦ୍‌ଗୀତାର ଦ୍ୱିତୀୟ ଅଧ୍ୟାୟରେ କୁହାଯାଉଛି ଯେ:

ଧ୍ୟାୟତୋ ବିଷୟାନ୍ ପୁଂସଃ
ସଙ୍ଗସ୍ତେଷୂପଜାୟତେ ।
ସଙ୍ଗାତ୍‌ସଞ୍ଜାୟତେ କାମଃ
କାମାତ୍‌କ୍ରୋଧୋଽଭିଜାୟତେ ।।୬୨।।

ଅର୍ଥାତ୍ ମଣିଷର ଇନ୍ଦ୍ରିୟ ସମୂହମାନେ ଯେତେବେଳେ ଭୋଗ୍ୟବସ୍ତୁ ଗୁଡ଼ିକୁ ବାରମ୍ବାର ଚିନ୍ତନ କରିବା ଫଳରେ ତା' ପ୍ରତି ଆସକ୍ତି ଜାତହୁଏ । ସେହି ଆସକ୍ତିରୁ କାମନା ଏବଂ କାମନା ପୂର୍ଣ୍ଣ ନ ହେଲେ କ୍ରୋଧ ଜାତ ହୋଇଥାଏ।

ଯେବେ ଆମେ କୌଣସି ଦ୍ରବ୍ୟକୁ ନିଜର ବୋଲି ଭାବି ତା' ସହିତ ମାନସିକ ସ୍ତରରେ ଜଡ଼ିତ ହୋଇଯାଉ, ସେତେବେଳେ ଆସକ୍ତି ଜନ୍ମ ନେଇଥାଏ। ଏହି ଆସକ୍ତିର ପରିମାଣ ଯେବେ ପ୍ରବଳ ମାତ୍ରାରେ ଇଚ୍ଛା ଜନ୍ମାଏ ତାହାକୁ କାମନା କୁହାଯାଏ। ଏହା ମୁଖ୍ୟତଃ ଶାରୀରିକ ବା ସାଂସାରିକ ସୁଖ ପାଇବା ପାଇଁ ମନରେ ବ୍ୟାକୁଳତା ସୃଷ୍ଟି କରିଥାଏ। ଏ ସମୟରେ ଯଦି ପ୍ରାରବ୍ଧର କର୍ମଫଳ ଶୁଭ ପ୍ରସବ କରେ, ତେବେ ଅନେକ ଅଭିଳାଷ ବା କାମନା ପୂର୍ତ୍ତି ହୋଇଯାଏ। ଯଦି ପ୍ରାରବ୍ଧର କର୍ମଫଳ ଅଶୁଭ ପ୍ରସବ କରେ ତେବେ ଅଭିଳାଷ ଅପୂର୍ଣ୍ଣ ହୋଇ ରହିଯାଏ। ଯା'ଫଳରେ ସେ ପୁର୍ନବାର ପାଇବାକୁ ଇଚ୍ଛା କଲେ ମଧ୍ୟ ତାହା ଫଳବତୀ ହୁଏନାହିଁ। ଏ'ପରି ବାରମ୍ବାର ହେବାଦ୍ୱାରା କାମନା ସଂସ୍କାର ରୂପେ ଅନ୍ତଃକରଣରେ ବାସ କରିନିଏ। ସେହି ସଂସ୍କାର ନାମ ହେଉଛି ବାସନା।

ଏ ବାସନା ଜଣେ ମନୁଷ୍ୟର ଇହ (ବର୍ତ୍ତମାନ) ଜନ୍ମର ସଂସ୍କାର ଏବଂ ଅନେକାନେକ ଜନ୍ମର ସଂସ୍କାରକୁ ନେଇ ଅନ୍ତଃକରଣରେ ସୂକ୍ଷ୍ମ ଭାବରେ ରହିଥାଏ। ଏହା ଫୁଲର ସୁବାସ ପରି ଅଦୃଶ୍ୟ ଭାବରେ ରହେ, ଯାହା ମଣିଷକୁ କର୍ମ କରିବା ପାଇଁ ପ୍ରେରିତ କରିଥାଏ। ଶାସ୍ତ୍ର ଅନୁଯାୟୀ, ମଣିଷର ମୃତ୍ୟୁ ହେଲେ ମଧ୍ୟ ତାର 'ବାସନା' ଶେଷ ହୁଏ ନାହିଁ। ଏହି ବାସନା ହିଁ ଜୀବାତ୍ମାକୁ ପୁନର୍ଜନ୍ମ ନେବା ପାଇଁ ବାଧ୍ୟ କରେ। ଯେ'ପରି ଗୋଟିଏ କପଡ଼ାରେ ଅତର ଢାଳିଦେଲେ ତାହା ଶୁଖି ଗଲାପରେ ମଧ୍ୟ ସୁଗନ୍ଧ ରହିଯାଏ, ସେହିପରି ଶରୀର ନଷ୍ଟ ହେଲେ ମଧ୍ୟ ମନର ବାସନା ରହିଥାଏ। ଏ ବାସନା ଦୁଇ ଭାଗରେ ବିଭକ୍ତ ଯଥା: ଶୁଭ ଓ ଅଶୁଭ। ଯେଉଁ ବାସନା ମଣିଷକୁ ଭକ୍ତି, ସେବା ଓ ପୁଣ୍ୟ କର୍ମ ଆଡ଼କୁ ଅଗ୍ରସର କରାଏ ତା'କୁ ଶୁଭ ଏବଂ ଯେଉଁ ବାସନା ମଣିଷକୁ ଭୋଗ-ବିଳାସ, କ୍ରୋଧ ଓ ଅଧର୍ମ ପଥକୁ ଟାଣିନିଏ ତା'କୁ ଅଶୁଭ ବାସନା କୁହାଯାଏ।

ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଆସକ୍ତି, କାମନା ଓ ବାସନା ମଣିଷକୁ ମୁକ୍ତି ପଥରୁ ଦୂରେଇ ରଖେ। ଏହି ତିନିରୁ ମୁକ୍ତ ହେବା ପାଇଁ ବୁଦ୍ଧିର ଆବଶ୍ୟକତା ରହିଛି। ଯାହା ଦୁଇପ୍ରକାର ଯଥା: ବିଦ୍ୟା ବୁଦ୍ଧି ଓ ଅବିଦ୍ୟା ବୁଦ୍ଧି। ବିଦ୍ୟା ବୁଦ୍ଧି ଅର୍ଥାତ୍ ସତ୍ୟର ପରିଜ୍ଞାନ ବା ଆତ୍ମଜ୍ଞାନ। ଯେ ମଣିଷକୁ ସତ୍ୟ ଓ ଅସତ୍ୟ ମଧ୍ୟରେ ଥିବା ପାର୍ଥକ୍ୟ ଜ୍ଞାତ କରିଥାଏ ଏବଂ ମୋହ, ମାୟା, ଓ ବନ୍ଧନରୁ ମୁକ୍ତ କରି ମୋକ୍ଷ ଆଡ଼କୁ ନେଇଯାଏ। ଏହାକୁ ଶୁଦ୍ଧ ଚେତନା ବା ଉଚ୍ଚତର ଜ୍ଞାନ ବୋଲି ମଧ୍ୟ କୁହାଯାଇଛି। ସେପରି ଅବିଦ୍ୟା ବୁଦ୍ଧି ଅର୍ଥାତ୍ ଅଜ୍ଞାନ ବା ମାୟା, ଯେ ମଣିଷକୁ ସଂସାରର କେବଳ ବାହ୍ୟ ରୂପ (ମାୟା)କୁ ଦେଖାଇଥାଏ ଏବଂ ମୃତ୍ୟୁର ଚକ୍ରରେ ବାନ୍ଧି ରଖେ। ଏହି କାରଣରୁ ମଣିଷ ଭ୍ରମରେ ପଡ଼ି ନିଜକୁ ବୁଦ୍ଧିମାନ ମନେକରେ କିନ୍ତୁ ପ୍ରକୃତରେ ସେ ଜ୍ଞାନରୁ ବଞ୍ଚିତ ଥାଏ। ଅବିଦ୍ୟା ବୁଦ୍ଧି ସତ୍ୟଭଳି ଅନୁଭୂତ ହେଲେ ମଧ୍ୟ ତାହା ସତ୍ୟ ନୁହେଁ। ସେ ସର୍ବଦା ବନ୍ଧନ ଦେଇଥାଏ।

ଅବିଦ୍ୟା ବୁଦ୍ଧି ହେଉଛି ତମ ସଦୃଶ୍ୟ ଏବଂ ବିଦ୍ୟା ବୁଦ୍ଧି ଆଲୋକ ସମାନ ଅଟେ। ଏହି ତମକୁ ନାଶ କରିବାକୁ ହେଲେ ଆଲୋକର ନିତାନ୍ତ ଆବଶ୍ୟକ, ଯଦ୍ଦ୍ୱାରା ଜ୍ଞାନୋଦୟ ହୋଇପାରିବ। ତେଣୁ ଶାସ୍ତ୍ରରେ କୁହାଯାଏ ଯେ , ଜ୍ଞାନେନ ମୁକ୍ତିଃ, ଅର୍ଥାତ୍ ଜ୍ଞାନ ଦ୍ୱାରା ହିଁ ଜୀବ ମୁକ୍ତି ପାଇଥାଏ। ଏହି ବିଦ୍ୟା ବୁଦ୍ଧି ଜାଗ୍ରତ କରିବାକୁ ହେଲେ ବିବେକର ନିତାନ୍ତ ଜରୁରୀ, କାରଣ ବିବେକରୁ ହିଁ ବୈରାଗ୍ୟ ଉତ୍ପତ୍ତି ହୁଏ। ଯେତେବେଳେ ପର୍ଯ୍ୟନ୍ତ ମଣିଷର ବୈରାଗ୍ୟ ସୃଷ୍ଟି ହୋଇନାହିଁ, ଯେତେବେଳ ପର୍ଯ୍ୟନ୍ତ ଅନ୍ତକରଣ ବିଶୁଦ୍ଧ ହୋଇପାରିବ ନାହିଁ। କାରଣ ବୈରାଗ୍ୟ ହିଁ ଅନ୍ତଃକରଣକୁ ଶୁଦ୍ଧ କରିଥାଏ । ଯଦ୍ଦ୍ୱାରା ଜୀବ ଶିବତ୍ୱକୁ ପ୍ରାପ୍ତି କରି ଜୀବନ ମୁକ୍ତ ବା ଆନନ୍ଦ ପଥର ପଥିକ ହୋଇଯାଏ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**





# ବ୍ୟବସାୟିକ ପେଣ୍ଠସ୍ଥଳ ବ୍ରହ୍ମପୁର ସହରରେ ଅଗ୍ନି ନିରାପତା ଦୁର୍ବଳ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗତ ଫେବୃୟାରୀରେ ଭୁବନେଶ୍ୱର ଲିଙ୍ଗିପୁର ସୁପରମାର୍ଟରେ ନିଆଁ ଲାଗିଥିଲା । କୋଟି କୋଟି ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଥିଲା । ୧୫ ମାର୍ଚ୍ଚରେ ଏସ୍‌ସିବି ମେଡ଼ିକାଲ୍ କଲେଜରେ ଅଗ୍ନିକାଣ୍ଡ ହୋଇଥିଲା । ୧୨ ରୋଗୀ ଜୀବନ୍ତ ଦଗ୍ଧ ହୋଇଗଲେ । ସେହିପରି ଗତ ୧୯ ତାରିଖରେ ରାଜଧାନୀ ସିଆର୍‌ପି ଛକ ପାଖ ମହାବୀର ମାର୍କେଟ୍‌ରେ ଅଗ୍ନିକାଣ୍ଡ ଘଟି ବହୁ କ୍ଷୟକ୍ଷତି ଘଟିଛି । ଏହା ସ୍ପଷ୍ଟ ଯେ, ଦୁର୍ବଳ ଅଗ୍ନି ନିରାପତା ବ୍ୟବସ୍ଥା ଏ ସମସ୍ତ ଅଗ୍ନିକାଣ୍ଡକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି । ହେଲେ ଏ ଅଘଟଣରୁ ବ୍ରହ୍ମପୁର କିଛି ଶିଖିଲାନି । ଦଶ ହଜାରରୁ ଅଧିକ ବାଣିଜ୍ୟିକ ପ୍ରତିଷ୍ଠାନର ପେଣ୍ଠ ବ୍ରହ୍ମପୁର ସହର । ଖୁନ୍ଦାଖୁନ୍ଦି ହୋଇ ରହିଛି । ଅଣଓସାରିଆ ରାସ୍ତା । ସବୁବେଳେ ଟ୍ରାଫିକ୍ ଜାମ୍ । ଅଘଟଣ ହେଲେ ରୋକିବା କଷ୍ଟକର ହୋଇଯିବ । ତଥାପି ଅଗ୍ନି ନିରାପତ୍ତା ବନ୍ଦୋବସ୍ତ କାହାରିକୁ ବ୍ୟଥିତ କରୁନି । ଏଠି ଅଗ୍ନିଶମ ବିଭାଗ ବି ହାତ ଟେକିଦେଇଛି । ଦକ୍ଷିଣାଞ୍ଚଳ ରେଞ୍ଜ ଫାୟାର ଅଫିସର ବିଚିତ୍ର କୁମାର ପଣ୍ଡଙ୍କ କହିବା ପ୍ରକାରେ ପ୍ରତି ଦୁଇ ବର୍ଷରେ ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ପୁନଃ ପଞ୍ଜିକରଣ ହେଉଛି । କିନ୍ତୁ ଅଧିକାଂଶ ଏହା କରୁନାହାନ୍ତି । ବିଭାଗୀୟ ଅଧିକାରୀଙ୍କ ମତ ସହରବାସୀଙ୍କୁ ଚିନ୍ତାରେ ପକାଇଦେଇଛି । ସହର ବଡ଼, ରାସ୍ତାଘାଟ ଛୋଟ । ଯାଭିତରେ ୧୦ ହଜାରରୁ ଅଧିକ ବ୍ୟବସାୟିକ ପ୍ରତିଷ୍ଠାନ । ଶତାଧିକ ସରକାରୀ କାର୍ଯ୍ୟାଳୟ । କିନ୍ତୁ ଅଧିକାଂଶ ସଂସ୍ଥାର ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା । ବ୍ରହ୍ମପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ, ମହାନଗର ନିଗମ କାର୍ଯ୍ୟାଳୟ ସମେତ ଆହୁରି ଅନେକ କାର୍ଯ୍ୟାଳୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଦୁର୍ବଳ । ସେହିପରି ବଡ଼ ବଜାର ଅଞ୍ଚଳରେ ପ୍ଲାଷ୍ଟିକ୍ ସାମଗ୍ରୀ, ଲୁଗା ଆଦି ଅତ୍ୟନ୍ତ ଦହନଶୀଳ ସାମଗ୍ରୀର ପୁଳା ପୁଳା ଦୋକାନ । ଅଥଚ ଅଗ୍ନି ନିରୋଧି ସୁବିଧା କହିଲେ ଫାୟାର୍ ଏକ୍ସଟିଙ୍ଗୁଇସ୍‌ର ସିଲିଣ୍ଡରଟିଏ ଟଙ୍ଗା ହୋଇଥିବ । ଏହାକୁ ନେଇ ସମସ୍ତେ ଚିନ୍ତାରେ । ଅଘଟଣ ଘଟିଲେ ରୋକିବା କିପରି । ବଡ଼ ବଜାର କେବଳ ଏକ ଉଦାହରଣ ମାତ୍ର । ସାନବଜାର, ହନୁମାନ ବଜାର, ଗଣେଶ ମାର୍କେଟ୍, ଅନ୍ନପୂର୍ଣ୍ଣା ମାର୍କେଟ୍, ଆସିକା ରୋଡ୍ ଆଦି ଅଞ୍ଚଳରେ ପ୍ରମୁଖ ଓ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି । ଗାର୍ମେଣ୍ଟ ବ୍ୟବସାୟ ଠାରୁ ଗ୍ରୋସରୀ, ଛତା, ଜୋତା, ଅଟୋମୋବାଇଲ୍ ସାମଗ୍ରୀ ବିକ୍ରିର ହବ୍ ହେଉଛି ଏହି ବଜାର । ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, ରାୟଗଡ଼ା, କୋରାପୁଟ, ମାଲକାନଗିରି, କଳାହାଣ୍ଡି, ନବରଙ୍ଗପୁର ସମେତ ପଶ୍ଚିମ ଓ ଉପକୂଳ ଓଡ଼ିଶାର ବିଭିନ୍ନ ଜିଲ୍ଲାକୁ ଏଇଠୁ ଖାଦ୍ୟ ସାମଗ୍ରୀ ଯାଉଛି । ଦିନ ତମାମ୍ ଚଳଚଞ୍ଚଳ ଏହି ବଜାର । ଅଣଓସାରିଆ ରାସ୍ତା କାରଣରୁ ଘଣ୍ଟା ଘଣ୍ଟା ଟ୍ରାଫିକ୍ ଜାମ୍ । ଅଧିକାଂଶ ଦୋକାନ ଓ ସପିଂ ମଲ୍‌ରେ ନିଆଁ ଲିଭା ସୁବିଧା ଅତି ନଗଣ୍ୟ । କେବଳ ସେତିକି ନୁହେଁ ଅନେକ ସରକାରୀ ଦପ୍ତରରେ ବି ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ । ଯେଉଁ ହାତଗଣତି ସରକାରୀ କୋଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିଛି ତାହା କେବଳ ଧର୍ମକୁ ଆଖି ଠାର । ଅଗ୍ନିଶମ ବିଭାଗ ତଥ୍ୟ ଅନୁଯାୟୀ ବର୍ତ୍ତମାନ ସହରର ୫ଟି ଆପାର୍ଟମେଣ୍ଟ, ୮ଟି ଶିକ୍ଷାନୁଷ୍ଠାନ, ୭ଟି ବଡ଼ ବ୍ୟବସାୟିକ ଅନୁଷ୍ଠାନର ଫାୟାର ସେଫ୍ଟି ସାର୍ଟିଫିକେଟ୍ ନାହିଁ । ୧୦ ହଜାରରୁ ଅଧିକ ବ୍ୟବସାୟିକ ପ୍ରତିଷ୍ଠାନର ପେଣ୍ଠ ବ୍ରହ୍ମପୁରରେ ୨୦ଟି ଅନୁଷ୍ଠାନର ଫାୟାର ସେଫ୍ଟି ସାର୍ଟିଫିକେଟ୍ ନାହିଁ । ଏହା କିନ୍ତୁ ସହଜରେ ବିଶ୍ୱାସ ହେଉନି । ତଥାପି ଦକ୍ଷିଣାଞ୍ଚଳ ରେଞ୍ଜ ଫାୟାର ଅଫିସର ପଣ୍ଡା କହିଛନ୍ତି ସହରର ଅଧିକାଂଶ ସ୍ଥାନରେ ସରକାରୀ ନିୟମ ଅନୁଯାୟୀ ଫାୟାର ସେଫ୍ଟି ନାହିଁ । ପ୍ରାୟ ଅନୁଷ୍ଠାନକୁ ନିୟମିତ ବ୍ୟବଧାନରେ ନୋଟିସ୍ କରିଛୁ ବୋଲି କହିଛନ୍ତି ।

# ମଧ୍ୟସ୍ଥା କେନ୍ଦ୍ର ସହାୟତାରେ ଯୋଡ଼ା ହେଲା ଭଙ୍ଗା ପରିବାର

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ଜିଲ୍ଲା ମଧ୍ୟସ୍ଥା କେନ୍ଦ୍ର ସହାୟତାରେ ଏକ ଭଙ୍ଗା ପରିବାର ଯୋଡି ହୋଇ ପୁନର୍ବାର ଘର ସଂସାର କରିବାକୁ ନିଷ୍ପତି ନେଇଛନ୍ତି । କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ସୂଚନା ଅନୁଯାଇ କେନ୍ଦ୍ରାପଡା ଜିଲ୍ଲା ସଦର ଥାନା ଅନ୍ତର୍ଗତ ଓରିସବନ୍ଧ ଗ୍ରାମର ସନାତନ ନାଥ ପାଟକୁରା ଥାନା ଅନ୍ତର୍ଗତ କେସାରି ଗ୍ରାମର ସନ୍ଧ୍ୟାରାଣୀ ନାଥଙ୍କୁ ବିବାହ କରିଥିଲେ । ଉଭୟଙ୍କ ମଧରେ ମନୋମାଳିନ୍ୟ ହେବାରୁ ପରିବାର ଅଦାଲତରେ ଛାଡପତ୍ର ମାମଲା ଦାଏର ହୋଇଥିଲା । ପରିବାର ଅଦାଲତର ବିଚାରପତି ମାମଲାକୁ ମଧ୍ୟସ୍ଥା କେନ୍ଦ୍ରକୁ ହସ୍ତାନ୍ତର କରି ବୁଝାସୁଝା କରିବାକୁ ପଠାଇଥିଲେ । ମଧ୍ୟସ୍ଥା କେନ୍ଦ୍ରର ବରିଷ୍ଠ ଆଇନଜୀବୀ ଗଦାଧର ଶତପଥୀ, ସ୍ୱୟଂ ପ୍ରକାଶ ଦାସ, ଅମ୍ରିତା ମିଶ୍ର ପ୍ରମୁଖ ସ୍ୱାମୀ ସ୍ତ୍ରୀଙ୍କୁ ବୁଝାସୁଝା କରାଇବା ପରେ ଉଭୟ ମଧ୍ୟସ୍ଥା କେନ୍ଦ୍ରର ବରିଷ୍ଠ ଆଇନଜୀବୀଙ୍କ ମତାମତରେ ରାଜି ହୋଇ ପୁନର୍ବାର ଘର ସଂସାର କରିବାକୁ ହସଖୁସିରେ ଫେରିଛନ୍ତି ।

# ବସ୍ ଷ୍ଟପ୍ ନାହିଁ, ଯାତ୍ରୀଙ୍କ ହଟହଟା

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ସାନବଜାର ଛକ ପାଖରେ ଦୀର୍ଘ ଦିନହେଲା ବସ୍ ଷ୍ଟପ୍ ନାହିଁ । ଖରା ବର୍ଷା ଶୀତ କାକରରେ ଯାତ୍ରୀମାନେ ଚା’ ପାନ ଦୋକାନ ତଳେ ଆଶ୍ରୟ ନିଅନ୍ତି । ବସ୍‌ଟେ ଆସିଲେ ଯିଏ ଯାହାର ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ହେଲେ କିଛି ଦିନ ହେଲା ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ସ୍ଥାନ ଏବଂ ଛକରେ ବସ୍ ରହଣି ସ୍ଥାନରେ ବସ୍ ଷ୍ଟପ୍ କରିବା ପାଇଁ ଯୋଜନା ପ୍ରସ୍ତୁତି କରିଛି ପ୍ରଶାସନ । ସାନବଜାର ତରଫରୁ ଛକ ଉପରେ ଥିବା ସରକାରୀ ଜାଗାରେ କରିବା ପାଇଁ ଚିହ୍ନଟ ହେଲା ଖୋଳାଗଲା ହେଲେ ସେଠି ବ୍ୟବସାୟ କରୁଥିବା ଜଣେ ବ୍ୟବସାୟୀ ଏହାକୁ ବିରୋଧ କରିଥିଲେ । ସେଠି ବିଶ୍ରାମଗାର ନିର୍ମାଣ କାର୍ଯ୍ୟ ଭଣ୍ଡୁର କରିବା ପାଇଁ ପ୍ରୟାସ କରିଛନ୍ତି । ଜଣେ ବ୍ୟକ୍ତିଙ୍କ ପାଇଁ ଶହ ଶହ ଲୋକଙ୍କ ସୁବିଧା ବଳିପଡ଼ିଯିବ ବୋଲି ଆଲୋଚନା ହେଉଛି । କିଛି ଗୁଣ୍ଡା ଶ୍ରେଣୀ ଲୋକଙ୍କୁ ଆଣି ଧମକ ଦେଉଥିବା ବଣିକ ସଂଘ ଅଭିଯୋଗ କରିଛି । ଯଦି ଏଠି କରିବ ସମସ୍ତିଙ୍କୁ ହାଣିବା ପାଇଁ ବି ଧମକ ଦଉଛନ୍ତି ବୋଲି ସାଧାରଣରେ ଶୁଣିବାକୁ ମିଳୁଛି । କିଛି ଦିନ ତଳେ ସାନ ବଜାର ବଣିକ ସଂଘ କର୍ମକର୍ତ୍ତା ଏହାକୁ କାହିଁକି ବିରୋଧ କରୁଛ ବୋଲି ପଚାରିବାରେ ସେ ଓଲଟା ଥାନାରେ ଅଭିଯୋଗ କରିବାକୁ ପଛାଇନାହାନ୍ତି ବ୍ୟବସାୟୀ ଜଣକ । ସେଠି ବିଶ୍ରାମ ନିର୍ମାଣ ହେଲେ ସବୁ ବର୍ଗର ଲୋକମାନେ ଉପକୃତ ହୋଇପାରିବେ ବୋଲି ସଂଘ ଦାବି କରିଛି । ଏନେଇ ଜିଲ୍ଲା ଉଚ୍ଚ ପ୍ରଶାସନ ଦୃଷ୍ଟି ଦେବାକୁ ବଣିକ ସଂଘ ଅଟୋ ସଂଘ ଦାବି କରିଛନ୍ତି ।

# ବଡହାଟର ଅହମଦିଆ ମସ୍‌ଜିଦ୍‌ରେ ଇଦୁଲ୍ ଫିତର୍ ପାଳିତ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବଡହାଟର ଅହମଦିଆ ମସ୍‌ଜିଦ୍‌ରେ ପବିତ୍ର ଇଦୁଲ୍ ଫିତର୍ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ଇଦୁଲ୍ ଫିତର୍ ପର୍ବ ଏହା ସମାଜରେ ସ୍ନେହ, ସୌହାର୍ଦ୍ଦ୍ୟ ତଥା ଭାଇଚାରା ସୃଷ୍ଟି କରିଥାଏ । ଚତୁର୍ଦ୍ଦିଗରେ ସୁଖ, ଶାନ୍ତି ଓ ସମନ୍ୱୟତାର ବାତାବରଣ ପ୍ରତିଷ୍ଠା କରିଥାଏ । ଏହିଭଳି ଦେଖିବାକୁ ମିଳିଛି ଇଦୁଲ୍ ଫିତର୍ ପର୍ବ ପାଳନ ସମୟରେ । କେନ୍ଦ୍ରାପଡା ସହର ସ୍ଥିତ ବଡହାଟ ଅହମଦିଆ ମୁସଲିମ୍ ମସ୍‌ଜିଦ୍ ଠାରେ ସକାଳ ୧୦:୩୦ ଘଟିକା ସମୟରେ ଇଦୁଲ୍ ଫିତର୍ ନମାଜ୍ ପାଠ କରାଯାଇଛି । ଏହି ନମାଜ୍‌କୁ ମୌଲବି ନସିର ଖାଁ ପଢ଼ାଇଥିଲେ । ନମାଜ ପାଠ ପରେ ଭଲ ମଣିଷ ହେବା, ସତ୍‌ମାର୍ଗରେ ପରିଚାଳିତ ହେବା, ଈଶ୍ୱର ଭକ୍ତି କରିବା, ଗରିବ ଓ ଅସହାୟଙ୍କୁ ସହାୟତା କରିବା ତଥା ବିଶ୍ୱଶାନ୍ତି ଓ ବିଶ୍ୱ ଭାଇଚାରା ପ୍ରତିଷ୍ଠା କରିବା ପାଇଁ ପ୍ରବଚନରେ ମୌଲବି ସାହେବ ଆହ୍ୱାନ୍ ଦେଇଥିଲେ । ପ୍ରବଚନ ପରେ ବିଶ୍ୱଶାନ୍ତି ଏବଂ ଏକତା ଓ ଅଖଣ୍ଡତା ପାଇଁ ସାମୂହିକ ନିରବ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଭାପତି ସେକ୍ ଜମାଲୁଦ୍ଦିନଙ୍କ ତତ୍ତ୍ୱାବଧାନରେ ପରିଚାଳନା ହୋଇଥିଲା । ସେକ୍ ମୁରସିଦ୍ ଅହେମଦଙ୍କ ସମେତ ଗ୍ରାମ କମିଟିର ସମସ୍ତ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

# କମ୍ପାନୀ ବସ୍ ପାଇଁ ବ୍ୟାସନଗରବାସୀ ଅତିଷ୍ଠ:ସହରକୁ କବ୍‌ଜାକରି ରଖୁଛନ୍ତି ବସ୍

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

କଳିଙ୍ଗ ନଗର ଏବେ ଶିଳ୍ପ ମହାଦେଶର ଦ୍ୱିତୀୟ ଇସ୍ପାତ ନଗରୀ ଭାବେ ପରିଚିତ । ବ୍ୟାସନଗର ହେଉଛି କଳିଙ୍ଗ ନଗରର ମୁଖଶାଳା ଓ ପ୍ରବେଶ ପଥ କହିଲେ ଅତ୍ୟୁକ୍ତି ହେବନାହିଁ । ଦିନକୁ ଦିନ ବ୍ୟାସନଗର ସହରରେ ଲୋକ ସଂଖ୍ୟା ବଢ଼ିବାରେ ଲାଗିଛନ୍ତି । ଲୋକ ସଂଖ୍ୟା ବଢିବା ତୁଳନାରେ ଦୋକାନ ସଂଖ୍ୟା ମଧ ବଢ଼ିବାରେ ଲାଗିଛି । ଏହା ଭିତରେ ରାସ୍ତାର ଟ୍ରାଫିକ୍ ସମସ୍ୟା ଏବେ ମୁଖ୍ୟ କାରଣ ସାଜିଥିବା ଦେଖିବାକୁ ମିଳୁଛି । କମ୍ପାନୀରେ ନିୟୋଜିତ ହୋଇଥିବା ବସ୍ ଗୁଡିକ ଏବେ ସହରର ରାସ୍ତାକୁ କବ୍‌ଜା କରିଥିବା ଦେଖିବାକୁ ମିଳିଛି । କମ୍ପାନୀରେ ଗାଡି ଗୁଡିକ ଲଗାଇଥିବା କିଛି ଘରୋଇ ସଂସ୍ଥା ଫେବିକର ଭଳି ଯେଉଁଠି ପାରୁଛନ୍ତି ଗାଡି ଗୁଡିକ ପାର୍କିଙ୍ଗ କରୁଥିବା ଦେଖିବାକୁ ମିଳୁଛି । କମ୍ପାନୀରେ ଲାଗିଥିବା ଅନେକ ଗାଡି ବସ୍ ଷ୍ଟାଣ୍ଡ ଓ ତହସିଲ ରୋଡକୁ ନିଜ ପୈତୃକ ସମ୍ପତି ଭାବି ରାଜ ରାସ୍ତା ଉପରେ ପାର୍କିଙ୍ଗ କରୁଥିବା ହେତୁ ରାସ୍ତା ଘାଟରେ ଯାତାୟାତ କରିବା ମଧ ଅସମ୍ଭବ ହେଇପଡୁଛି । ବହୁ ସମୟରେ ଲାଇନ୍ କରି ୩୦ରୁ ଉର୍ଦ୍ଧ୍ୱ ଗାଡି ସହର ମଧରେ ଏକା ସମୟରେ ଯାତାୟାତ କରୁଥିବାରୁ ଟ୍ରାଫିକ୍ ସମସ୍ୟା ଅଣାୟତ ହେଉଥିବା ଦେଖିବାକୁ ମିଳୁଛି । ଗାଡି ଗୁଡିକ ମନ ଇଛା ଯେଉଁଠି ପାରୁଛନ୍ତି ରାସ୍ତାରେ ଅଟକାଇ କର୍ମଚାରୀଙ୍କୁ ଉଠାଉଥିବା ଦେଖିବାକୁ ମିଳୁଛି । ବ୍ୟାସନଗର ସହର ଏକ ଜନ ବହୁଳ ସହର ହୋଇଥିବାରୁ ଛୁଟି ଦିନ ମାନଙ୍କରେ ବସ୍ ଗୁଡିକୁ ରାସ୍ତା ଉପରେ ପାର୍କିଙ୍ଗ କରି ରାସ୍ତା ଯାମ୍ କରୁଥିବାରୁ ଲୋକମାନେ ବିଭିନ୍ନ ଦୁର୍ଘଟଣାର ଶିକାର ହେଉଛନ୍ତି । ଏଭଳି ସମସ୍ୟା ପାଇଁ ଗତ କିଛିଦିନ ତଳେ କଳିଙ୍ଗ ନଗର ଅତିରିକ୍ତ ଜିଲ୍ଲାପାଳ ସହର ମଧକୁ ସମସ୍ତ କମ୍ପାନୀର କିଛି ନିର୍ଦ୍ଧିଷ୍ଟ ଗାଡି ପ୍ରବେଶ କରିବା ପାଇଁ ଅନୁମତି ଦେଇଥିଲେ ମଧ ପୋଲିସ ପାଖରେ ଗାଡି ନମ୍ବର ଗୁଡିକୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ କିଛି ନିର୍ଦ୍ଧିଷ୍ଟ ଗାଡି ପରିବର୍ତ୍ତେ ଅନେକ ଗାଡି ସହର ମଧକୁ ପ୍ରବେଶ କରି ବାୟୁ ପ୍ରଦୂଷଣ କରୁଥିବା ଦେଖିବାକୁ ମିଳୁଛି । ପ୍ରଶାସନ ଏଥିପ୍ରତି କୌଣସି ଦୃଷ୍ଟି ନଦେଇ କମ୍ପାନୀକୁ ଏହାର ଖୁଲମଖୁଲା ଉଲ୍ଲଂଘନକୁ ଦରଜ ଦେଖାଇବାକୁ ବୁଦ୍ଧିଜୀବୀ ମାନେ ନାପସନ୍ଦ କରିଛନ୍ତି । ଧୂଳି ଧୂଆଁରେ କଲବଲ ହେଉଛନ୍ତି ବ୍ୟାସନଗର ବାସି । ଗୋଟେ ପଟେ ସହରର ଉନ୍ନତି ପାଇଁ କମ୍ପାନୀର ତିଳେମାତ୍ର ଦୃଷ୍ଟି ପଡୁନଥିବା ବେଳେ ସହର ମଧରେ ଗାଡି ଗୁଡିକୁ ପ୍ରବେଶ କରିବା ପାଇଁ ପ୍ରଶାସନର ଏତେ ଏତେ ଅନୁକମ୍ପା କଣ ପାଇଁ ତାହା ଏବେ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ତୁରନ୍ତ ସ୍ଥାନୀୟ ବିଧାୟକ ଓ ଜିଲ୍ଲାପାଳ ମହୋଦୟ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି ।

# ବିଦ୍ୟାଳୟ ଓ ଶିକ୍ଷାର ବିକାଶ ଉପରେ ଆଲୋକପାତ

**କଟକ, ନ୍ୟୁଜ୍ ବ୍ୟୁରୋ**



କଟକ ଟାଙ୍ଗୀ ଚୌଦ୍ୱାର ବ୍ଲକ ଅଧିନ ଅନୁସୁଚିତ ଜାତି, ଅନୁସୂଚିତ ଜନଜାତି, ସଂଖ୍ୟା ଲଘୁ ଓ ପଛୁଆବର୍ଗ ବିଭାଗ ଦ୍ୱାରା ପରିଚାଳିତ ତୁଳସୀପୁର ଆଶ୍ରମ ବିଦ୍ୟାଳୟରେ ଶୁକ୍ରବାର ଦିନ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପ୍ରଧାନ ଶିକ୍ଷକ ଶେଷଦେବ ପ୍ରଧାନ ଅଧ୍ୟକ୍ଷତା କରିଥିବାବେଳେ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ମୁଖ୍ୟବକ୍ତା ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ସମ୍ମାନିତ ଅତିଥି ଭାବେ ଟେଟ୍ରାହେଡ୍ରନ୍ ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ ତ୍ରିଦେବ ବେହେରା, ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, ପାକ୍ତନ ସରପଞ୍ଚ ସୁବୋଧ ସାମଲ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପାରିତୋସ ପାଣିଗ୍ରାହୀ ବକ୍ତବ୍ୟ ଛଳରେ ଶିକ୍ଷା ହିଁ ସମ୍ପଦ ବୋଲି ପିଲାମାନଙ୍କୁ କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଇଓ ପ୍ରଭାତ ନାୟକ, ଡବ୍ଲୁଇଓ ସସ୍ମିତା ସ୍ୱାଇଁ, ଭେଙ୍କେଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲ ଅଧ୍ୟକ୍ଷ, ପ୍ରସାଦ ରଞ୍ଜନ ପାତ୍ର, ବିଶ୍ୱନାହାକାଣୀ କଲେଜ ଅଧ୍ୟକ୍ଷ ଡ. ସଚ୍ଚିଦାନନ୍ଦ ପ୍ରଧାନ ଓ ସିଆରସିସି ବଂଶୀଧର ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ଓ ଶିକ୍ଷାର ବିକାଶ ଉପରେ ଆଲୋକପାତ କରିଥିଲେ । କେବଳ ଶିକ୍ଷକ ନୁହେଁ ପିଲାର ଭବିଷ୍ୟତ ଗଠନରେ ଅଭିଭାବକ ମାନଙ୍କର ପ୍ରମୁଖ ଭୂମିକା ରହିଥିବା ସହ ଶିକ୍ଷକ ଓ ଅଭିଭାବକଙ୍କ ମଧରେ ଦୂରତା କମିବା ଓ ଶିକ୍ଷାର ଅଗ୍ରଗତି ସମ୍ବନ୍ଧରେ ପିଲା ଓ ସ୍କୁଲ ସହ ଯୋଗାଯୋଗ ରଖିବା ପାଇଁ କହିଥିଲେ । ଏହି ଅବସରରେ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଅନ୍ୟମାନଙ୍କ ମଧରେ ଶିକ୍ଷୟିତ୍ରୀ ସୁଖଲତା ରାଉତ, ତନୁଜା ଷଡଙ୍ଗୀ, ରୂପ ମୁର୍ମୁ, ଜଗନ୍ନାଥ ବାରିକ, ପ୍ରତାପ ବେହେରା, ସୁଦର୍ଶନ ପୃଷ୍ଟି, ଜୟଶ୍ରୀ ପୃଷ୍ଟି, ମିଞ୍ଜୁଲତା ସାହୁ ଓ ଅଣଶିକ୍ଷକ ମଳୟ ରାଉତ, ବିରଞ୍ଚି ନାରାୟଣ ବାରିକ, ସୁକମତି ତିରିଆ, ସୁରୁ ସୀଙ୍କୁ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ତେବେ ମୋର ଆଇନଜୀବୀ ବନ୍ଧୁମାନେ ଆମ ପ୍ରସିକ୍ୟୁଟର ବନ୍ଧୁମାନଙ୍କ ପାଇଁ ଏବେ ଏକ ମଞ୍ଚ, ଏକ ପ୍ଲାଟ୍‌ଫର୍ମ ଅଛି, ଯେଉଁଠି ସେମାନେ ପରସ୍ପର ସହ ଆଲୋଚନା ଓ ବିଚାର ବିନିମୟ କରିପାରିବେ । ଏହି ଭବନ ପ୍ରତି ମୋର ବ୍ୟକ୍ତିଗତ ଆଗ୍ରହ ଥିଲା । ମୁଁ ‘Master of Law’ ନୁହେଁ, କିନ୍ତୁ କେତେବେଳେ ମୋତେ ଲାଗେ ମୁଁ ଜଣେ ‘law master’ ମୁଁ ଆଇନ୍‌କୁ ଭଲପାଏ । ମୋତେ ଏହି ସୁଯୋଗ ଦେଇଥିବାରୁ ଆପଣମାନଙ୍କୁ ଧନ୍ୟବାଦ । ମୁଁ ମୋର କୃତଜ୍ଞତା ଓ ଆଭାର ଜଣାଉଛି । ଶେଷରେ ଢେଙ୍କାନାଳ ଜିଲ୍ଲା ଉପନିର୍ଦ୍ଦେଶକ (ଅଭିଯୋଜନ) ଗଣେଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ସରକାରୀ ଓକିଲ ଏବଂ ଜିଲ୍ଲା ଓକିଲ ସଂଘର ସଦସ୍ୟ ଏବଂ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ ।



# ହିରାକୁଦ ପାୱାର ଏବଂ ସ୍ମେଲ୍ଟରରେ ବିଶ୍ୱ ଜଳ ଦିବସ ପାଳିତ

**ହିରାକୁଦ/ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ହିରାକୁଦ ପାୱାର ଏବଂ ସ୍ମେଲ୍ଟରରେ ବିଶ୍ୱ ଜଳ ଦିବସ ୨୦୨୬ ପାଳନ କରାଯାଇଛି । ଏହି ଅବସରରେ ଜଳ ସଂରକ୍ଷଣ, ସସ୍ଥାୟିତ୍ୱ ଏବଂ ସମାବେଶୀ ଜଳ ପରିଚାଳନା ପ୍ରଚଳନର ଗୁରୁତ୍ୱ ଉପରେ ଜୋର୍ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ୟୁନିଟ୍ ହେଡ୍ ସୁମିତ ମୁଖର୍ଜୀ, ସିପିପି ପ୍ଲାଣ୍ଟ ହେଡ୍ ଅରୁଣ କୁମାର ସିଂହ, ସ୍ମେଲ୍ଟର ପ୍ଲାଣ୍ଟ ହେଡ୍ ପ୍ରତାପ ସାହୁ, ଜଳ ଟାସ୍କଫୋର୍ସର ଅଧ୍ୟକ୍ଷ ଶୈଳେନ୍ଦ୍ର ପାଣ୍ଡେ, ଏବଂ ପରିବେଶ ବିଭାଗ ମୁଖ୍ୟ ରଞ୍ଜନ କୁମାର ଜେନା ଉପସ୍ଥିତ ଥିଲେ । ସେମାନେ ଶିଳ୍ପ କାର୍ଯ୍ୟକଳାପ ଓ ପାର୍ଶ୍ୱବର୍ତ୍ତୀ ସମୁଦାୟରେ ଜଳର ଦାୟିତ୍ୱପୂର୍ଣ୍ଣ ବ୍ୟବହାର, ଜଳ ସଂରକ୍ଷଣ ଉଦ୍ୟମ ଏବଂ ଦୀର୍ଘକାଳୀନ ଜଳ ସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏହି ବର୍ଷର ବିଶ୍ୱ ଜଳ ଦିବସର ଥିମ୍ “ଜଳ ଏବଂ ଲିଙ୍ଗ ସମାନତା – ଯେଉଁଠି ଜଳ ବହେ, ସେଠି ସମାନତା ବୃଦ୍ଧି ପାଏ” ରହିଥିଲା । ଏହି ଅବସରରେ ବକ୍ତାମାନେ କହିଥିଲେ ଯେ ସୁରକ୍ଷିତ ପାନୀୟ ଜଳ ଓ ପରିଷ୍କାରତାର ସମାନ ପ୍ରବେଶ ସାମାଜିକ ସମାନତା ଏବଂ ସମାବେଶୀ ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ । ରାକେଶ କୁମାର ପାଣ୍ଡା, ସହାୟକ ପରିବେଶ ଯନ୍ତ୍ରୀ ଏବଂ ମନୋରଞ୍ଜନ ପ୍ରଧାନ, ସହାୟକ ପରିବେଶ ବୈଜ୍ଞାନିକ, ଥିମ୍ ଉପରେ ଗଭୀର ଓ ଗୁରୁତ୍ୱପୂର୍ଣ୍ଣ ଉପସ୍ଥାପନା ରଖିଥିଲେ । ଏହି କାର୍ଯ୍ୟକ୍ରମ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସମ୍ବଲପୁରର ସହଯୋଗରେ ଆୟୋଜିତ ହୋଇଥିଲା, ଯାହା ପରିବେଶ ସଚେତନତା, ନିୟମାନୁସରଣ ଏବଂ ସସ୍ଥାୟୀ ଶିଳ୍ପ ପ୍ରଚଳନ ପ୍ରତି ସହଯୋଗୀ ଦୃଷ୍ଟିକୋଣକୁ ପ୍ରତିବିମ୍ବିତ କରେ । କାର୍ଯ୍ୟକ୍ରମର ଶେଷରେ ଜଳ ସମ୍ପଦ ସୁରକ୍ଷା, ସମାନତା ଏବଂ ଦାୟିତ୍ୱପୂର୍ଣ୍ଣ ପରିବେଶ ପରିଚାଳନା ପ୍ରତି ସକ୍ରିୟ ଭାବେ ଅବଦାନ ରଖିବାର ସଙ୍କଳ୍ପ ପୁନଃ ଦୃଢ଼ କରାଯାଇଥିଲା ।

# ଆଦର୍ଶ ଶିକ୍ଷକଙ୍କ ପରଲୋକ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଜଣେ ଆଦର୍ଶ ଶିକ୍ଷକ ଭାବେ ସୁପରିଚିତ ଟାଙ୍ଗୀ–ଚୌଦ୍ୱାର ବ୍ଲକ୍ ଆଗ୍ରାହାଟ ପଞ୍ଚାୟତ ଅଧିନ ନୂଆଗାଁ ନିବାସୀ ନିରଞ୍ଜନ କରଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା । ସେ ଦୀର୍ଘଦିନ ହେଲା ବାର୍ଦ୍ଧକ୍ୟ ଜନୀତ ରୋଗରେ ପୀଡ଼ିତ ଥିଲେ । ତାଙ୍କର ଅସୁସ୍ଥତା ବଢ଼ିଯିବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ଚିକିତ୍ସାଧିନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ସେ ଚୌଦ୍ୱାର ମ୍ୟୁନିସିପାଲ ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରି ଦୀର୍ଘ ବର୍ଷ ଶିକ୍ଷକତା କରି ଉକ୍ତ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ । ସେ ଜଣେ ଛାତ୍ର ବତ୍ସଳ, ମିଷ୍ଟଭାଷି ତଥା ଆଦର୍ଶ ଶିକ୍ଷକ ଥିଲେ । ଶିକ୍ଷକତା କାଳରେ ସେ ବହୁ ମେଧାବୀ ଛାତ୍ରଛାତ୍ରୀ ସୃଷ୍ଟି କରିଯାଇଛନ୍ତି । ତାଙ୍କ ମୃତ୍ୟୁ ଖବର ପାଇ ତାଙ୍କର ବହୁ ଛାତ୍ରଛାତ୍ରୀ ତଥା ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ନୂଆଗାଁ ସ୍ଥିତ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା । ମଝିଆ ପୁଅ କ୍ଷୀତିଶ କୁମାର କର ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ସମେତ ମ୍ୟୁନିସିପାଲ ସରକାରୀ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ସଦସ୍ୟ ସଦସ୍ୟାମାନେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

# ମ୍ୟୁଜିକ୍ ସର୍କଲ୍‌ର ବସନ୍ତୋତ୍ସବ:ଆନ୍ତର୍ବିଦ୍ୟାଳୟ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା




**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ମ୍ୟୁଜିକ୍ ସର୍କଲ୍ ଆୟୋଜିତ ୪୯ତମ ବସନ୍ତୋତ୍ସବର ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନ ସକାଳ ୯ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ଆନ୍ତର୍ବିଦ୍ୟାଳୟ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ କନିଷ୍ଠ ଏବଂ ବରିଷ୍ଠ ବର୍ଗରେ ଏକକ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଉଭୟ ବର୍ଗରେ ସାମୂହିକ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷ ଶାରଦା ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାନ୍ଧ୍ୟ ଅଧିବେଶନକୁ ବରେଣ୍ୟ ଅତିଥି ରଘୁନାଥ ପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ଶିଳ୍ପପତି ବିପିନ ଗୁପ୍ତା, ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ପଶ୍ଚିମାଞ୍ଚଳ ଡି.ଆଇ.ଜି. ବ୍ରିଜେଶ କୁମାର ରାୟ, ଉପଦେଷ୍ଟା ବାଲଗୋପାଳ ମହାପାତ୍ର ଏବଂ ଡ. ସମର ମୁଦାଲି ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିବା ବେଳେ, ମ୍ୟୁଜିକ୍ ସର୍କଲ୍‌ର କଳାକାର ମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ଶାରଦା ପ୍ରସାଦ ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅଭୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବରେଣ୍ୟ ଅତିଥି ବୃନ୍ଦ ଅନୁଷ୍ଠାନର କଳା ଓ ସଂସ୍କୃତି ପ୍ରତି ୪୯ ବର୍ଷର ନିରବଚ୍ଛିନ୍ନ ଅବଦାନର ଭୂୟସୀ ପ୍ରଶଂସା କରିବା ସହ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ପ୍ରଥମ ଅଧିବେଶନରେ ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ସାନ୍ଧ୍ୟ ଅଧିବେଶନରେ ଅତିଥିମାନେ ପ୍ରମାଣ ପତ୍ର ଏବଂ ଫଳକ ସହ ଆର୍ଥିକ ପ୍ରୋତ୍ସାହନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ବରିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଇସ୍ପାତ ଶିକ୍ଷା ସଦନର ଛାତ୍ରୀ ସୁଶ୍ରୀ ପ୍ରିୟା ମିଶ୍ର ଏବଂ କନିଷ୍ଠ ବିଭାଗର ଚିନ୍ମୟ ବିଦ୍ୟାଳୟର ଛାତ୍ରୀ ପୁଷ୍ପାଞ୍ଜଳି ଜେନା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବାବେଳେ ଲିଖିତା ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ କଥକ ନୃତ୍ୟ ପରିବେଷଣ କରିଥିଲେ । ମ୍ୟୁଜିକ୍ ସର୍କଲ୍‌ର କଳାକାର ମାନଙ୍କ ଦ୍ୱାରା ନୃତ୍ୟ ନାଟିକା ମଧୁ ବସନ୍ତ ଏବଂ ଉତ୍ତର ସାହି, ବାଡିପଦାର ଛଉ ନୃତ୍ୟ ପ୍ରତିଷ୍ଠାନର କଳାକାର ମାନଙ୍କ ଦ୍ୱାରା ଛଉ ନୃତ୍ୟ ପରିବେଷଣ ଦର୍ଶକଙ୍କ ମନ ମୋହିଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ ମ୍ୟୁଜିକ୍ ସର୍କଲ୍‌ର ସମସ୍ତ କର୍ମକର୍ତ୍ତାଙ୍କ ସହ ସ୍ପିଂ ଭେଲି ସ୍କୁଲ୍‌ର ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ସହାୟତା କରିଥିଲେ ।

# ବିଶ୍ୱଜିତ ଦାଶ ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ନିଯୁକ୍ତ



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତେନ୍ତୁଲିପଦା ଗ୍ରାମର ବିଶ୍ୱଜିତ ଦାଶଙ୍କୁ ଜଗତସିଂହପୁର ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ଭାବେ ନିଯୁକ୍ତି ଦିଆଯାଇଛି । ଶ୍ରୀ ଦାଶଙ୍କ ବଳିଷ୍ଠ ନେତୃତ୍ୱ ଓ ଦଳ ପ୍ରତି ନିଷ୍ଠା ଦେଖି ଦଳର ସର୍ବୋଚ୍ଚ ନେତା ତାଙ୍କୁ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ଏହି ନିଯୁକ୍ତି ପାଇବାପରେ ଶ୍ରୀ ଦାଶ କହିଥିଲେ ଯେ ମୋ ଉପରେ ଅତୁଟ ଆସ୍ଥା ଓ ବିଶ୍ୱାସ ପ୍ରକଟ କରି ମତେ ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଭାବେ ଗୁରୁ ଦାୟିତ୍ୱ ଅର୍ପଣ କରିଥିବାରୁ ମୁଁ ଦଳର ଶୀର୍ଷ ନେତୃତ୍ୱଙ୍କ ପ୍ରତି ମୋର ଗଭୀର କୃତଜ୍ଞତା ଜଣାଉଛି । ବିଶେଷ କରି ମୁଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ସଂଗଠନ ମହାମନ୍ତ୍ରୀ ମାନସ କୁମାର ମହାନ୍ତି ଏବଂ ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡାଙ୍କୁ ମୋର ଅଶେଷ ଧନ୍ୟବାଦ ଜଣାଉଛି । ଏଥିସହିତ ଜଗତସିଂହପୁର ଜିଲ୍ଲାର ମାର୍ଗଦର୍ଶକ ତଥା ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ର, ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ସାଂସଦ ବିଭୁ ପ୍ରସାଦ ତରାଇଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ମୋତେ ଦିଆଯାଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ନିଷ୍ଠାର ସହ ପାଳନ କରିବା ସହ, ଜିଲ୍ଲାରେ ସଂଗଠନକୁ ଅଧିକ ସୁଦୃଢ଼ କରିବା ଏବଂ ଯୁବଶକ୍ତିକୁ ଏକଜୁଟ୍ କରିବା ପାଇଁ ମୁଁ ସଦାସର୍ବଦା ଚେଷ୍ଟା ଜାରି ରଖିବି । ଆଗାମୀ ଦିନରେ ସମସ୍ତଙ୍କ ସହଯୋଗ ଓ ଆଶୀର୍ବାଦ କାମନା କରୁଛି ।

# ମନୋରଞ୍ଜନ ବେହେରା ବିଜେପିର ରାଜ୍ୟ ସ୍ତରୀୟ ଅନୁସୂଚିତ ଜାତି ମୋର୍ଚ୍ଚା ସମ୍ପାଦକ ମନୋନୀତ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**



ରାଜ୍ୟ ଭାଜପା କାର୍ଯ୍ୟାଳୟ ପରିସରରେ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାବୁଲିଆ ଗ୍ରାମପଞ୍ଚାୟତର ଯୁବ ନେତା ତଥା ସମାଜସେବୀ ମନୋରଞ୍ଜନ ବେହେରାଙ୍କୁ ଦଳୀୟ ହାଇକମାଣ୍ଡଙ୍କ ଅନୁମୋଦନ କ୍ରମେ ତଥା ଘୁମୁସର ଜିଲ୍ଲା ପରିସରଭୁକ୍ତ ରାଜ୍ୟ ସ୍ତରୀୟ ଅନୁସୂଚିତ ଜାତି ମୋର୍ଚ୍ଚାର ସମ୍ପାଦକ ରୂପେ ମନୋନୀତ କରାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ତଥା ନବ ନିର୍ବାଚିତ ରାଜ୍ୟସଭା ସାଂସଦ ମନମୋହନ ସାମଲ, ସଂଗଠନ ମନ୍ତ୍ରୀ ମାନସ ମହାନ୍ତି ପ୍ରମୁଖ ଦଳୀୟ ବରିଷ୍ଠ ପଦାଧିକାରୀ ମାନଙ୍କ ଉପସ୍ଥିତିରେ ମନୋନୀତ କରାଯାଇଥିଲା । ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀର ଜଣେ ଦୃଢ଼ ସଂଗଠକ, ସ୍ୱେଚ୍ଛାସେବୀ, କର୍ମ ତତ୍ପରତା, କର୍ମନିଷ୍ଠା, ଦୃଢ଼ ମନୋବଳ ସହିତ ଆଞ୍ଚଳିକ ସ୍ତରରେ ପ୍ରତିଷ୍ଠିତ ହୋଇଥିବା ଜଣାଯାଇଛି । ତାଙ୍କର ଏହିଭଳି ସଫଳତା ପାଇଁ ଜିଲ୍ଲା କାର୍ଯ୍ୟାଳୟ ହିଞ୍ଜିଳିକାଟୁ ପରିସରରେ ଜିଲ୍ଲାର ବିଧାୟକ, ମନ୍ତ୍ରୀ, ବରିଷ୍ଠ ପଦାଧିକାରୀ ମାନେ ତାଙ୍କର ନିଯୁକ୍ତିକୁ ସ୍ୱାଗତ, ସମ୍ବର୍ଦ୍ଧନା ଓ ଫୁଲତୋଡ଼ା ଦେବା ସହ ଶ୍ରୀ ବେହେରା କୃତଜ୍ଞତା ଜଣାଇଛନ୍ତି । ତାଙ୍କ ପ୍ରତିକ୍ରିୟାରେ ଗଣମାଧ୍ୟମ ନିକଟରେ ଦଳ ବଳ ଉର୍ଦ୍ଧ୍ୱରେ ରହି ସମସ୍ତଙ୍କ ସହ ସାମିଲ୍ ହୋଇ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଉନ୍ନତି ଓ ଉଦ୍ୟମ ଜାରି ରଖିବେ ବୋଲି ଜଣାଇଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ବିଜୟ କୁମାର ସ୍ୱାଇଁ (ଜିଲ୍ଲା ସଭାପତି), ଜଗା ନାରାୟଣ ଦାସ (ରାଜ୍ୟ ସଂଯୋଜକ), ସାରଦା ଶତପଥୀ (ରାଜ୍ୟ ସାଧାରଣ ସମ୍ପାଦକ), ପ୍ରକାଶ ମଙ୍ଗରାଜ (ଜିଲ୍ଲା ପ୍ରଭାରୀ), ଯଜ୍ଞ ନାରାୟଣ ଦାସ (ଜିଲ୍ଲା ସାଧାରଣ ସମ୍ପାଦକ), ଅନିଲ କୁମାର ପଣ୍ଡା (ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ), ଭାରତୀ ବେହେରା (ପୂର୍ବତନ ବିଧାୟକ ପାର୍ଥୀନୀ), ବିଜୟଲକ୍ଷ୍ମୀ ବାଲା (ଏସ୍‌ସି ମୋର୍ଚ୍ଚାରେ ଉପସଭାପତି) ପ୍ରମୁଖ ଅନେକ ଦଳୀୟ ପଦ ପଦାଧିକାରୀ ମାନେ ଉପସ୍ଥିତ ରହିଥିଲେ । ତାଙ୍କର ଏହି ସଫଳତା ପାଇଁ ସୂଚନା ଅଧିକାର କର୍ମୀ ସାବୁଲୀୟା ଗ୍ରାମ ପଞ୍ଚାୟତର ପ୍ରଭାତ କୁମାର ପଣ୍ଡା ସହିତ ରାଜ୍ୟର କୋଣ ଅନୁକୋଣରୁ ଶୁଭେଚ୍ଛାରେ ସୁଅ ଛୁଟିବାରେ ଲାଗିଛି । ତତ୍ ସହିତ ଜିଲ୍ଲାରୁ ଯୁବ ମୋର୍ଚ୍ଚା ଅଜିତ କୁମାର ପଣ୍ଡାଙ୍କୁ ସଭାପତି ରୂପେ ମନୋନୀତ କରାଯାଇଛି ।

# ଭିନ୍ନକ୍ଷମଙ୍କୁ ସହାୟତା ଉପକରଣ ବାଣ୍ଟିଲେ ବିଧାୟକ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ଜଗତସିଂହପୁର ଶ୍ରୀକୃଷ୍ଣ ଏକାଡେମୀ ହାଇସ୍କୁଲ ପରିସରରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ପକ୍ଷରୁ ଭିନ୍ନକ୍ଷମ ମାନଙ୍କୁ ସହାୟତା ଉପକରଣ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମ ଭାଇ ଭଉଣୀ, ବରିଷ୍ଠ ବ୍ୟକ୍ତି ମାନଙ୍କୁ ଏହି ଉପକରଣ ବଣ୍ଟନ କରିଥିଲେ । ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଓଏଲ୍ ରିଫାଇନ୍ କମ୍ପାନୀଙ୍କୁ ଜଗତସିଂହପୁରରେ ସିଏସ୍‌ଆର୍ ଫଣ୍ଡ ଯୋଗାଇଦେବା ପାଇଁ ପୂର୍ବରୁ ନିବେଦନ କରିଥିଲେ । ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍‌ର ନିର୍ଦ୍ଦେଶକ ଏହାକୁ ଗୁରୁତ୍ୱ ଦେଇ ପ୍ରାୟ ୬୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ଉପକରଣ ପ୍ରଦାନ କରିଛନ୍ତି । ଏହା ଜଗତସିଂହପୁର ବ୍ଲକର ୧୧୨ଜଣ ଦିବ୍ୟାଙ୍ଗଙ୍କୁ ବ୍ୟାଟେରୀ ଚାଳିତ ଗାଡି, ଟ୍ରାଇସାଇକେଲ, ୪୭ଜଣ ବରିଷ୍ଠ ନାଗରିକଙ୍କୁ ଟ୍ରାଇସାଇକେଲ, ଶ୍ରବଣ ଯନ୍ତ୍ର, ଅନ୍ୟାନ୍ୟ ଉପକରଣ, ନାଉଗାଁ ବ୍ଲକର ୪୪ଜଣ ଦିବ୍ୟାଙ୍ଗଙ୍କୁ ବ୍ୟାଟେରୀ ଚାଳିତ ଗାଡି, ଟ୍ରାଇସାଇକେଲ, ସମୁଦାୟ ୨୧୭ଜଣ ବ୍ୟକ୍ତି ବିଶେଷଙ୍କୁ ଏବଂ ଅନ୍ୟାନ୍ୟ ଉପକରଣ ସମୁଦାୟ ୫୧୨ଜଣଙ୍କୁ ଦିବ୍ୟାଙ୍ଗ ଉପକରଣ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସାମ୍ମାନୀତ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ବ୍ଲକ ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ଜଗତସିଂହପୁର ବ୍ଲକ ଉନ୍ନୟନ ଅଧିକାରୀ ଆଶୁତୋଷ ମିଶ୍ର, ଏବିଡିଓ ସୁନୀଲ କୁମାର ରାଉତରାୟ, ଇଣ୍ଡିଆନ୍ ଅଏଲ୍ ରିଫାଇନ୍‌ର ଆସିଷ୍ଟାଣ୍ଟ ମ୍ୟାନେଜର ସ୍ମୃତି ରଞ୍ଜନ ମଲ୍ଲିକ, ଶ୍ରୀକୃଷ୍ଣ ଏକାଡେମୀର ପ୍ରଧାନଶିକ୍ଷକ ରାଇଚରଣ ତ୍ରିପାଠୀ, ଜୁନିୟର ମ୍ୟାନେଜର ବିକାଶ କୁମାର, ଅଡିଓଲୋଜିଷ୍ଟ ଗୁରୁଦତ୍ତ ଲେଙ୍କା ପ୍ରମୁଖ ସାମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ ।

# ଗମ୍ଭୀର ଜଣେ ଭଲ ପ୍ରତିଯୋଗୀ, ସବୁବେଳେ ଜିତିବା ପାଇଁ ଚାହାନ୍ତି : ସୌରଭ ଗାଙ୍ଗୁଲି



**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ସର୍ବଦା ଚର୍ଚ୍ଚାରେ ରହିଥାନ୍ତି। ସେ ଅତ୍ୟନ୍ତ କଠୋର ଆକ୍ରମଣାତ୍ମକ ହୋଇଥିବା ମଧ୍ୟ କୁହାଯାଏ। ଅନେକ ସମୟରେ ଗମ୍ଭୀରଙ୍କୁ ନେଇ ବିଭିନ୍ନ ଟ୍ରୋଲ ମଧ୍ୟ କରାଯାଇଛି। ତେବେ ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଗମ୍ଭୀରଙ୍କୁ ନେଇ ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି କି, ଗମ୍ଭୀରଙ୍କୁ ସମସ୍ତେ କଠୋର ଏବଂ ଆକ୍ରମଣାତ୍ମକ ଭାବନ୍ତି ବାସ୍ତବିକ କିନ୍ତୁ ତାଙ୍କର ବ୍ୟକ୍ତିତ୍ୱ ଭିନ୍ନ। ଗାଙ୍ଗୁଲି କହିଛନ୍ତି କି, ଯଦିଓ ସେ ମଇଦାନରେ ଆକ୍ରଶାତ୍ମକ ଦେଖା ଯାଆନ୍ତି ପ୍ରକୃତରେ ସେ ଜଣେ ଭଲ ମଣିଷ। ଜଣେ ଭଦ୍ରବ୍ୟକ୍ତି ହେଉଛନ୍ତି ଗମ୍ଭୀର। ଗମ୍ଭୀର ଜଣେ ଭଲ ପ୍ରତିଯୋଗୀ। ସବୁବେଳେ ଜିତିବା ପାଇଁ ଚାହାନ୍ତି। ତେବେ ଆମେ ଯଦି ଗମ୍ଭୀରଙ୍କ ସମ୍ପର୍କରେ କହିବା ତାହେଲେ ସେ ୨୦୨୪ ମସିହାରୁ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ରାହୁଲ ଦ୍ରାବିଡଙ୍କ କାର୍ଯ୍ୟକାଳ ସରିବା ପରେ ଗମ୍ଭୀର ଟିମ୍ ଇଣ୍ଡିଆର କୋଚ୍ ଭାବେ କାର୍ଯ୍ୟ କରୁଛନ୍ତି। ଗୌତମ ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଭାରତ ୨୦୨୫ ଆଇସିସି ଚାମ୍ପିୟନ୍ସ ଟ୍ରଫି, ଏସୀଆ କପ୍ ଏବଂ ଏବେ ଟି-୨୦ ବିଶ୍ୱକପ ଜିତିଛି। ଜଣେ କଠୋର ପ୍ରଶିକ୍ଷକ ଭାବେ ତାଙ୍କୁ ସମାଲୋଚନାର ଶିକାର ମଧ୍ୟ ହେବାକୁ ପଡ଼ିଛି। ଗମ୍ଭୀରଙ୍କ କୋଚିଂରେ ଭାରତ ୨୦୨୪ ମସିହାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଟେଷ୍ଟ ସିରିଜ୍ ୩-୦ରେ ହାରିବା ସହ ଅଷ୍ଟ୍ରେଲିଆରେ ମଧ୍ୟ ସିରିଜ୍ ହାରିଥିଲା। ଯାହାକୁ ନେଇ ଅନେକ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ତେବେ ଆଗାମୀ ଦିନିକିଆ ବିଶ୍ୱକପ ସମୟରେ ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଦଳ କିଭଳି ପ୍ରଦର୍ଶନ କରୁଛି ଏହା ଉପରେ ସମସ୍ତଙ୍କ ନଜର ରହିଛି।

### ୨୦୨୬ର ଶ୍ରେଷ୍ଠ ଖେଳାଳି ଘୋଷଣା କଲା ଆଇସିସି

# ବାଜି ମାରିଲେ ଟିମ୍ ଇଣ୍ଡିଆର ଅରୁନ୍ଧତୀ ରେଡ୍ଡୀ



**ନୂଆଦିଲ୍ଲୀ**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଫେବୃୟାରୀ ୨୦୨୬ ପାଇଁ ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ଘୋଷଣା କରିଛି। ମହିଳା ବର୍ଗରେ, ଟିମ୍ ଇଣ୍ଡିଆର ଜଣେ ଖେଳାଳି ବାଜି ମାରିଛନ୍ତି। ସେହିପରି ପୁରୁଷ ବର୍ଗରେ ଜଣେ ପାକିସ୍ତାନୀ ଖେଳାଳି ଏହି ଆୱାର୍ଡ ଜିତିଛନ୍ତି। ମହିଳାଙ୍କ ମଧ୍ୟରେ, ଭାରତର ଅରୁନ୍ଧତୀ ରେଡ୍ଡୀ ଏହି ସମ୍ମାନ ଜିତିବାରେ ସଫଳ ହୋଇଥିଲେ। ସେ ସାମ୍ପ୍ରତିକ ଅଷ୍ଟ୍ରେଲିଆ ଗସ୍ତରେ ଏକ ଚମତ୍କାର ପ୍ରଦର୍ଶନ କରିଥିଲେ ଏବଂ ଏହି କାରଣରୁ ସେ ଏହି ପୁରସ୍କାର ପାଇଛନ୍ତି। ପ୍ରଥମ ଥର ପାଇଁ ରେଡ୍ଡୀ ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି।

ଗତ ମାସରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜରେ ସେ ୮ଟି ୱିକେଟ ନେଇଥିଲେ। ଏହି ସିରିଜ୍‌ରେ ସେ ୧୦.୮୭ ହାରରେ ରନ୍ ଦେଇଥିଲେ ଏବଂ ୭.୨୫ ଇକୋନୋମି ରେଟରେ ରନ୍ ଦେଇଥିଲେ। ସିଡ୍‌ନୀରେ ଖେଳାଯାଇଥିବା ମ୍ୟାଚରେ ସେ ମାତ୍ର ୨୨ ରନ୍ ଦେଇ ୪ଟି ୱିକେଟ ନେଇଥିଲେ। ଅରୁନ୍ଧତୀ ରେଡ୍ଡୀଙ୍କ ସହିତ ଶ୍ରୀଲଙ୍କାର ହର୍ଷିତା ସମରବିକ୍ରମା ଏବଂ ପାକିସ୍ତାନର ଫାତିମା ସାନାଙ୍କୁ ମଧ୍ୟ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା। ତଥାପି ଅରୁନ୍ଧତୀ ଫେବୃୟାରୀ ୨୦୨୬ ପାଇଁ ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତି ଉଭୟଙ୍କୁ ପଛରେ ପକାଇ ଦେଇଥିଲେ।

ପୁରସ୍କାର ଜିତିବା ପରେ ସେ କହିଛନ୍ତି, "ଆଇସିସି ପ୍ଲେୟାର ଅଫ୍ ଦି ମାସ ଭାବରେ ସମ୍ମାନିତ ହେବା ମୋ ପାଇଁ ପ୍ରକୃତରେ ଏକ ବଡ଼ ସମ୍ମାନ ଏବଂ ଅଷ୍ଟ୍ରେଲିଆରେ ଟି୨୦ ସିରିଜରେ ମୋ ଦଳର ବିଜୟରେ ମୁଁ ଯୋଗଦାନ ଦେଇପାରିଥିବାରୁ ଏହା ଆହୁରି ସ୍ୱତନ୍ତ୍ର ହୋଇଛି। ଅଷ୍ଟ୍ରେଲିଆକୁ ତାଙ୍କ ଘରୋଇ ମାଟିରେ ପରାସ୍ତ କରିବା କେବେବି ଏକ ସହଜ କାମ ନୁହେଁ ଏବଂ ସେହି କାରଣରୁ ଏହି ପୁରସ୍କାର ମୋ ପାଇଁ ଆହୁରି ଅଧିକ ଗୁରୁତ୍ୱ ରଖେ। ଏହି ସିରିଜରେ ବିଜୟ ଆମ ଦଳର ଆତ୍ମବିଶ୍ୱାସକୁ ଏକ ବଡ଼ ବୃଦ୍ଧି ଦେଇଛି। ଆମେ ଆଗାମୀ ମହିଳା ଟି୨୦ ବିଶ୍ୱକପରେ ଏହି ପ୍ରଦର୍ଶନକୁ ଦୋହରାଇବାକୁ ଚାହିଁବୁ।"

# ଆଇପିଏଲ ଅବସରକୁ ନେଇ ମୁହଁ ଖୋଲିଲେ ଧୋନୀ

**ନୂଆଦିଲ୍ଲୀ**

ଚେନ୍ନାଇ ସୁପର କିଙ୍ଗ୍ସର ଏକ ପ୍ରଶଂସକ କାର୍ଯ୍ୟକ୍ରମରେ ଏମଏସ ଧୋନୀ ହାସ୍ୟରସପୂର୍ଣ୍ଣ ଭାବରେ ମନ୍ତବ୍ୟ ଦେଇଥିଲେ ଯେ ସେ ୬୦ ବର୍ଷ ବୟସ ପର୍ଯ୍ୟନ୍ତ ଆଇପିଏଲ ଖେଳିପାରିବେ, ଏହି ମନ୍ତବ୍ୟ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ସୃଷ୍ଟି କରିଥିଲା। ଅଭିନେତା ଶିବକାର୍ତ୍ତିକେୟନଙ୍କ ଏକ ମଜାଦାର ଅନୁରୋଧର ଉତ୍ତର ଦେଇ, ୪୪ ବର୍ଷୀୟ ଧୋନି କହିଥିଲେ ଯେ ଏହା କଷ୍ଟକର ହେଲେ ମଧ୍ୟ ସେ ନିଶ୍ଚିତ ଭାବରେ ଏହାକୁ ଚେଷ୍ଟା କରିପାରିବେ।

ଏହି ଘଟଣାଟି ପ୍ରକୃତରେ ମାର୍ଚ୍ଚ ୨୨ରେ ଚେନ୍ନାଇର ଚେପକରେ ଘଟିଥିଲା, ଯେଉଁଠାରେ ଶିବକାର୍ତ୍ତିକେୟନ ଆଇପିଏଲ ୨୦୨୬ ଦଳ ସହିତ ମଞ୍ଚ ଶେୟାର କରିଥିଲେ ଏବଂ ଧୋନୀଙ୍କୁ ଅବସର ଗୁଜବକୁ ଅଣଦେଖା କରି ହଳଦିଆ ଜର୍ସି ପିନ୍ଧି ଖେଳିବା ଜାରି ରଖିବାକୁ ଅନୁରୋଧ କରିଥିଲେ। ଧୋନୀଙ୍କ ପ୍ରତିକ୍ରିୟା ପ୍ରଶଂସକମାନଙ୍କୁ ଖୁସି କରିଥିଲା ଏବଂ ଭିଡିଓଟି ପରବର୍ତ୍ତୀ ସମୟରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଧୋନି ଆଇପିଏଲର ୧୯ତମ ସିଜିନରେ ଖେଳିବାକୁ ପ୍ରସ୍ତୁତ। ତାଙ୍କୁ ବହୁଳ ଭାବରେ ଲିଗର ସର୍ବଶ୍ରେଷ୍ଠ ଖେଳାଳି ଭାବରେ ବିବେଚନା କରାଯାଏ। ତାଙ୍କ ରେକର୍ଡ ଦୃଷ୍ଟିରୁ, ସେ ଏପର୍ଯ୍ୟନ୍ତ ୨୭୮ ମ୍ୟାଚ ଖେଳିଛନ୍ତି ଏବଂ ୫,୪୩୯ ରନ କରିଛନ୍ତି। ତାଙ୍କ ଅଧିନାୟକତ୍ୱରେ, ସେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ)କୁ ପାଞ୍ଚଟି ଚାମ୍ପିଅନସିପ ଟାଇଟଲ ହାସଲ କରିଛନ୍ତି। ଧୋନୀ ଏବେ ଦଳ ଭିତରେ ଜଣେ ପରାମର୍ଶଦାତା ଭୂମିକା ଗ୍ରହଣ କରୁଛନ୍ତି; ଦଳର ଦାୟିତ୍ୱ ନୂତନ ଅଧିନାୟକ ଋତୁରାଜ ଗାୟକୱାଡଙ୍କୁ ଦିଆଯାଇଛି।

ସିଏସକେ ସିଇଓ ସ୍ପଷ୍ଟ କରିଛନ୍ତି ଯେ ଧୋନୀ ଆଇପିଏଲ ୨୦୨୬ରେ ସମଗ୍ର ସିଜିନ ଖେଳିବେ। ଧୋନୀଙ୍କୁ ଏବେ ଦଳର ପ୍ରାଥମିକ ଖେଳାଳି ସଦସ୍ୟ ଅପେକ୍ଷା ଜଣେ ପରାମର୍ଶଦାତା ଭାବରେ ଅଧିକ ଦେଖାଯିବ ବୋଲି ଆଶା କରାଯାଉଛି। ପଡ଼ିଆରେ, ସେ ଏବେ ମୁଖ୍ୟତଃ ମ୍ୟାଚ୍ ଶେଷ କରିବାର ଦାୟିତ୍ୱ ବହନ କରୁଛନ୍ତି। ଦଳରେ ସଞ୍ଜୁ ସାମସନଙ୍କ ଭଳି ପ୍ରମୁଖ ଖେଳାଳିଙ୍କ ସମ୍ଭାବ୍ୟ ଆଗମନ ସମ୍ପର୍କରେ କଳ୍ପନାଜଳ୍ପନା ଚାଲିଛି। ଏହା ଧୋନୀଙ୍କ ଉପରେ ଚାପ କମ କରିବା ଏବଂ ଦଳରେ ନୂତନ ତାରକାଙ୍କୁ ପରିଚିତ କରାଇବାରେ ସାହାଯ୍ୟ କରିବ। ଆଇପିଏଲ ୨୦୨୫ରେ ସିଏସକେର ପ୍ରଦର୍ଶନ ଦୁର୍ବଳ ଥିଲା। ଫଳସ୍ୱରୂପ, ୨୦୨୬ ସିଜିନ ସିଏସକେ ପାଇଁ ଏକ ନୂତନ ଆରମ୍ଭ ହୋଇପାରେ, ଏବଂ ଧୋନୀଙ୍କ ପାଇଁ ଏକ ଚମତ୍କାର ବିଦାୟର ସୁଯୋଗ ମଧ୍ୟ ଦେଇପାରେ।

# ରାଜ୍ୟ ଓ ଜାତୀୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା : ଓଡ଼ିଶା ପୁଲିସ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ଓ ଜାତୀୟସ୍ତରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଯୋଗଦେଇ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପୁଲିସ ଖେଳାଳିଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି।

ଭୁବନେଶ୍ୱରସ୍ଥିତ ପୁଲିସ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ନିଜ ବକ୍ତବ୍ୟରେ କହିଥିଲେ, କ୍ରୀଡ଼ାବିତ୍‌ଙ୍କ ଏହି ସଫଳତା ରାଜ୍ୟ ଓ ଓଡ଼ିଶା ପୁଲିସ ପାଇଁ ଗୌରବର ବିଷୟ। ସେମାନଙ୍କ ଏହି ସଫଳତା ଓଡ଼ିଶାର ଯୁବ ପିଢ଼ିକୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବ ବୋଲି ସେ କହିଥିଲେ।



ଉଲ୍ଲେଖନୀୟ ଯେ, ନିକଟରେ ଆୟୋଜିତ ସର୍ବଭାରତୀୟ ପୁଲିସ ଓ ବରିଷ୍ଠ ଜାତୀୟ ଚାମ୍ପିଅନସିପ୍-୨୦୨୬ରେ ଓଡ଼ିଶା ପୁଲିସର କ୍ରୀଡ଼ାବିତ୍‌ମାନେ ଏକାଧିକ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ରୋଇଂ ପ୍ରତିଯୋଗିତାରେ ରିତୁ କାଉଡ଼ି ଓ ସୋନାଲିକା ଦାସ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ସେହିପରି କ୍ୟାନୋଇଂ, କାୟାକିଂ, କରାଟେ ଏବଂ ଆଥଲେଟିକ୍ସ ମଧ୍ୟରେ ମଧ୍ୟ ଖେଳାଳିମାନେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି।

ଅନ୍ୟପକ୍ଷରେ କଟକରେ ଆୟୋଜିତ ୭୪ତମ ରାଜ୍ୟ ପୋଲିସ ଆଥଲେଟିକ୍ ଚାମ୍ପିଅନସିପ୍ ୨୦୨୫-୨୬ରେ ଓଡ଼ିଶା ପୁଲିସର ୭ ଜଣ ଖେଳାଳି ୧୧ଟି ବିଭିନ୍ନ ବିଭାଗରେ ନୂତନ 'ମିଟ୍ ରେକର୍ଡ' ସୃଷ୍ଟି କରି ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ବିଘ୍ନରାଜ ମିରିଡ଼ିଆ, ଅଶୋକ ଦାଣ୍ଡସେନା, ସୁସ୍ମିତା ତିଗା ଓ ସବିତା ଟପ୍ପୋଙ୍କ ଭଳି ଖେଳାଳିମାନେ ନିଜ ନିଜ ବର୍ଗରେ ଅସାଧାରଣ ପ୍ରଦର୍ଶନ କରି ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି।

### ରାଜ୍ୟସ୍ତରୀୟ ରଗ୍‌ବୀ

# 'ଫ୍ୟୁଚର ଷ୍ଟାର' ମହିଳା ଦଳ କିସ୍‌କୁ ହରାଇ ଚାମ୍ପିଅନ୍

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଚଳିତ ମାସ ୧୬ ଓ ୧୭ ତାରିଖ କେନ୍ଦୁଝରର ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆନ୍ତଃ-ଜିଲ୍ଲା ବରିଷ୍ଠ ରଗ୍‌ବୀ ୭ ଏସ୍ ପ୍ରତିଯୋଗିତା-୨୦୨୬ରେ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ମହିଳା ଦଳ ଏକ ଚିତ୍ତାକର୍ଷକ ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରି ଫାଇନାଲ୍ ମ୍ୟାଚ୍‌ରେ ଶକ୍ତିଶାଳୀ 'କିସ୍' ଦଳକୁ ୧୨-୧୦ ପଏଣ୍ଟରେ ପରାସ୍ତ କରି ଏକାଡେମୀ ଇତିହାସ ରଚିଛି। ପୂର୍ବରୁ ଦଳ ବାଲେଶ୍ୱରକୁ ୫୨-୦୦, କେନ୍ଦ୍ରାପଡ଼ାକୁ ୫୯-୦୦, ଜଗତସିଂହପୁରକୁ ୪୫-୦୦ ଏବଂ ସେମି ଫାଇନାଲରେ ମୟୂରଭଞ୍ଜକୁ ୨୬-୦୦ ବ୍ୟବଧାନରେ ପରାସ୍ତ କରି ନିଜର ଦବ୍‌ଦବା ବଜାୟ ରଖିଥିଲା। ଏହା ସହିତ ଏକାଡେମୀର ପୁରୁଷ ଦଳ ମଧ୍ୟ କ୍ୱାର୍ଟରଫାଇନାଲରେ ସାହସିକତାର ସହ ଲଢ଼ି ସମସ୍ତଙ୍କର ପ୍ରଶଂସା ସାଉଁଟିଛନ୍ତି। ଏହି ଅବସରରେ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ରଗ୍‌ବୀ ଫୁଟବଲ ସଂଘର ସଭାପତି, ସମ୍ପାଦକ ଏବଂ ସମସ୍ତ କର୍ମକର୍ତ୍ତାଙ୍କୁ ବିଶେଷ ଭାବେ ଧନ୍ୟବାଦ ଅର୍ପଣ କରାଯାଇଛି। ସଂଘର ପ୍ରୋତ୍ସାହନ ଓ ସହଯୋଗ ଯୋଗୁଁ ଏକାଡେମୀ ପ୍ରଥମ ଥର ପାଇଁ ନିଜସ୍ୱ ନାମରେ ଏହି ରାଜ୍ୟସ୍ତରୀୟ ମଞ୍ଚରେ ଖେଳିବାକୁ ସୁଯୋଗ ପାଇଥିଲା। ଖେଳାଳିମାନଙ୍କର ଏହି କଠିନ ପରିଶ୍ରମ ଓ ସମର୍ପଣ ପାଇଁ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀ ନିର୍ଦ୍ଦେଶକ ଅମର କୁମାର ସେଠି, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଳ ହାଁସଦା, ସହ-ପ୍ରତିଷ୍ଠାତା ରୂପାଲୀ ସୋରେନ, ସାଇ କିରଣ ନାୟକ, ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ ଏବଂ କୋଚ୍ ଚନ୍ଦନ ସିଂ ଓ ଅଜିତ କୁମାର ହାଁସଦା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ରଗ୍‌ବୀ ସଂଘ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗର ଏଭଳି ସୁଯୋଗ ପ୍ରଦାନ ପାଇଁ ଏକାଡେମୀର ସମସ୍ତ ଖେଳାଳି ଓ ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ କୃତଜ୍ଞତା ଜ୍ଞାପନ କରିଛନ୍ତି।




### ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ୟୁନିଟ୍-୬ର ବାଜିମାତ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସିଟି କ୍ଲବ, ଭୁବନେଶ୍ୱର ଅଥଲେଟିକ୍ ଆସୋସିଏସନ ଓ ଦେବେନ୍ଦ୍ର ପ୍ରଧାନ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଆରମ୍ଭ ହୋଇଥିବା ପ୍ରଥମ ଡଃ ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ସମାରୋହ ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱରର ୟୁନିଟ୍-୬ ଦଳ ଅନୁଗୁଳ ଏଫ୍‌ସି ଦଳକୁ ୧-୦ ଗୋଲ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଏହି ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଆଇନ୍ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ବିଜେତା ଦଳକୁ ୨ ଲକ୍ଷ ଟଙ୍କା ଏବଂ ଉପବିଜେତା ଦଳକୁ ୧ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ସେହିପରି ଦୁଇ ପରାଜିତ ସେମି ଫାଇନାଲ ଦଳ ମଙ୍ଗଳା କ୍ଲବ ଏବଂ ରାଧାରମଣ ଦଳକୁ ୨୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ସର୍ବଶ୍ରେଷ୍ଠ ଖେଳାଳି ଭାବେ ପତାକା ଅନୁଗୁଳ ଦଳର ୨ନଂ ସମୀର ମାଝୀଙ୍କୁ ନଗଦ ୫୦୦୦ ଟଙ୍କା ପ୍ରଦାନ କରାଯାଇଥିଲା।

ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଓଡ଼ିଶା ଅଲମ୍ପିକ ଆସୋସିଏସନର ସଭାପତି ସମୀର ମହାନ୍ତି, ସମ୍ପାଦକ ଅଭିଜିତ ପାଲ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜେପି ନେତା ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ସାଂଗଠନିକ ସଭାପତି ନିରଞ୍ଜନ ମିଶ୍ର, ସୁରଥ ବିଶ୍ୱାଳ, ଶିଳ୍ପପତି ତଥା ଓସିଏର ସଭାପତି ପଙ୍କଜ ଲୋଚନ ମହାନ୍ତି, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନର ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ଡଃ ସୌର୍ଯ୍ୟରଞ୍ଜନ ପରିଜା, ଡଃ ଏସ୍.ଆର. ପରିଜା, ଭାଗ୍ୟଧର ଜଗଦେବ, ଯଜ୍ଞାଶିଷ ମହାପାତ୍ର, ସିଟି କ୍ଲବର ସମ୍ପାଦକ ପ୍ରଦୀପ କୁମାର ରାଉତରାୟ, ବନୋଜ ପ୍ରଧାନ, ଅରୁଣ ସାହୁ, ସେକ୍ ଅବଦୁଲ, ଗଣେଶ ପାଲ୍, ଦିଲ୍ଲିପ ଦାସ, ମହେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍ ପୂର୍ବରୁ ଏକ ମହିଳା ପ୍ରଦର୍ଶନୀ ମ୍ୟାଚ୍ ନିତା ଫୁଟବଲ ଏକାଡ଼େମୀ ଏବଂ ସ୍ପୋର୍ଟସ୍ ହଷ୍ଟେଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆସନ୍ତା ବର୍ଷ ଏହି ଟୁର୍ଣ୍ଣାମେଣ୍ଟକୁ 'ଉତ୍କଳ କପ୍' ନାମରେ ନାମିତ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କୁ ଏକ ପ୍ରସ୍ତାବ ଦିଆଯାଇଥିଲା ବୋଲି ସିଟି କ୍ଲବର ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ପ୍ରକାଶ କରିଛନ୍ତି।




# ପ୍ରମୋଦ ଭଗତଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସ୍ପାନିସ ପାରା ବ୍ୟାଡମିଣ୍ଟନ ଇଣ୍ଟରନ୍ୟାସନାଲ ୨୦୨୬ରେ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଥିବା ପ୍ରମୋଦ ଭଗତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସ୍ପାନିସ ପାରା ବ୍ୟାଡମିଣ୍ଟନ ଇଣ୍ଟରନ୍ୟାସନାଲ ୨୦୨୬ରେ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଥିବା ଓଡ଼ିଆ କ୍ରୀଡ଼ାବିତ୍ ପ୍ରମୋଦ ଭଗତଙ୍କୁ ମୋର ଅଶେଷ ଶୁଭେଚ୍ଛା ଓ ଅଭିନନ୍ଦନ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ତାଙ୍କର ଅଦମ୍ୟ ସାହସ, ନିଷ୍ଠା ଓ ଉତ୍କର୍ଷତା ଆଜି ସମଗ୍ର ଦେଶ ପାଇଁ ପ୍ରେରଣାର ଉତ୍ସ ସାଜିଛି। କଠିନ ପରିଶ୍ରମ ବଳରେ ସେ ବିଶ୍ୱ ଦରବାରରେ ଓଡ଼ିଶାର ପରିଚୟକୁ ଆହୁରି ସମୃଦ୍ଧ କରିଛନ୍ତି। ଆଗାମୀ ଦିନରେ ସେ ଏହିଭଳି ସଫଳତା ଜାରି ରଖି ଭାରତ ପାଇଁ ଅଧିକ ସୁନାମ ଆଣନ୍ତୁ। ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଅଶେଷ ଶୁଭକାମନା।

# ଏଲ୍ଏଲ୍‌ସିସି କପ୍ : ସେମିରେ ରେଡ୍ ଷ୍ଟାର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ନୟାପଲ୍ଲୀସ୍ଥିତ ଏଲ୍ଏଲ୍‌ସିସି ପଡ଼ିଆରେ ଚାଲିଥିବା ଏଲ୍ଏଲ୍‌ସିସି କପ୍ ୧୪ ବର୍ଷରୁ କମ୍ କ୍ରିକେଟ୍ ପ୍ରତିଯୋଗିତାର ସେମିଫାଇନାଲ୍‌ରେ ରେଡ୍ ଷ୍ଟାର ପ୍ରବେଶ କରିଛି। ସୋମବାର ପ୍ରଥମ କ୍ୱାର୍ଟର ଫାଇନାଲ୍‌ରେ ଏହି ଦଳ ୧୬୦ ରନ୍‌ରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରେଡ୍ ଷ୍ଟାର ଦଳ ଓମ୍‌ଶ୍ରୀ ସାହୁ (୧୧୨ ବଲ୍, ୧୬୨ ରନ୍)ଙ୍କ ଶତକ ବଳରେ ନିର୍ଦ୍ଧାରିତ ୩୫ ଓଭରରେ ୪ ୱିକେଟ୍ ହରାଇ ୨୬୧ ରନ୍ କରିଥିଲା। ଧନରାଜ ରାୟ ୩୬ ରନ୍ କରିଥିଲେ। ଜବାବରେ ରନ୍ ପାହାଡ଼ର ଚାପରେ ଚାପି ହୋଇ ରାମେଶ୍ୱର ସ୍ପୋର୍ଟିଂ ୨୮.୨ ଓଭରରେ ୧୦୧ ରନ୍‌ରେ ଅଲ୍‌ଆଉଟ୍ ହୋଇ ଯାଇଥିଲା। ଦଳ ପକ୍ଷରୁ ବିଭୂପ୍ରସାଦ ପ୍ରଧାନ ସର୍ବାଧିକ ୩୧ ରନ୍ କରିଥିଲେ। ରେଡ୍ ଷ୍ଟାର ପକ୍ଷରୁ ସ୍ମୃତିରଞ୍ଜନ ୪, ସେଖ୍ ସଲିକ ମହମ୍ମଦ ୩ ଓ ଓମ୍‌ଶ୍ରୀ ସାହୁ ୨ ୱିକେଟ୍ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଓମ୍‌ଶ୍ରୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପୂର୍ବତନ ରଣଜୀ ଖେଳାଳି ଆଲୋକ ମଙ୍ଗରାଜ ପ୍ରଦାନ କରିଥିଲେ।

# ସହଭାଗିତାର ଶକ୍ତି: ଯକ୍ଷ୍ମା ବିରୁଦ୍ଧରେ ଭାରତର ବିଜୟ



**ଜଗତ ପ୍ରକାଶ ନଡ୍ଡା**
କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ରସାୟନ ତଥା ସାର ମନ୍ତ୍ରୀ

ଆଜି, ଭାରତ ଆଉ ଏକ 'ଯକ୍ଷ୍ମା ମୁକ୍ତ ଭାରତ' ଅଭିଯାନ - ଏକ ୧୦୦ ଦିନିଆ ଅଭିଯାନ - ଆରମ୍ଭ କରୁଥିବା ସମୟରେ ମୁଁ ଅତ୍ୟନ୍ତ ଗର୍ବ ଏବଂ ନୂତନ ଆଶା ସହିତ ଯକ୍ଷ୍ମା (ଟିବି) ଦୂର କରିବା ପାଇଁ ଆମର ଯାତ୍ରାକୁ ଦେଖୁଛି। ସାମ୍ପ୍ରତିକ ବର୍ଷଗୁଡ଼ିକରେ, ଯକ୍ଷ୍ମା ନିରାକରଣ ପ୍ରତି ଭାରତର ପଦକ୍ଷେପ ଅତୁଳନୀୟ। ଏହା ଜନ-ଭାଗୀଦାରୀ ଉପରେ ଆଧାରିତ ଏବଂ ଆମର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଦ୍ୱାରା ଅନୁପ୍ରାଣିତ ସାମୂହିକ ଦାୟିତ୍ୱର ଭାବନାରେ ପରିପୂର୍ଣ୍ଣ। ମିଶନ ଇନ୍ଦ୍ରଧନୁଷ ଭଳି ପ୍ରମୁଖ ପଦକ୍ଷେପର ସଫଳତାକୁ ବ୍ୟବହାର କରି ଏବଂ ଗୋଷ୍ଠୀ ସ୍ତରରେ 'ସୁସ୍ଥ ମହିଳା, ସଶକ୍ତ ପରିବାର' ବାର୍ତ୍ତାକୁ ଦୃଢ଼ କରି, ଏହି 'ସମଗ୍ର ସମାଜ' ଆଭିମୁଖ୍ୟ ବିଭିନ୍ନ କ୍ଷେତ୍ରରେ ଏହାର ପ୍ରଭାବଶାଳୀତା ପ୍ରମାଣିତ କରିଛି। ଡିସେମ୍ବର ୨୦୨୪ ରେ ଆରମ୍ଭ ହୋଇଥିବା ୧୦୦ ଦିନିଆ 'ଯକ୍ଷ୍ମା ମୁକ୍ତ ଭାରତ' ଅଭିଯାନର ଅଭିଜ୍ଞତା ଲୋକଙ୍କ ଶକ୍ତି ଉପରେ ଆମର ବିଶ୍ୱାସକୁ ଆହୁରି ଦୃଢ଼ କରିଛି।

ଯାହା ଏକ ଚିକିତ୍ସା ଅଭିଯାନ ଭାବରେ ଆରମ୍ଭ ହୋଇଥିଲା ତାହା ଏବେ ଏକ ଗଣ ଆନ୍ଦୋଳନରେ ପରିଣତ ହୋଇଛି। ଫଳାଫଳଗୁଡ଼ିକ ନିଜେ କହିଥାଏ : ୨୦୧୫ ପରଠାରୁ, ଭାରତରେ ଯକ୍ଷ୍ମା ଆକ୍ରମଣରେ ୨୧% ହ୍ରାସ ଘଟିଛି - ଯାହା ବିଶ୍ୱ ହାରର ପ୍ରାୟ ଦୁଇଗୁଣ - ଏବଂ ଯକ୍ଷ୍ମା ମୃତ୍ୟୁହାରରେ ୨୫% ହ୍ରାସ ଘଟିଛି। ଏହା ଦର୍ଶାଏ ଯେ ବିଜ୍ଞାନ, ବ୍ୟବସ୍ଥା ଏବଂ ସମାଜ ଏକତ୍ରିତ ଭାବରେ କାମ କଲେ କ'ଣ ହାସଲ କରାଯାଇପାରିବ।

ଆଜି, ଯକ୍ଷ୍ମା ବିରୁଦ୍ଧରେ ଭାରତର ଯୁଦ୍ଧ ସାମୂହିକ ଅଂଶଗ୍ରହଣର ଶକ୍ତିକୁ ଉଦାହରଣ ଦିଏ। କେନ୍ଦ୍ରୀୟ ମନ୍ତ୍ରଣାଳୟଠାରୁ ଗ୍ରାମ ପଞ୍ଚାୟତ ପର୍ଯ୍ୟନ୍ତ, ଏବଂ ଡାକ୍ତରଙ୍କଠାରୁ ନିର୍ବାଚିତ ପ୍ରତିନିଧି ପର୍ଯ୍ୟନ୍ତ, ସମସ୍ତେ ଏଥିରେ ସାମିଲ ଅଛନ୍ତି। ଚିକିତ୍ସା ସମାପ୍ତ କରିଥିବା ରୋଗୀମାନେ ମଧ୍ୟ ଅନ୍ୟମାନଙ୍କୁ ସମର୍ଥନ କରିବା ପାଇଁ 'ଟିବି ଚାମ୍ପିଅନ୍' ଭାବରେ ଆଗକୁ ବଢ଼ୁଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ୨୫ଟି ଅନ୍ୟ ମନ୍ତ୍ରଣାଳୟ, ସମସ୍ତ ପଞ୍ଚାୟତିରାଜ ପ୍ରତିଷ୍ଠାନ ଏବଂ ସାମୁଦାୟିକ ସଂଗଠନ ସହିତ ହାତ ମିଳାଇଛି ଯାହା ସେମାନଙ୍କର ବିଶେଷଜ୍ଞତା, ନେଟୱାର୍କ ଏବଂ ଭିତ୍ତିଭୂମିକୁ ଉପଯୋଗ କରିବ।

'ମେରା ଭାରତ' କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢ଼ିଙ୍କ ଉତ୍ସାହୀ ଅଂଶଗ୍ରହଣ ସମାନ ଭାବରେ ପ୍ରେରଣାଦାୟକ ହୋଇଛି। ୨ ଲକ୍ଷରୁ ଅଧିକ 'ମେରା ଭାରତ' ସ୍ୱେଚ୍ଛାସେବୀ ଯକ୍ଷ୍ମା ରୋଗୀଙ୍କୁ ମାନସିକ ସାମାଜିକ ସହାୟତା ପ୍ରଦାନ କରିବା ପାଇଁ ପଞ୍ଜୀକୃତ କରିଛନ୍ତି। ଚିକିତ୍ସା ଅନୁପାଳନକୁ ସୁନିଶ୍ଚିତ କରିବା ସହିତ ସେମାନଙ୍କର ସମ୍ମାନକୁ ଫେରାଇ ଆଣିବାରେ ସାହାଯ୍ୟ କରୁଛନ୍ତି।

ବିଜ୍ଞାନ ଏବଂ ନବସୃଜନ ମାଧ୍ୟମରେ ପ୍ରଭାବ : ନୂତନ ପ୍ରମାଣ ଏବଂ ଉଦୀୟମାନ ଚ୍ୟାଲେଞ୍ଜର ପ୍ରତିକ୍ରିୟାରେ ଆମର ରଣନୀତି ନିରନ୍ତର ବିକଶିତ ହୋଇଛି। ଭାରତର ଜାତୀୟ ଯକ୍ଷ୍ମା ପ୍ରଚଳନ ସର୍ଭେ ପ୍ରକାଶ କରିଛି ଯେ ଅଧା ରୋଗୀ ସାଧାରଣ ଲକ୍ଷଣ ପ୍ରଦର୍ଶନ କରନ୍ତି ନାହିଁ, ଯାହା ଲକ୍ଷଣହୀନ, ଦୁର୍ବଳ ଜନସଂଖ୍ୟା ମଧ୍ୟରେ ସକ୍ରିୟ ସ୍କ୍ରିନିଂ ଆଡ଼କୁ ଏକ ରଣନୈତିକ ପରିବର୍ତ୍ତନକୁ ପ୍ରେରଣା ଦିଏ। ନୀରବ ମାମଲାଗୁଡ଼ିକ ସଂକ୍ରମଣର ପ୍ରସାରକୁ ବ୍ୟାପକ କରିଥାଏ - ଜଣେ ଅଜଣା ରୋଗୀ ଅଜାଣତରେ ଅନ୍ୟମାନଙ୍କୁ ରୋଗ ସଂକ୍ରମଣ କରିପାରନ୍ତି, ଯାହା ପ୍ରାରମ୍ଭିକ ସ୍କ୍ରିନିଂକୁ କେବଳ ଏକ ଆବଶ୍ୟକତା ନୁହେଁ, ବରଂ ଏକ ନାଗରିକ ଦାୟିତ୍ୱ କରିଥାଏ।

ନିକ୍ଷୟ ବାହନ- ଏଆଇ-ସକ୍ଷମ ପୋର୍ଟେବଲ୍ ଏକ୍ସ-ରେ ମେସିନ୍ ଏବଂ ଉନ୍ନତ ଆଣବିକ ପରୀକ୍ଷଣ ପ୍ରଯୁକ୍ତିବିଦ୍ୟା ସହିତ ସଜ୍ଜିତ - ସର୍ବାଧିକ ବିପଦରେ ଥିବା ସମ୍ପ୍ରଦାୟ ପାଇଁ ସହଜ ସ୍କ୍ରିନିଂକୁ ସୁବିଧା ପ୍ରଦାନ କରେ। ଆଜି ପର୍ଯ୍ୟନ୍ତ, ଏହି ପଦକ୍ଷେପ ୨୦୦ ନିୟୁତରୁ ଅଧିକ ଲୋକଙ୍କ ସ୍କ୍ରିନିଂ କରିଛି, ଯାହା ୩.୨୬୫ ନିୟୁତ ଯକ୍ଷ୍ମା ମାମଲା ଚିହ୍ନଟ କରିଛି - ଯେଉଁଥିରେ ୧.୦୯ ନିୟୁତ ଲକ୍ଷଣହୀନ ମାମଲା ଅନ୍ତର୍ଭୁକ୍ତ ଯାହା ଅନ୍ୟଥା ନିର୍ଣ୍ଣୟ ହୋଇ ନଥାନ୍ତା।

ଏହି ଗତିକୁ ବଜାୟ ରଖି, ଟିବି ମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ପରବର୍ତ୍ତୀ ୧୦୦-ଦିନିଆ ଅଭିଯାନରେ ୩୦୦୦ରୁ ଅଧିକ ଏଆଇ-ଚାଳିତ ପୋର୍ଟେବଲ୍ ଏକ୍ସ-ରେ ୟୁନିଟ୍ ଏବଂ ପରବର୍ତ୍ତୀ ପିଢ଼ିର ଡାଇଗ୍ନୋଷ୍ଟିକ୍ ମେସିନ୍ ନିୟୋଜିତ କରାଯିବ। ଡାଟା-ଚାଳିତ ଉପକରଣଗୁଡ଼ିକ ଉଚ୍ଚ-ବିପଦପୂର୍ଣ୍ଣ ଗ୍ରାମ ଏବଂ ସହରାଞ୍ଚଳ ୱାର୍ଡଗୁଡ଼ିକୁ ଚିହ୍ନଟ କରିବାରେ ସହାୟତା କରିବ ଯେଉଁଠାରେ ସ୍କ୍ରିନିଂ ସର୍ବାଧିକ ପ୍ରଭାବ ପକାଇପାରେ।

ଭାରତ ଦ୍ରୁତ ସହରୀକରଣ ଦେଇ ଗତି କରୁଛି। ଏହାର ଘନ ଜନସଂଖ୍ୟା ଏବଂ ଦୁର୍ବଳ ସମ୍ପ୍ରଦାୟକୁ ଦୃଷ୍ଟିରେ ରଖି, ଯଦି ନିରୀକ୍ଷଣ ଏବଂ ଯତ୍ନ ବ୍ୟବସ୍ଥାକୁ ସୁଦୃଢ଼ କରାନଯାଏ, ତେବେ ଏହି ରୋଗ ଉପଯୁକ୍ତ ଭାବରେ ଚିହ୍ନଟ ହୋଇ ପାରିବ ନାହିଁ। ତେଣୁ, ଆମେ ଉଚ୍ଚ ବିପଦପୂର୍ଣ୍ଣ ସହରାଞ୍ଚଳ - ଯେପରିକି ଅନୌପଚାରିକ ବସତି, ପ୍ରବାସୀ ଶ୍ରମିକ କ୍ଲଷ୍ଟର ଏବଂ ଅନ୍ୟାନ୍ୟ ଦୁର୍ବଳ ଜନସଂଖ୍ୟା ଉପରେ ଆମର ପ୍ରୟାସକୁ କେନ୍ଦ୍ରିତ କରୁଛୁ।

ଆଗକୁ ଯିବାର ମାର୍ଗ : ଯେତେବେଳେ ଆମେ ଆଗକୁ ବଢ଼ୁଛୁ, ଆମର ଜନାଦେଶ କ୍ରମଶଃ ସ୍ପଷ୍ଟ ହୋଇଯାଏ: ଆମେ ହାସଲ କରିଥିବା ଗତିକୁ ବଜାୟ ରଖିବା ଏବଂ ଏହାକୁ ଆହୁରି ତ୍ୱରାନ୍ୱିତ କରିବା। ଭାରତ ଏପରି ଏକ ରାଷ୍ଟ୍ର ଯାହା ଆମର ପ୍ରୟାସରେ ଯୋଗଦାନ କଲେ ନିଶ୍ଚିତ ଭାବରେ ସଫଳ ହେବ। ଆମେ ପୋଲିଓ ନିରୁପଣ ପାଇଁ ଏକତ୍ରିତ ହୋଇ କାମ କରିଛୁ। ଆମର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ଆମେ ରେକର୍ଡ ସମୟରେ ଏକ ବିଲିୟନରୁ ଅଧିକ ଲୋକଙ୍କୁ କୋଭିଡ୍-୧୯ ବିରୁଦ୍ଧରେ ଟୀକାକରଣ କରିଛୁ। 'ମେଡ୍ ଇନ୍ ଇଣ୍ଡିଆ' ବିକାଶ ରଣନୀତି ଦ୍ୱାରା ଚାଳିତ, ଆମେ ଆଶାରୁ ନିଶ୍ଚିତତା ଆଡ଼କୁ ଗତି କରିଛୁ। ଆମେ ଏହି ସହଭାଗୀ ମିଶନରେ ପ୍ରତ୍ୟେକ ନାଗରିକ, ଅନୁଷ୍ଠାନ ଏବଂ ଯୁବ ପ୍ଲାଟଫର୍ମକୁ ସାମିଲ କରି ପ୍ରାରମ୍ଭିକ ସ୍କ୍ରିନିଂକୁ ବୃଦ୍ଧି କରିବା, ରୋଗ ନିର୍ଣ୍ଣୟ ପାଇଁ ପ୍ରବେଶକୁ ବିସ୍ତାର କରିବା ଏବଂ ଜନସାଧାରଣଙ୍କ ଅଂଶଗ୍ରହଣକୁ ବ୍ୟାପକ କରିବା ଜାରି ରଖିବୁ।

ଯକ୍ଷ୍ମା ବିରୁଦ୍ଧରେ ଭାରତର ଅଭିଯାନ କେବଳ ଏକ ଜନସ୍ୱାସ୍ଥ୍ୟ ପଦକ୍ଷେପ ନୁହେଁ; ଏହା ଏକ ଜନ ଆନ୍ଦୋଳନ। ଏକ ସାଧାରଣ ଉଦ୍ଦେଶ୍ୟ ପାଇଁ ଏକତ୍ରିତ ହେବାର ଆମ ଦେଶର କ୍ଷମତାର ପ୍ରମାଣ। ଯଦି ଆମେ ଏକ ହୋଇ ରହିଥାଉ, ତେବେ ଆମେ ନିଶ୍ଚିତ କରିପାରିବା ଯେ ପରବର୍ତ୍ତୀ ପିଢ଼ି ଯକ୍ଷ୍ମାକୁ କେବଳ ଇତିହାସର ଏକ ଅଧ୍ୟାୟ ଭାବରେ ଜାଣିପାରିବେ, ସେମାନଙ୍କ ଜୀବନର ଏକ ବାସ୍ତବତା ଭାବରେ ନୁହେଁ। ଏହା ହେଉଛି ସେହି ଭାରତ ଯାହାକୁ ଆମେ ନିର୍ମାଣ କରିବାକୁ ଚେଷ୍ଟା କରୁଛୁ। ଏହା ହେଉଛି ସେହି ଭାରତ ଯାହାକୁ ଆମେ ଏକାଠି ସୃଷ୍ଟି କରିବୁ।

ମୁଁ ନିଶ୍ଚିତ ଯେ ଆମର ସାମୂହିକ ପ୍ରୟାସ ମାଧ୍ୟମରେ, ଆମେ ଆମର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ନିର୍ଦ୍ଧାରିତ ସଂକଳ୍ପ 'ହଁ, ଆମେ ଯକ୍ଷ୍ମାକୁ ସମାପ୍ତ କରିପାରିବା'କୁ ସାକାର କରିବୁ।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୪ ମାର୍ଚ୍ଚ ୨୦୨୬ ମଙ୍ଗଳବାର





# ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଶ୍ରୀବୃଦ୍ଧି ଓ ଜନଜୀବନ ମଙ୍ଗଳ ପାଇଁ ଚଳାପଥ ନିଷ୍ଠାର ସହ କାର୍ଯ୍ୟ କରୁଛି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ଶ୍ରୀବୃଦ୍ଧି ଓ ଜନଜୀବନର ମଙ୍ଗଳ ପାଇଁ ଚଳାପଥ ନିଷ୍ଠାର ସହ କାର୍ଯ୍ୟ କରିଆସୁଛି। ସାରସ୍ୱତ ସାଧକମାନଙ୍କ ମଧ୍ୟରେ ସୃଜନ ସମ୍ପର୍କର ସେତୁ ନିର୍ମାଣ କରିବାରେ ଚଳାପଥ ଗୁଣ୍ଡୁଚିର ଧର୍ମ ଲିଭାଇ ଆସୁଛି ବୋଲି ଚଳାପଥର ୫୪ ତମ ମହୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକଙ୍କ ସଭାପତିରେ ଅନୁଷ୍ଠିତ ଏହି ମହୋତ୍ସବରେ ପୂର୍ବତନ ମନ୍ତ୍ରୀ ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ବିଚାରପତି ଭିକାରୀ ଚରଣ ରାଉତ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ହାଇକୋର୍ଟର ବରିଷ୍ଠ ଆଡ଼ଭୋକେଟ ବିଭୁ ପ୍ରସାଦ ତ୍ରିପାଠୀ, ବରିଷ୍ଠ ରାଜନେତା ପ୍ରଶାନ୍ତ କୁମାର ରାୟ, ଚଳାପଥର ପ୍ରତିଷ୍ଠାତା ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ହଳଧର ଧୀର, ଉପସଭାପତି ଭୁବନ ମୋହନ ମହାନ୍ତି, ଡକ୍ଟର ଗୀତାଶ୍ରୀ ପ୍ରିୟମ୍ବଦା ପ୍ରମୁଖ ଯୋଗ ଦେଇ ଚଳାପଥର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କବୀ ଦିପ୍ତିରେଖା ଦାସଙ୍କ ସୃଜନ ସୃଷ୍ଟି କବିତା ସଙ୍କଳନ 'ସାଇତା ଫଗୁଣର ସ୍ୱର' ଓ ଲେଖିକା ସଂଯୁକ୍ତା ମହାପାତ୍ରଙ୍କ ପୁସ୍ତକ 'ମାତୃ ରୂପେଣ ସଂସ୍ଥିତା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ବରିଷ୍ଠ କବି ଅମରେଶ ପଟ୍ଟନାୟକ, ହାଇକୋର୍ଟର ବରିଷ୍ଠ ଆଡ଼ଭୋକେଟ ବିଭୁ ପ୍ରସାଦ ତ୍ରିପାଠୀ, ବରିଷ୍ଠ ପ୍ରଶାସକ ଦିଗନ୍ତ କୁମାର ରାଉତରାୟ, ବରିଷ୍ଠ ପ୍ରଶାସକ ଭବେଶ କୁମାର ନାୟକ, ସାମ୍ବାଦିକ ପ୍ରକାଶ ଦାସ, ଆଡ଼ଭୋକେଟ ନାରାୟଣ ଚନ୍ଦ୍ର ପତି, ସାମ୍ବାଦିକ ପ୍ରସନ୍ନ ପତି, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶିକା ଦିପ୍ତିମୟୀ ମହାପାତ୍ର, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଆଇ.ଓ ତଥା କବି ସରୋଜ ଶତପଥୀ, ଇଂ ଧୀରେନ କୁମାର ଖୁଣ୍ଟିଆ, କବୀ ଦିପ୍ତିରେଖା ଦାସଙ୍କୁ ଚଳାପଥ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ସ୍ୱର୍ଗତ ପ୍ରଫେସର ଡକ୍ଟର ରାମଚନ୍ଦ୍ର ଧୀରଙ୍କୁ ପ୍ରଦ ମରୋଣତର ଚଳାପଥ ସମ୍ମାନ ତାଙ୍କର ପତ୍ନୀ ନମିତା ଧୀର ଓ ତାଙ୍କର ଦୁଇ କନ୍ୟାଙ୍କୁ ପ୍ରଦାନ କରାଯାଇଥିଲା। ଚଳାପଥ ଅନୁଷ୍ଠାନର ଶୁଭ ଚିନ୍ତକ ଡାକ୍ତର ଶରତ ଚନ୍ଦ୍ର ମିଶ୍ର ଓ ତାଙ୍କ ଧର୍ମପତ୍ନୀ ଦେଶ କଲ୍ୟାଣୀ ମିଶ୍ରଙ୍କୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଚଳଚ୍ଚିତ୍ର ସଙ୍ଗୀତ ଶିଳ୍ପୀ ତଥା ଗାୟିକା ସାଇଶ୍ରୀ ବିଶ୍ୱଜିତା ରାୟଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। କଣ୍ଠଶିଳ୍ପୀ ସାଇଶ୍ରୀ ବିଶ୍ୱଜିତା ରାୟଙ୍କ ସଙ୍ଗୀତ ପରିବେଷଣ ପରିବେଶକୁ ମଧୁମୟ କରି ଗଢ଼ି ତୋଳିଥିଲା। କବି ଧ୍ରୁବ ଚରଣ ସେଠୀଙ୍କ ସଭାପତିତ୍ୱରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ଅଜୟ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ, କବି ଯୋଗେନ୍ଦ୍ର କୁମାର ନାୟକ, କବୀ ତରୁଣବାଳା ମହାପାତ୍ର, ମଧୁସ୍ମିତା ଶା, ଲୋପାମୁଦ୍ରା ନାୟକ, ଅନୁସୂୟା ବାରିକ, କ୍ଷଣପ୍ରଭା ମହାନ୍ତି, ବୀଣାପାଣି ଚୌଧୁରୀ, ଗୀତାଞ୍ଜଳୀ ଦଳେଇଙ୍କ ସଂଯୋଜନାରେ ଶତାଧିକ କବି କବିତା ପାଠୋତ୍ସବରେ ଭାଗନେଇ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ହର୍ମୁଜ ପ୍ରଣାଳୀ...

ପାଇଁ ଅଭୂତପୂର୍ବ, ଯାହା ବହୁମୁଖୀ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହି ଯୁଦ୍ଧ ଅର୍ଥନୈତିକ, ଜାତୀୟ ସୁରକ୍ଷା-ସମ୍ବନ୍ଧୀୟ ଓ ମାନବୀୟ ଭଳି ଅପ୍ରତ୍ୟାଶିତ ଚ୍ୟାଲେଞ୍ଜ ସୃଷ୍ଟି କରିଛି। କୋଭିଡ୍-୧୯ ମହାମାରୀ ଓ ବର୍ତ୍ତମାନର ଭୂରାଜନୈତିକ ପରିସ୍ଥିତି ମଧ୍ୟରେ ତୁଳନା କରି ପ୍ରଧାନମନ୍ତ୍ରୀ କହିଛନ୍ତି, କଳାବଜାରୀ ଓ ମହଜୁଦକାରୀଙ୍କ ଭଳି ଉପାଦାନଗୁଡ଼ିକ ଏପରି ସଙ୍କଟରୁ ଫାଇଦା ନେବାକୁ ଚେଷ୍ଟା କରନ୍ତି। ତେଣୁ ଏଥିପ୍ରତି ସତର୍କ ରହିବାକୁ ପଡ଼ିବ। ସମସ୍ତ ରାଜନୈତିକ ଦଳ ଓ ସରକାର ଏକତା ରଖିବାକୁ ମୋଦୀ ଅନୁରୋଧ କରିଛନ୍ତି। ରାଜ୍ୟ ସରକାରମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇ ମୋଦୀ କହିଛନ୍ତି ଯେ, ଏପରି ସଙ୍କଟ ସମୟରେ ମହଜୁଦକାରୀଙ୍କ ଭଳି ଉପାଦାନ ସକ୍ରିୟ ହୋଇପଡ଼ନ୍ତି ଏବଂ ଏହି ବିପଦର ମୁକାବିଲା ପାଇଁ କଠୋର ତଦାରଖ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ଯୁଦ୍ଧ ଯୋଗୁ ଜଟିଳ ବିଶ୍ୱ ପରିସ୍ଥିତି ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରହିପାରେ। ଆମକୁ ଧୈର୍ଯ୍ୟର ସହ ସବୁ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିବ। କରୋନାଭାଇରସ୍ ମହାମାରୀ ସମୟରେ ଏକତା ରଖି ଆମେ ପୂର୍ବରୁ ମଧ ଏପରି ଚ୍ୟାଲେଞ୍ଜର ମୁକାବିଲା କରିଛୁ। ମୋଦୀ କହିଛନ୍ତି, କିଛି ଲୋକ ପରିସ୍ଥିତିର ଫାଇଦା ଉଠାଇବା ପାଇଁ ଗୁଜବ ପ୍ରସାର କରିବାକୁ ଚେଷ୍ଟା କରିବେ। ଆମେ ଏପରି ଲୋକଙ୍କୁ ସଫଳ ହେବାକୁ ଦେବାନାହିଁ। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ, ଯୁଦ୍ଧର ଅନ୍ୟ ଏକ ପ୍ରମୁଖ ଚ୍ୟାଲେଞ୍ଜ ହେଉଛି ଦେଶରେ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇସାରିଛି। ଆଗାମୀ ଦିନରେ ତାପମାତ୍ରା ବଢ଼ିବ। ବିଦ୍ୟୁତ୍ ପାଇଁ ଦାବି ମଧ ବଢ଼ିବ। ଯୁଦ୍ଧପ୍ରବଣ ଅଞ୍ଚଳରେ ଥିବା ନାଗରିକଙ୍କ ସଂକ୍ରାନ୍ତରେ ସୂଚନା ଦେଇ ମୋଦୀ କହିଛନ୍ତି, ଯୁଦ୍ଧ ଆରମ୍ଭ ହେବା ପରଠାରୁ ୩୭୫,୦୦୦ରୁ ଅଧିକ ଭାରତୀୟ ସୁରକ୍ଷିତ ଭାବେ ଉପସାଗରୀୟ ରାଷ୍ଟ୍ରରୁ ଫେରିଲେଣି। କେବଳ ଇରାନରୁ ପାଖାପାଖି ୧ ହଜାର ଭାରତୀୟ ଫେରିଛନ୍ତି। ଭାରତୀୟଙ୍କ ସୁରକ୍ଷାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ସଂଘର୍ଷ ସମୟରେ କିଛି ଭାରତୀୟଙ୍କର ମୃତ୍ୟୁ ହୋଇଥିବା ଓ ଆହତମାନଙ୍କୁ ଚିକିତ୍ସା କରାଯାଉଥିବା ସେ କହିଛନ୍ତି। ମୋଦୀ ମଧ ପ୍ରମୁଖ ଅନ୍ତର୍ଜାତୀୟ ଜଳପଥରେ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣକୁ ନିନ୍ଦା କରିଛନ୍ତି। ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ଓ ହର୍ମୁଜ ପ୍ରଣାଳୀ ଭଳି ମାର୍ଗରେ ବାଧା ଗ୍ରହଣୀୟ ନୁହେଁ। କୂଟନୈତିକ ପ୍ରୟାସ ମାଧ୍ୟମରେ, ଭାରତ ଏହି ଅସ୍ଥିର ପରିବେଶରେ ମଧ ଏହାର ଜାହାଜଗୁଡ଼ିକର ସୁରକ୍ଷିତ ପଥ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟ କରୁଛି। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଅଶୋଧିତ ତୈଳ, ଗ୍ୟାସ, ସାର ଓ ଅନ୍ୟାନ୍ୟ ଅନେକ ଶକ୍ତି ଉତ୍ସର ଏକ ବଡ଼ ଅଂଶ ହର୍ମୁଜ ପ୍ରଣାଳୀ ଦେଇ ଆସେ। ଏହି ରାସ୍ତା ଅବରୋଧ ସତ୍ତ୍ୱେ, ଆମେ ଆମର ଆବଶ୍ୟକତା ପୂରଣ କରିବା ସୁନିଶ୍ଚିତ କରୁଛୁ। ଭାରତ ଏହାର ଆବଶ୍ୟକତାର ପ୍ରାୟ ୬୦ ପ୍ରତିଶତ ଏଲପିଜି ଆମଦାନୀ କରୁଛି। ମଧ୍ୟପ୍ରାଚ୍ୟ ସଙ୍କଟର ସମାଧାନ ପାଇଁ କଥାବାର୍ତ୍ତା ଓ କୂଟନୈତିକ ଆଲୋଚନା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

## ଗ୍ରୀଷ୍ମ ପ୍ରବାହ...

୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାର୍ଯ୍ୟରେ ନ ଲଗାଇବାକୁ ବିଧିବଦ୍ଧ ବ୍ୟବସ୍ଥା ଗ୍ରହଣ କରିବା ଏବଂ ଆବଶ୍ୟକ ସ୍ଥଳେ କାର୍ଯ୍ୟନିର୍ଘଣ୍ଟର ସମୟ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି କାର୍ଯ୍ୟ ଜରୁରୀ ବୋଲି ମନେହୁଏ କିମ୍ବା ଅତ୍ୟାବଶ୍ୟକୀୟ ସେବା ସହ ଜଡ଼ିତ ଯେଉଁଥିରେ କି ଶ୍ରମିକମାନଙ୍କୁ ଉପରୋକ୍ତ ସମୟ ପାଇଁ ବିଶ୍ରାମ ଦିଆଯାଇପାରିବ ନାହିଁ, ତେବେ ଉପରୋକ୍ତ ନିଯୁକ୍ତିଦାତାମାନେ ଶ୍ରମିକମାନଙ୍କୁ ସମ୍ଭାବ୍ୟ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା କରିବା ପାଇଁ ସତର୍କମୂଳକ ପଦକ୍ଷେପ ଗ୍ରହଣ କରିବେ। ଏଥିରେ ବିଶେଷ କରି ଶୀତଳ ପାନୀୟ ଜଳର ସୁବ୍ୟବସ୍ଥା, ଛାୟା ପ୍ରଦାନ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତରୀ ଚିକିତ୍ସାର ବ୍ୟବସ୍ଥା ଏବଂ ପ୍ରତ୍ୟେକ ଶ୍ରମିକଙ୍କ ପାଇଁ ଓଆରଏସ ପ୍ୟାକେଟର ବ୍ୟବସ୍ଥା କରିବା ବାଧ୍ୟତାମୂଳକ। ଉପରୋକ୍ତ ପରିପ୍ରେକ୍ଷୀରେ ଜିଲ୍ଲାର ଚିକିତ୍ସାଧିକାରୀ (ସି.ଡ଼ି.ଏମ.ଓ.), ଉପମଣ୍ଡଳ ଚିକିତ୍ସାଧିକାରୀ (ଏସ.ଡ଼ି.ଏମ.ଓ.), ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପି.ଏଚ.ସି.), କମ୍ୟୁନିଟି ହେଲଥ ସେଣ୍ଟର (ସି.ଏଚ.ସି.) ଚିକିତ୍ସାଳୟ ଗୁଡ଼ିକର ଚିକିତ୍ସାଧିକାରୀ ତଥା କର୍ମଚାରୀ ରାଜ୍ୟ ବୀମା ଯୋଜନା ଅଧୀନରେ ଥିବା ଚିକିତ୍ସାଳୟମାନଙ୍କର ଚିକିତ୍ସାଧିକାରୀମାନଙ୍କୁ ପ୍ରଚଣ୍ଡ ରୌଦ୍ରତାପ ଜନିତ ପରିସ୍ଥିତିର ସମ୍ଭାବ୍ୟ ମୁକାବିଲା ସହ ରୋଗୀମାନଙ୍କର ତତ୍ ସମ୍ବନ୍ଧୀୟ ରୋଗର ଚିକିତ୍ସା ପାଇଁ ସତର୍କ ରହିବାକୁ ଅନୁରୋଧ କରାଯାଉଛି।

## ୫ ଦିନ...

ଯାହା ପରବର୍ତ୍ତୀ ବୈଠକ ଆଲୋଚନାର ସଫଳତା ଉପରେ ନିର୍ଭର କରେ। ଟ୍ରମ୍ପଙ୍କ ଯୁଦ୍ଧ ସ୍ଥଗିତ ରଖିବା ବୟାନ ପରେ ଅଶୋଧିତ ତୈଳ ବଜାର ଉପରେ ଏକ ବଡ ପରିବର୍ତ୍ତନ ଦେଖିବାକୁ ମିଳିଛି। ୧୧ପ୍ରତିଶତ ତୈଳ ହ୍ରାସ ପାଇଲା ଅଶୋଧିତ ତୈଳ। କିନ୍ତୁ ତେହେରାନ ପକ୍ଷରୁ କୌଣସି ସର୍ତ୍ତ ଗ୍ରହଣ କରାଯାଇଥିବାର କୌଣସି ସୂଚନା ମିଳିନାହିଁ, କିମ୍ବା ପ୍ରକୃତରେ ଆନୁଷ୍ଠାନିକ ଆଲୋଚନା ଚାଲିଛି କି ନାହିଁ ତାହାର କୌଣସି ନିଶ୍ଚିତକରଣ ମିଳିନାହିଁ।

## ଦିନକ ପରେ...

ସଜେଇକି ରଖାଯିବ, ଯେପରି ଆଗାମୀ ୫୦ରୁ ୧୦୦ ବର୍ଷ ଯାଏଁ ଆଉ ଏହାକୁ ଚିହ୍ନଟରେ ଦ୍ୱନ୍ଦ୍ୱ ରହିବନି। ଯେହେତୁ ୧୯୭୮ ମସିହାରେ ହୀରା, ନୀଳା, ମୋତି ଓ ମାଣିକ୍ୟ ଭଳି ଅନେକ ଦୁର୍ମୂଲ୍ୟ ଅଳଙ୍କାରର ସଠିକ୍ ଚିହ୍ନଟ ହୋଇପାରିନଥିଲା ତେଣୁ ଏଥର ସେ ସମସ୍ୟା ଦୂର ଲାଗି ରତ୍ନ ବିଶାରଦଙ୍କୁ ସାମିଲ କରାଯାଇଛି। ଅଳଙ୍କାର ଗଣତି ସମୟରେ ଭକ୍ତଙ୍କ ଭାବାବେଗକୁ ସମ୍ମାନ ଦିଆଯିବା ସହ ଠାକୁରଙ୍କ ନୀତିକାନ୍ତିରେ ଯେପରି ବ୍ୟାଘାତ ନଘଟେ ସେଥିପ୍ରତି ମଧ ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ। ସେପଟେ ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି ସମୟ ପାଖେଇ ଆସୁଥିବାରୁ ଓ ପ୍ରଶିକ୍ଷଣ ସରିଥିବାରୁ ଉତ୍କଣ୍ଠାର ସହିତ ଚାହିଁ ବସିଛନ୍ତି କମିଟି ସଦସ୍ୟ ଓ ସେବାୟତ। ୧୯୭୮ ମସିହାରେ ଶେଷ ଥର ପାଇଁ ହୋଇଥିବା ଗଣତିରେ ୭୨ ଦିନ ଲାଗିଥିଲା। ସେତେବେଳର ଏକ ପୂର୍ଣ୍ଣାଙ୍ଗ ଅଳଙ୍କାର ତାଲିକା ମଧ ଶ୍ରୀମନ୍ଦିର ପ୍ରଶାସନ ପାଖରେ ରହିଛି। ଯେଉଁଥିରେ ଠାକୁରଙ୍କର ୭୪୭ ପ୍ରକାରର ରତ୍ନ ଅଳଙ୍କାର ଥିବା ସୂଚନା ରହିଛି। ଯେଉଁଥିରେ ୧୨ହଜାର ୮୩୮ ଭରି ସୁନା ଓ ୨୨ହଜାର ୧୫୩ ଭରି ରୁପା ଅଳଙ୍କାର ଥିବା ଦର୍ଶାଯାଇଛି। କେବଳ ଭିତର ଭଣ୍ଡାରରେ ୩୬୭ ପ୍ରକାରର ଅଳଙ୍କାର ରହିଛି। ତେଣୁ ଏଥର ସେ ପୁରୁଣା ତାଲିକା ସହ ୨୦୨୬ ମସିହାର ଟ୍ୟାଗ୍ ଲଗାଯାଇ ରଖାଯିବ। ସୁନା ଓ ହୀରା ଭଳି ଅଳଙ୍କାର ସବୁକୁ ହଳଦିଆ ଭେଲଭେଟ୍ କପଡ଼ା ଓ ରୁପା ଅଳଙ୍କାରକୁ ଧଳା ଏବଂ ଅନ୍ୟାନ୍ୟ ଅଳଙ୍କାରକୁ ନାଲି କପଡ଼ାରେ ଗୁଡ଼ାଯାଇ ଆଗେ ଟିଣ ବାକ୍ସରେ ଥୁଆ ହେବ। ପରେ ଟିଣ ବାକ୍ସଗୁଡ଼ିକୁ ବଡ଼ ବଡ଼ ସିନ୍ଦୁକରେ ରଖାଯାଇ ତାଲା ମରାଯିବ। ଅଳଙ୍କାର ଗଣତି ବେଳେ ଉପସ୍ଥିତ ରହି ସେଗୁଡ଼ିକୁ ଚିହ୍ନାଇବେ ନିଜେ ଭଣ୍ଡାର ମେକାପ। ଦୀର୍ଘ ୪୬ ବର୍ଷ ପରେ ମହାପ୍ରଭୁଙ୍କ ଅଳଙ୍କାର ଗଣତି-ମଣତି ହେଉଥିବାରୁ ଖୁସି ପ୍ରକାଶ କରିଛନ୍ତି ଜଗନ୍ନାଥ ପ୍ରେମୀ। ସେପଟେ ପୂରା ପ୍ରକ୍ରିୟାକୁ ସୁ-ବ୍ୟବସ୍ଥିତ କରିବାକୁ ସୋମବାର ରତ୍ନଭଣ୍ଡାର ଗଣତି ମଣତି ଶେଷ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ରତ୍ନଭଣ୍ଡାର ସ୍ୱତନ୍ତ୍ର ତଦାରଖ କମିଟି ଅଧକ୍ଷ, ପୁରୀ ଜିଲ୍ଲାପାଳ, ଏସ୍‌ପି, ଆରବିଆଇ ଅଧିକାରୀ, ସ୍ୱର୍ଣ୍ଣକାର ଓ ଭଣ୍ଡାର ମେକାପ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡିଶାରେ...

ଏପ୍ରିଲ ୧୬ରୁ ମେ' ୧୫ ଯାଏ ୩୦ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟ ଗୃହ ଗଣନା କରାଯିବ। ଗାଁରେ ଘର ଘର ବୁଲି ତଥ୍ୟ ସଂଗ୍ରହ କରିବେ ଜନଗଣନାକାରୀ। ପ୍ରାଥମିକ ଶିକ୍ଷକଙ୍କୁ ଗଣନାକାରୀ ଭାବେ ନିଯୁକ୍ତ କରାଯିବାର ଯୋଜନା ରହିଥିବାବେଳେ ହାଇସ୍କୁଲର ଶିକ୍ଷକମାନେ ସୁପରଭାଇଜର ଭାବରେ କାର୍ଯ୍ୟ କରିବେ। ଭାରତୀୟ ଜନଗଣନା ଇତିହାସରେ ଏଥର ହେଉଛି ପ୍ରଥମ ଡିଜିଟାଲ ଗଣନା। ଲକ୍ଷେରୁ ଅଧିକ କର୍ମଚାରୀ ସାମିଲ ହେବେ ବୋଲି ଜନଗଣନା ନିର୍ଦ୍ଦେଶକ କହିଛନ୍ତି।

## ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ...

ମାତ୍ରେ ବିରୋଧୀ ଦଳର ବିଧାୟକମାନେ ଏସସିବି ମେଡିକାଲ କଲେଜ ଅଗ୍ନିକାଣ୍ଡ ମାମଲାରେ ହଙ୍ଗାମା କରିବା ଆରମ୍ଭ କରି ଦେଇଥିଲେ। ସେମାନେ ଗୃହର ମଧ ଭାଗକୁ ଆସି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ନାରାବାଜୀ କରିଥିଲେ। ବାଚସ୍ପତି ହଙ୍ଗାମା ମଧ୍ୟରେ ପ୍ରଶ୍ନକାଳ ଜାରୀ ରଖିବା ସହ ବିରୋଧୀ ବିଧାୟକମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ନିବେଦନ କରିଥିଲେ। ହେଲେ ତାଙ୍କର ନିବେଦନର କୌଣସି ପ୍ରଭାବ ବିରୋଧୀ ବିଧାୟକମାନଙ୍କ ଉପରେ ପଡି ନ ଥିଲା। ତେଣୁ ବାଧ୍ୟ ହୋଇ ବାଚସ୍ପତି ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ। ଶୂନ୍ୟକାଳରେ ବି ଗୃହରେ ସମାନ ସ୍ଥିତି ଦେଖା ଦେଇଥିଲା। ବିରୋଧୀ ବିଧାୟକମାନେ ପୁଣି ହଙ୍ଗାମା ନାରାବାଜି ଆରମ୍ଭ କରିଦେଇଥିଲେ। ଗୃହ ମଧ ଭାଗରେ ବିରୋଧୀ ବିଜେଡ଼ି ଓ କଂଗ୍ରେସର ପ୍ରବଳ ନାରାବାଜି ଚାଲିବାରୁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ତେବେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଗୃହର ସୁପରିଚାଳନା ପାଇଁ ବିରୋଧୀଦଳ ସହଯୋଗ କରନ୍ତୁ ବୋଲି ନିବେଦନ କରିଥିଲେ ମଧ କୌଣସି ସୁଫଳ ନମିଳିବାରୁ ଗୃହକୁ ୧୨.୩୦ ଟା ଯାଏଁ ମୁଲତବୀ ଘୋଷଣା କରିବା ସହ ସର୍ବଦଳୀୟ ବୈଠକ ଡାକାଇ ଏଥିରେ ଯୋଗଦେବାକୁ ବିରୋଧିଦଳ ଉପନେତା, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଆଇନମନ୍ତ୍ରୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ, ବିରୋଧିଦଳ ମୁଖ୍ୟ ସଚେତକ, ସରକାରୀ ଦଳ ମୁଖ୍ୟ ସଚେତକ, କଂଗ୍ରେସ ବିଧାୟକ ଦଳ ନେତା, ସିପିଆଇଏମ୍ ବିଧାୟକ ଦଳ ନେତା ଲକ୍ଷଣ ମୁଣ୍ଡା, ବିଜେଡି ବିଧାୟକ ପ୍ରତାପ ଦେବ, ବିଜେପି ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖଙ୍କୁ ନିବେଦନ କରିଥିଲେ।

## ପୁଣିଥରେ ସାରା...

ଧାଡ଼ି ସୃଷ୍ଟି ହେଉଛି। ଭାରତ ଭଳି ଦେଶରେ ମୁଦ୍ରାସ୍ଫୀତି ଚାପ ଦ୍ରୁତ ଗତିରେ ବୃଦ୍ଧି ପାଉଛି, ଯେଉଁଠାରେ ଏହାର ୮୦ ପ୍ରତିଶତ ତେଲ ଏହି ମାର୍ଗ ଦେଇ ଆସେ। ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି (ଆଇଇଏ) 'ସେଲ୍ଟରିଂ ଫ୍ରମ ଅଏଲ ସକ୍' ନାମକ ଏକ ୧୦-ସୂତ୍ରୀ ଯୋଜନା ପ୍ରକାଶ କରିଛି, ଯାହା ଚାହିଦା ହ୍ରାସ କରିବା ଉପରେ ଧ୍ୟାନ ଦିଏ। ଏଥିରେ ଲାଇସେନ୍ସ ପ୍ଲେଟ୍-ଆଧାରିତ ଯାନବାହନର ଦିନ, ରାଜପଥ ଗତି ସୀମା, ବିମାନ ଯାତ୍ରା ହ୍ରାସ, ଘରୁ କାମ କରିବା ଏବଂ ବୈଦ୍ୟୁତିକ ଚୁଲା ବ୍ୟବହାର ଭଳି ପଦକ୍ଷେପ ଅନ୍ତର୍ଭୁକ୍ତ। ଏଜେନ୍ସି କହିଛି ଯେ କୋଭିଡ-୧୯ ପରି ଏହି ରଣନୀତିଗୁଡ଼ିକ ଶକ୍ତି ସଙ୍କଟର ସମାଧାନରେ ପ୍ରଭାବଶାଳୀ ପ୍ରମାଣିତ ହେବ। ହେଲେ ଏହାର ପ୍ରଭାବ ଲକ୍‌ଡାଉନ ପରି ହେବ। ଅଷ୍ଟ୍ରେଲିଆ ଭଳି ସରକାରଗୁଡ଼ିକ ଅଣ-ଅତ୍ୟାବଶ୍ୟକୀୟ ଯାତ୍ରା ଉପରେ କଟକଣା ଲଗାଉଛନ୍ତି, ଯାହା କୋଭିଡ-୧୯କୁ ମନେ ପକାଇଦେଉଛି। ଯଦି ସଙ୍କଟ ଦୀର୍ଘ ହୁଏ, ତେବେ ଏହା ଏକ ଡିଜିଟାଲ ପରମିଟ ସିଷ୍ଟମ ଆଡ଼କୁ ନେଇପାରେ, ଯେଉଁଠାରେ ଯାତ୍ରା ଏବଂ ବ୍ୟବହାର ନିୟନ୍ତ୍ରିତ ହେବ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଏହା ଶକ୍ତି ସୁରକ୍ଷାକୁ ପ୍ରୋତ୍ସାହିତ କରିବ, କିନ୍ତୁ ଜନସାଧାରଣଙ୍କ ସ୍ୱାଧୀନତାକୁ ପ୍ରଭାବିତ କରିବ। ଭାରତକୁ ବିକଳ୍ପ ଉତ୍ସ ଉପରେ ଧ୍ୟାନ ଦେଇ ଏହାର ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ।

## କୃଷି ବିକାଶରେ...

ଅତିକ୍ରମ କରିଛି। ଓଡ଼ିଶା ଆମେରିକା, ଫ୍ରାନ୍ସ, ବେଲଜିୟମ, ସ୍ୱିଡେନ, ପୋଲାଣ୍ଡ, ଆୟରଲାଣ୍ଡ, ଇଟାଲୀ, ଜର୍ମାନୀ, ୟୁଏଇ ଏବଂ କାତାର ସମେତ ୧୦ଟି ଦେଶକୁ ୧୫୫.୬ ମେଟ୍ରିକ୍ ଟନ୍ ଫଳ ଓ ପନିପରିବା ରପ୍ତାନୀ କରିଛି। ଉପମୁଖ୍ୟମନ୍ତ୍ରୀ କହିଥିଲେ ସମୃଦ୍ଧ କୃଷକ ଯୋଜନା, ପିଏମ୍ କିଷାନ, ସିଏମ୍ କିଷାନ, କୃଷି ବିଦ୍ୟାନିଧି ଯୋଜନା, ଶ୍ରୀଅନ୍ନ ଅଭିଯାନ ଆଦି ଯୋଜନାରେ ଚାଷୀମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉଛି। ସେହିପରି ରାଜ୍ୟ କ୍ୟାବିନେଟ୍ ଶୀତଳ ଭଣ୍ଡାରକୁ ଆର୍ଥିକ ସହାୟତା ଯୋଜନା ପ୍ରଣୟନ ନିମନ୍ତେ ପାଣ୍ଠି ବ୍ୟବସ୍ଥାକୁ ଅନୁମୋଦନ କରିଛନ୍ତି। ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ୧୦ ଜଣ ଉଦ୍ୟୋଗୀଙ୍କୁ ୮୩.୧୭ କୋଟି ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ବେଳେ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ୨୬-୨୭ ଆର୍ଥିକ ବର୍ଷରେ ୬୩ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଏହାଛଡା ଅମୃତ ଅନ୍ନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସରକା ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ଶ୍ରୀ ଜଗନ୍ନାଥ ମନ୍ଦିରରେ କୋଠଭୋଗ ଓ ମହାପ୍ରସାଦ ପ୍ରସ୍ତୁତି ପାଇଁ ବହୁ ପରିମାଣର ସୁଗନ୍ଧିତ ଜୈବିକ ଚାଉଳ ଚାଷ କରିବା ପାଇଁ ପଦକ୍ଷେପ ନିଆଯାଇଛି। କଟକ, ଖୋର୍ଦ୍ଧା ଓ ବରଗଡ, କୋରାପୁଟ ଜିଲ୍ଲାରେ ୧୭୪ ହେକ୍ଟର ସୁଗନ୍ଧିତ ଜୈବିକ ଧାନ ଚାଷ କରାଯାଇଥିବା ବେଳେ ବରଗଡ ଜିଲ୍ଲାରେ ୫୦ ହେକ୍ଟର ଜମିରେ ମୁଗ ଚାଷ କରାଯାଇଛି, ଯାହା କୋଠ ଭୋଗ ଓ ମହାପ୍ରସାଦ ପ୍ରସ୍ତୁତି ନିମନ୍ତେ ବ୍ୟବହାର କରାଯିବ। କୋରାପୁଟ ଜିଲ୍ଲାରେ ୩୬ ହେକ୍ଟର ଜମିରେ ଧାନ ଚାଷ କରାଯାଇଛି। ସେ କହିଥିଲେ ୩୦ ଜିଲ୍ଲାରେ ଏକ ମୋବାଇଲ୍ ଆପ୍ ମାଧ୍ୟମରେ ସଠିକ୍ ଓ ବାସ୍ତବ ସମୟ ତଥ୍ୟ ସଂଗ୍ରହ ପାଇଁ ଡିଜିଟାଲ ଫସଲ ସର୍ଭେ କରାଯାଉଛି। କୃଷକ ପଞ୍ଜିକରଣ ସମ୍ପର୍କରେ ସେ କହିଥିଲେ ୨୦୨୬ ଫେବୃଆରୀ ସୁଦ୍ଧା ୧୪୫୬୮୨୯ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଆଗ୍ରୀଷ୍ଟାକ୍‌ରେ ନେତୃତ୍ୱ ପାଇଁ ଭାରତ ସରକାର ରାଜ୍ୟକୁ ୧୫୫.୪୮ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ମଞ୍ଜୁର କରିଛନ୍ତି। ଆଳୁ ଚାଷକୁ ପ୍ରୋତ୍ସାହନ ବ୍ୟବସ୍ଥା କରାଯାଇଛି। ଆଳୁ ଉତ୍ପାଦନରେ ରାଜ୍ୟକୁ ସ୍ୱାବଲମ୍ବି କରିବା ପାଇଁ ୨୦୨୫-୨୬ ଖରିପରେ କୋରାପୁଟ, କନ୍ଧମାଳ, ରାୟଗଡା ଜିଲ୍ଲାରେ ୫୮ ହଜାର ୪୨୫ କ୍ୱିଣ୍ଟାଲ ପ୍ରମାଣିତ ବିହନ ଆଳୁ ଯୋଗାଇ ୩୮୯୫ ହେକ୍ଟର ଜମିରେ ଆଳୁ ଚାଷ କରାଯାଇଥିଲା। ଏ ବର୍ଷ ୧୮୨୯୫୫ କ୍ୱିଣ୍ଟାଲ ବିହନ ଆଳୁ ଯୋଗାଇ ଦିଆଯାଇ ୧୨୧୯୭ ହେକ୍ଟର ଜମିରେ ଆଳୁ ଚାଷ କରାଯାଇଛି। ଓଡ଼ିଶାରେ କୃଷି କ୍ଷେତ୍ରରେ ମହିଳାମାନଙ୍କୁ ସାମିଲ କରିବା ପାଇଁ ଯୋଜନା ବଦ୍ଧ ପଦକ୍ଷେପ ନିଆଯାଉଛି। ଏହି କାର୍ଯ୍ୟକ୍ରମ ଅଧୀନରେ ୫୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ସିଂହଦେଓ କହିଥିଲେ।

## ୫ ବର୍ଷରେ...

ବର୍ଷରେ ୧୨୩୭ ମାମଲା ରୁଜୁ କରି ୬୫୯ କୋଟି ୧୪ ଲକ୍ଷ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଜବତ କରିଛି ଭିଜିଲାନ୍ସ। ବିଧାନସଭାରେ ମୁଖ୍ୟମନ୍ତ୍ରୀ ଲିଖିତ ଉତ୍ତର ରଖିଛନ୍ତି।

# ବିଜେବି ଫ୍ରେଣ୍ଡସ୍‌ର ନିର୍ବାଚନ ଏବଂ ଶପଥପାଠ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଜେବି ମହାବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ନେଇ ଗଠିତ ବିଜେବି ଫ୍ରେଣ୍ଡସ୍‌ର ନିର୍ବାଚନ (୨୦୨୬-୨୦୨୮) ରବିବାର ଅନୁଷ୍ଠିତ ହୋଇଥିବା ବେଳେ ଶପଥ ପାଠ ଉତ୍ସବ ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ରୀତା ଦାସଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଜେବି ଫ୍ରେଣ୍ଡସ୍‌ର କର୍ମକର୍ତ୍ତା ସର୍ବଶ୍ରୀ କାର୍ଯ୍ୟକାରୀ ସଭାପତି ବିଶ୍ୱପ୍ରକାଶ ପଟ୍ଟନାୟକ, ସାଧାରଣ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ, କୋଷାଧ୍ୟକ୍ଷ ମିହିର କାନ୍ତ ପ୍ରହରାଜଙ୍କ ସହିତ ୧୨ ଜଣ ବିଶ୍ୱରଞ୍ଜନ ସାହୁ, ଅରବିନ୍ଦ ପ୍ରସାଦ ବଳ, ଦିଲ୍ଲୀପ କୁମାର ସେନାପତି, ତିରୁପତି ପ୍ରସାଦ ପଣ୍ଡା, ଅମର ମହାପାତ୍ର, ସୁଚିତ୍ରା ସାହୁ, ବିଶ୍ୱ ବିଜୟ ବକ୍ସି ଆଚାର୍ଯ୍ୟ, କଳ୍ପତରୁ ଓଝା, ପ୍ରଦୀପ କୁମାର ସାମଲ, ସ୍ମରିତା ସାମନ୍ତରାୟ, ମଳୟ କେତନ ଜେନା ଏବଂ ଦୟାନନ୍ଦ ରଥ କାର୍ଯ୍ୟକାରୀ କମିଟି ସଭ୍ୟ ଭାବରେ ନିର୍ବାଚିତ ହୋଇଛନ୍ତି। ସର୍ବସମ୍ମତି କ୍ରମେ ମହାବିଦ୍ୟାଳୟର ଉନ୍ନତି ମୂଳକ କାର୍ଯ୍ୟ କରିବା ପାଇଁ ଏହି କର୍ମକର୍ତ୍ତାମାନେ ଶପଥ ନେବା ସହିତ କମିଟିର ସଭ୍ୟ ସଂଖ୍ୟା ବୃଦ୍ଧି ପାଇଁ ମଧ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ପ୍ରଶଂସନୀୟ କାର୍ଯ୍ୟ ପାଇଁ ଦୁଇଜଣ ରେଳ କର୍ମଚାରୀ ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା ସମ୍ମାନିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୁରକ୍ଷିତ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବାରେ ଅସାଧାରଣ ସତର୍କତା ଏବଂ ସମର୍ପଣ ପାଇଁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଦୁଇ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି। ପୁରସ୍କାରପ୍ରାପ୍ତ କର୍ମଚାରୀମାନେ ହେଉଛନ୍ତି ସମ୍ବଲପୁର ଡିଭିଜନ ଅନ୍ତର୍ଗତ ଲୋଇସିଂହାରେ କାର୍ଯ୍ୟରତ ଶ୍ରୀନିବାସ ଭୋଇ, ଟ୍ରାକ ମେଣ୍ଟେନର-II ଏବଂ ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ପୁରୀରେ କାର୍ଯ୍ୟରତ ଧୀରେନ୍ଦ୍ର କୁମାର ଜେନା, ଲୋକୋ ପାଇଲଟ୍ (ଯାତ୍ରୀ), ସେମାନଙ୍କର ନିୟମିତ କର୍ତ୍ତବ୍ୟ ସମ୍ପାଦନ ସମୟରେ ଅସାଧାରଣ ସତର୍କତା ପ୍ରଦର୍ଶନ କରିଛନ୍ତି ଏବଂ ଉପସ୍ଥିତି ବୁଦ୍ଧିର ପ୍ରଦର୍ଶନ କରି ଦ୍ରୁତ ଏବଂ ପ୍ରଭାବଶାଳୀ ପଦକ୍ଷେପ ନେଇଛନ୍ତି ଯାହା ଟ୍ରେନଗୁଡ଼ିକର ନିରାପଦ ଏବଂ ସୁଗମ ପରିଚାଳନା ସୁନିଶ୍ଚିତ କରିବାରେ ସହାୟକ ହେଇଛି। ଶ୍ରୀନିବାସ ଭୋଇ ଲୋଇସିଂହା ଏବଂ ବଲାଙ୍ଗୀର ମଧ୍ୟରେ କିମ୍ୟାନ୍ ଡ୍ୟୁଟି କରୁଥିବା ସମୟରେ, ଏକ ଅତିକ୍ରମ କରୁଥିବା ଟ୍ରେନର ଚକରେ ଏକ ଲକ୍ ଆକ୍ସଲ୍ ଏବଂ ଗମ୍ଭୀର ଚକ ତ୍ରୁଟି ଚିହ୍ନଟ କରିଥିଲେ, ଯାହା ଫଳରେ ଏକ ସମ୍ଭାବ୍ୟ ବଡ଼ ଦୁର୍ଘଟଣାକୁ ରୋକାଯାଇପାରିଲା। ସେହିପରି ପୁରୀରୁ ଖୋର୍ଦ୍ଧା ରୋଡକୁ ଏକ ମେମୁ ଟ୍ରେନ ଚଲାଉଥିବା ସମୟରେ, ଧୀରେନ୍ଦ୍ର କୁମାର ଜେନା ମାଳତୀପାଟପୁର ଏବଂ ସାକ୍ଷୀଗୋପାଳ ମଧ୍ୟରେ ଟ୍ରାକ ବକିଂ ହେଉଥିବା ଲକ୍ଷ୍ୟ କରିଥିଲେ। ସର୍ବାଧିକ ସତର୍କତା ପ୍ରଦର୍ଶନ କରି, ସେ ତୁରନ୍ତ ଟ୍ରେନକୁ ଅଟକାଇ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜଣାଇଥିଲେ। ପରବର୍ତ୍ତୀ ସମୟରେ ଟ୍ରାକଟି ମରାମତି କରାଯାଇଥିଲା, ଯାହା ଫଳରେ ଟ୍ରେନ ସେବା ସୁରକ୍ଷିତ ଭାବରେ ପୁନଃଆରମ୍ଭ ହୋଇଥିଲା। ସେମାନଙ୍କର ଦ୍ରୁତ ପ୍ରତିକ୍ରିୟା ଏବଂ ବୃତ୍ତିଗତ ପ୍ରତିବଦ୍ଧତା ରେଳବାଇ କାର୍ଯ୍ୟର ସୁରକ୍ଷା ଏବଂ ନିର୍ଭରଯୋଗ୍ୟତା ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଉକ୍ତ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସମୟରେ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ କର୍ମଚାରୀ ମାନଙ୍କର ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ସୁରକ୍ଷିତ ଏବଂ ନିରବଚ୍ଛିନ୍ନ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା ପାଇଁ କର୍ମଚାରୀମାନଙ୍କର ସତର୍କତା ଏବଂ ସମୟୋଚିତ ପଦକ୍ଷେପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପୂର୍ବତଟ ରେଳପଥ ସୁରକ୍ଷା ଏବଂ କାର୍ଯ୍ୟ ଦକ୍ଷତାର ଉତ୍କର୍ଷତା ଏବଂ ଜନସାଧାରଣଙ୍କ ସେବାରେ ରେଳ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ।

# ଥୋରିଆପଡ଼ା ନିଶା ଏ ନୁର୍ କମିଟି ପକ୍ଷରୁ ଇଦ୍ ମିଳନ କାର୍ଯ୍ୟକ୍ରମ




**କଟକ, ନ୍ୟୁଜ ବ୍ୟୁରୋ**

କଟକ ସଦର ଅନ୍ତର୍ଗତ ସୋମପୁର ପଞ୍ଚାୟତ ଥୋରିଆପଡାର ଅଗ୍ରଣୀ ନିଶା ଏ ନୁର କମିଟି ପକ୍ଷରୁ ଇଦ୍‌ଉଲ୍ ଫିତର୍ ପର୍ବ ଉପଲକ୍ଷେ ଇଦ୍ ମିଳନ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ସଦରର ଜଣାଶୁଣା ବିଜେଡ଼ି ସଂଗଠକ ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିଳାସ ମଲ୍ଲିକ, ବରିଷ୍ଠ ସାମ୍ବାଦିକ ବିଷ୍ଣୁ ଚରଣ ବେହେରା, ଯୁବ ନେତା ଅଭୟ କୁମାର ସାହୁ, ସମାଜସେବୀ ସକିଲ ଅହମ୍ମଦ ପ୍ରମୁଖ ଯୋଗଦେଇ ହିନ୍ଦୁ ମୁସଲମାନ ମାନଙ୍କର ଏହି ଭାଇଚାରାର ଇଦ୍ ମିଳନ କାର୍ଯ୍ୟକ୍ରମକୁ ଭୁୟସି ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଉକ୍ତ କମିଟିକୁ ସବୁପ୍ରକାର ସହଯୋଗ କରାଯିବ ବୋଲି ମୁଖ୍ୟ ଅତିଥି ବିଳାସ ମଲ୍ଲିକ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସାମ୍ବାଦିକ ସାଜିଦ୍ ଅଲ୍ଲି, ଦେବେନ୍ଦ୍ର ସେଠୀ, ଜୁଲଫୁକର ଅଲ୍ଲୀ, ରଶ୍ମି ରଞ୍ଜନ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କୃତି ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିରେ ହୁମେରା ସାହ୍ୱୋ ଓ ଶେଖ୍ ମୋଜଫର ସଭା ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ସାମ୍ବାଦିକ ସରାଫତ ଅଲ୍ଲୀ ଓ ଶେଖ୍ ଜଫିରଙ୍କ ସମେତ କମିଟିର ସଭାପତି ସଦାକତ୍ ଅଲ୍ଲୀ, ସଂପାଦକ ମହମ୍ମଦ ରସିଦ୍, ଶେଖ୍ ଅରଫାକ, ଅଖ୍ୱା ଗୁଲନାଜ୍, ଗଜାଲା ଫିର୍ଦ୍ଦୋସ, ନୁସରତ ଫିର୍ଦ୍ଦୋସ, ଅଫ୍ରିନ୍ ନାଜ, ରୁକ୍ସାର ଖାତୁନ, ସାହେଦା ପର୍ବିନ୍, ଶେଖ୍ ଅଲମସ୍, ଶେଖ୍ ଅରମାନ, ମହମ୍ମଦ ସାକ୍ବି, ମହମ୍ମଦ ଜୁନେଦ, ରବୋୟା ଖାତୁନ, ଆୟତ ଫିର୍ଦ୍ଦୋସ , ଅମାୟାରା ଫିରଦୋସ ପ୍ରମୁଖ ସହାୟତା କରିଥିଲେ। ଶେଷରେ ଭୁବନେଶ୍ୱରର ବିଶିଷ୍ଟ ମ୍ୟାଜିସିଆନ ପ୍ରସନ୍ନ କୁମାରଙ୍କ ମ୍ୟାଜିକ ସୋ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ଏଥିରେ ହିନ୍ଦୁ ଓ ମୁସଲମାନ ଲୋକଙ୍କର ଖଚାଖଚ ଭିଡ ପରିଲକ୍ଷିତ ହୋଇଥିଲା।

# ପୁରୀ ନିଗମ ନିମନ୍ତେ ୱାର୍ଡ ସଂରକ୍ଷଣ ବିଜ୍ଞପ୍ତି

**ପୁରୀ, ନ୍ୟୁଜ ବ୍ୟୁରୋ**

ଶ୍ରୀକ୍ଷେତ୍ର ପୁରୀକୁ ପୌର ନିଗମ ଘୋଷଣା ହେବା ପରେ ପୌରନିଗମ ନିର୍ଦ୍ଦେଶାଳୟ ପକ୍ଷରୁ ଏହାର ୱାର୍ଡ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ୧୦ ଦିନ ମଧ୍ୟରେ ଏନେଇ ଆପତ୍ତି ଓ ପ୍ରସ୍ତାବ ଦାଖଲ କରିବାକୁ ଜନସାଧାରଣଙ୍କୁ କୁହାଯାଇଛି। ପୁରୀ ପୌର ପରିଷଦର ୩୨ଟି ୱାର୍ଡ ଥିଲା। ବର୍ତ୍ତମାନପୌର ନିଗମ ଘୋଷିତ ହେବା ପରେ ଏହି ସଂଖ୍ୟା ୩୯ଟି ୱାର୍ଡକୁ ବୃଦ୍ଧିପାଇଛି। ଏହା ମଧ୍ୟରୁ ୧୭ଟି ୱାର୍ଡ ମହିଳାଙ୍କ ନିମନ୍ତେ ୨ଟି ଅନୁସୂଚିତ ଜାତି ମହିଳାଙ୍କ ନିମନ୍ତେ ଗୋଟିଏ ଅନୁସୂଚିତ ଜାତି ଓ ଗୋଟିଏ ୱାର୍ଡ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରଖିବାକୁ ଯୋଜନା କରାଯାଇଛି। ଆଜି ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ୯ନଂ ୱାର୍ଡ ଓ ୩୩ ନଂ ୱାର୍ଡ ଅନୁସୂଚିତ ଜାତି (ମହିଳା)ଙ୍କ ନିମନ୍ତେ ସଂରକ୍ଷିତ ରଖାଯାଇଛି। ୮ ନମ୍ବର ୱାର୍ଡ ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ରହିଥିବା ବେଳେ ୩୪ ନମ୍ବର ୱାର୍ଡ ଅନୁସୂଚିତ ଜନଜାତି (ମହିଳା)ଙ୍କ ପାଇଁ ସଂରକ୍ଷିତ ରହିଛି। ୱାର୍ଡ ନଂ ୩୮, ୧୨, ୩୨, ୩୫, ୧୪, ୩୬, ୧୦, ୩୭, ୩୦, ୨୯, ୩୧, ୧୮, ୨୩, ୨୧, ୫, ୪ ଓ ୩ ନଂ ୱାର୍ଡ ମହିଳାଙ୍କ ନିମନ୍ତେ ସଂରକ୍ଷିତ ରହିଛି।

# ଏଲପିଜି ସଙ୍କଟ ଦୂର ପାଇଁ କମିବ ପରିମାଣ

**ନୂଆଦିଲ୍ଲୀ :**

ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ଦେଶରେ ଦେଖାଦେଇଥିବା ଏଲପିଜି ସଙ୍କଟ ଦୂର କରିବାକୁ ତୈଳ କମ୍ପାନିଗୁଡ଼ିକ ବିଭିନ୍ନ ଯୋଜନା ଉପରେ ବିଚାର କରୁଛନ୍ତି। ସେଥିରୁ ଗୋଟିଏ ହେଉଛି ୧୪.୨ କେଜିଆ ସିଲିଣ୍ଡରରେ ଦିଆଯାଉଥିବା ଗ୍ୟାସ୍ ପରିମାଣ କମ୍ କରିବା। ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସିଲିଣ୍ଡର ପିଛା ଦିଆଯାଉଥିବା ଗ୍ୟାସକୁ ୧୦ କେଜିକୁ ହ୍ରାସ କରିବା ଉପରେ ବିଚାରବିମର୍ଶ ଚାଲିଛି। ଏହା ଜରିଆରେ ସରକାର ଗଚ୍ଛିତ ଥିବା ଗ୍ୟାସକୁ ଅଧିକରୁ ଅଧିକ ପରିବାର ପାଖରେ ପହଞ୍ଚାଇବାକୁ ଚାହୁଁଛନ୍ତି। ଏବେ ପରିବାର ଗ୍ରାହକଙ୍କୁ ଦିଆଯାଉଥିବା ୧୪.୨ କେଜିଆ ସିଲିଣ୍ଡର ହାରାହାରି ଭାବେ ୩୫-୪୦ ଦିନର ଆବଶ୍ୟକତା ପୂରଣ କରୁଛି। ଅଧିକ ଥର ରୋଷେଇ ହେଉଥିବା ପରିବାରରେ କିନ୍ତୁ ତାହା କମ୍ ଦିନ ଯାଉଛି। ଗ୍ୟାସ୍ ପରିମାଣ ୧୦ କେଜିକୁ ହ୍ରାସ କରାଗଲେ ତାହା ମଧ ଅଧିକାଂଶ ପରିବାରର ଏକ ମାସର ଆବଶ୍ୟକତା ପୂରଣ କରିପାରିବ ବୋଲି ତୈଳ କମ୍ପାନିଗୁଡ଼ିକ ଭାବୁଛନ୍ତି। ଏହି ରଣନୀତି ଜରିଆରେ ସଙ୍କଟ ସମୟର ଅଭାବକୁ ତେଲ କମ୍ପାନିଗୁଡ଼ିକ ପୂରଣ କରିବାକୁ ଚାହୁଁଛନ୍ତି। ଯଦି ଏହାକୁ କାର୍ଯ୍ୟକାରୀ କରାଯିବ ତେବେ ସିଲିଣ୍ଡରରେ ପୂର୍ବରୁ ରହିଥିବା ଲେଖାଗୁଡ଼ିକୁ ଲିଭାଇବାକୁ ପଡ଼ିବ। ସେହି ଅନୁସାରେ ସିଲିଣ୍ଡର ଦାମ୍ ମଧ ହ୍ରାସ କରିବାକୁ ପଡ଼ିବ। ବଟଲିଂ କାରଖାନାରେ ମଧ ଆବଶ୍ୟକ ପରିବର୍ତ୍ତନ ହେବ। ଏହି ସମସ୍ତ ପ୍ରକ୍ରିୟା ନିୟାମକ ଅନୁମୋଦନ ବିନା ହୋଇପାରିବ ନାହିଁ। ଗ୍ୟାସ୍ ସଙ୍କଟ ଦେଖାଦେବା ପରେ ସରକାର ବାଣିଜ୍ୟିକ ଏଲପିଜି ଯୋଗାଣ ଉପରେ କଟକଣା ଲଗାଇଛନ୍ତି। ଏହାର ପ୍ରଭାବରେ ହୋଟେଲ୍, ରେଷ୍ଟୋରାଁ, କ୍ୟାଟରିଂ, କ୍ଲାଉଡ୍ କିଚେନ, ରାସ୍ତା କଡ଼ରେ ଜଳଖିଆ ବିକ୍ରି କରୁଥିବା ଦୋକାନଗୁଡ଼ିକ ପ୍ରଭାବିତ ହୋଇଛନ୍ତି। ଧୀରେ ଧୀରେ ବାଣିଜ୍ୟିକ ଏଲପିଜି ଯୋଗାଣରେ ବୃଦ୍ଧି କରାଯାଉଛି। କିନ୍ତୁ ସେଥିପାଇଁ କଡ଼ା ସର୍ତ୍ତ ରହିଛି। ବାଣିଜ୍ୟିକ ଏଲପିଜି ଯୋଗାଣ ବଢ଼ିବା ସହ ଗ୍ୟାସ୍ ଯୋଗାଣ ଉପରେ ଚାପ ବଢ଼ିଛି। ଏବେବି ସରକାର ଘରୋଇ ଗ୍ୟାସ୍ ଯୋଗାଣକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ଯୁଦ୍ଧ ଲାଗିରହିଲେ ଗ୍ୟାସ୍ ସ୍ଥିତି ଆଗାମୀ ଦିନରେ ଆହୁରି ଗମ୍ଭୀର ହେବା ଆଶଙ୍କା ରହିଛି।

**NOTICE FOR CANCELLATION OF TENDER** 32001/240/2526

OFFICE OF THE EXECUTIVE ENGINEER
PODAGADA DAM DIVISION, KHATIGUDA
UPPER INDRAVATI DAM CIRCLE, KHATIGUDA,
DIST.: NABARANGPUR, PIN-764085 Date:20.03.2026

It is hereby informed to the public and all concerned that the Tender invited vide e-Tender Call Notice No. EEPDD-07(02)/2025-26, Dated: 16.03.2026 for the work as follows has been cancelled;

1. IMPROVEMENT TO BITUMINOUS CONNECTING ROAD FROM KAPUR EARTH DAM TO LEFT DYKE-III THROUGH BARAGUDA VILLAGE U.I.D.C KHATIGUDA.
2. IMPROVEMENT OF THE BITUMINOUS INTERCONNECTED ROADS AT D/S AREA (RIGHT FLANK) OF INDRAVATI DAM & GARDEN PREMISES U.I.D.C KHATIGUDA.

Sd/- Executive Engineer
Podagada Dam Division, Khatiguda

OIPR-32001/32095/1/25-26/0002

ଉତ୍କଳ ଦୀପିକା

ଭୁବନେଶ୍ୱର, ୨୪ମାର୍ଚ୍ଚ, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଉପଭୋକ୍ତା ନ୍ୟାୟ ରିପୋର୍ଟ ୨୦୨୬ : ମାମଲା ସମାଧାନରେ ୧୬ତମ ସ୍ଥାନରେ ଓଡ଼ିଶା

**ହାଇଦ୍ରାବାଦ, ୨୩/୦୩**

ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟ ମାର୍ଚ୍ଚ ୨୦୨୬ରେ ଏହାର 'କଞ୍ଜ୍ୟୁମର ଜଷ୍ଟିସ୍ ରିପୋର୍ଟ ୨୦୨୬' ପ୍ରକାଶ କରିଛି । ଏହା ଭାରତର ତ୍ରିସ୍ତରୀୟ ଉପଭୋକ୍ତା ବା ଗ୍ରାହକ ବିବାଦ ସମାଧାନ ବ୍ୟବସ୍ଥାର ପ୍ରଥମ ବ୍ୟାପକ, ତଥ୍ୟ-ଆଧାରିତ ମୂଲ୍ୟାଙ୍କନ। ଯାହା ଗ୍ରାହକ ସୁରକ୍ଷା ଆଇନ, ୨୦୧୯ ଅନ୍ତର୍ଗତ ଜିଲ୍ଲା, ରାଜ୍ୟ ଏବଂ ଜାତୀୟ ଗ୍ରାହକ ବିବାଦ ସମାଧାନ କମିଶନ ଗୁଡ଼ିକୁ ସାମିଲ କରିଥାଏ। ତେବେ ଆଇଜେଆର ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁସାରେ, ୧୯ଟି ବଡ଼ ଏବଂ ମଧ୍ୟମ ଆକାରର ରାଜ୍ୟ (ପ୍ରତ୍ୟେକ କୋଟିରୁ ଅଧିକ ଜନସଂଖ୍ୟା ସହିତ) ମଧ୍ୟରେ ୨.୭୬ ସ୍କୋର ସହିତ ଓଡ଼ିଶା ୧୬ ତମ ସ୍ଥାନରେ ରହିଛି । ୨୩ଟି ଜିଲ୍ଲା କମିଶନର ତଥ୍ୟ ଦର୍ଶାଉଛି ଯେ, ୨୦୨୨ରୁ ମାର୍ଚ୍ଚ ୨୦୨୫ ମଧ୍ୟରେ ୨୯,୦୦୦ରୁ ଅଧିକ ମାମଲା ଗ୍ରହଣ କରାଯାଇଛି, ଯାହା ମଧ୍ୟରୁ ପ୍ରାୟ ୭୬% ସମାଧାନ କରାଯାଇଛି । ଏହାସହ ପ୍ରାୟ ଏକ-



ଚତୁର୍ଥାଂଶ ବିଚାରାଧୀନ ରହିଛି। ୨୦୨୨ରୁ ମାର୍ଚ୍ଚ ୨୦୨୫ ମଧ୍ୟରେ, ଓଡ଼ିଶାର ରାଜ୍ୟ ଉପଭୋକ୍ତା ବିବାଦ ସମାଧାନ କମିଶନ ୭୬୧ ମାମଲା ଲୋକ ଅଦାଲତକୁ ପଠାଇଥିଲେ । ଏହା ମଧ୍ୟରୁ ୨୯.୩% ଅର୍ଥାତ ୨୨୩ଟି ମାମଲାର ସମାଧାନ ହୋଇଛି। ୨୦୨୨ ମସିହାରେ ଗ୍ରାହକ ବିବାଦ ସମାଧାନ ପାଇଁ ଲୋକ ଅଦାଲତ ବ୍ୟବହାର ଉପରେ ଗ୍ରାହକ ବ୍ୟାପାର ମନ୍ତ୍ରଣାଳୟ ଗୁରୁତ୍ୱାରୋପ କରିବା ସତ୍ତ୍ୱେ, ୨୨ଟି ଏସ୍‌ସିଡିଆର୍‌ସିରୁ ମିଳିଥିବା ଆର୍‌ଟିଆଇ ତଥ୍ୟ ଦର୍ଶାଉଛି ଯେ, ରେଫର୍ ହୋଇଥିବା ମାମଲା ସଂଖ୍ୟାରେ ଏକ ବଡ଼ ହ୍ରାସ ଘଟିଛି । ୨୦୨୨ ମସିହାରେ ୧,୪୬୩ରୁ ୨୦୨୪ ମସିହାରେ ୪୪୬କୁ ହ୍ରାସ ପାଇଛି (୭୦% ହ୍ରାସ) । ଏହାସହ ୨୦୨୫ର ପ୍ରଥମ ତ୍ରୈମାସିକରେ ୮ଟି ଏସ୍‌ସିଡିଆର୍‌ସି ଦ୍ୱାରା କେବଳ ୭୮ଟି ମାମଲା ରେଫର୍ କରାଯାଇଥିଲା ଏବଂ ଓଡ଼ିଶା ସର୍ବାଧିକ ସଂଖ୍ୟକ ମାମଲା ରେଫର୍ କରିଥିଲା । ଏହା ମଧ୍ୟରୁ ଏକ ତୃତୀୟାଂଶରୁ କମ୍ ସମାଧାନ ହୋଇଥିଲା। ୨୦୨୦ରୁ ୨୦୨୪ ମଧ୍ୟରେ, ସମସ୍ତ ୩୫ଟି (ରାଜ୍ୟ ଓ କେନ୍ଦ୍ରଶାସିତ, ଲଦାଖ ବ୍ୟତୀତ) ଏବଂ ୬୮୫ ଜିଲ୍ଲା କମିଶନରେ ଦାଖଲ ହୋଇଥିବା ମୋଟ ୭.୬୪ ଲକ୍ଷ ମାମଲା ମଧ୍ୟରୁ ୮୮.୫% ସମାଧାନ କରାଯାଇଥିଲା । ସପ୍ତମ ସ୍ଥାନରେ ଥିବା ଓଡ଼ିଶା ବଡ଼ ଏବଂ ମଧ୍ୟମ ରାଜ୍ୟ ମଧ୍ୟରେ ୯୬.୭% ମାମଲା ସମାଧାନ ହାର ରିପୋର୍ଟ କରିଥିଲା। ରାଜ୍ୟ କମିଶନରେ ୨୨,୧୦୨ ମାମଲା ଦାୟର ହୋଇଥିଲା ଏବଂ ଏହି ପାଞ୍ଚ ବର୍ଷ ଅବଧିରେ ୨୧,୩୬୬ ମାମଲା ସମାଧାନ କରାଯାଇଛି ।

# ୧୦୦ କିଲୋ ଚକୋଲେଟ୍‌ରେ ରାଷ୍ଟ୍ରପତିଙ୍କ ପ୍ରତିମୂର୍ତ୍ତି

## ୧୫ ଦିନରେ ତିଆରି କଲେ ୧୫ ଡିପ୍ଲୋମା ଛାତ୍ରୀ

**କଟକ, ୨୩/୦୩**
**ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ବମିଖାଲ ସ୍ଥିତ ହୋଟେଲ ମ୍ୟାନେଜମେଣ୍ଟ ସଂସ୍ଥା କ୍ଲବ ଚକୋଲେଟ୍ କେବଳ ପଖାଳ ଦିବସ ପାଳନ ଉପରେ ଗୁରୁତ୍ୱ ଦେଇନି, ବରଂ ଏକ ନିଆରା ପ୍ରୟାସ ହାତକୁ ନେଇ ପ୍ରଶଂସା ସାଉଁଟିଛି । ଛତ୍ରୀମାନେ ଶହେ କିଲୋ ଓଜନ ଚକୋଲେଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଗଢ଼ିଛନ୍ତି । ଏଥିପାଇଁ ସେମାନଙ୍କୁ ୧୫ ଦିନ ସମୟ ଲାଗିଥିଲା। ସଂଗ୍ରାମ ରାଜଙ୍କ ତତ୍ତ୍ୱାବଧାନରେ କ୍ଲବ ଚକୋଲେଟ ପକ୍ଷରୁ ରାକେଶ କୁମାର ସାହୁ ଓ ୧୫ ଡିପ୍ଲୋମା ଛାତ୍ରୀ ଏହି ମୂର୍ତ୍ତି ନିର୍ମାଣରେ



ସାମିଲ ହୋଇଥିଲେ । ହାସ୍ୟ ଅଭିନେତା ଅରବିନ୍ଦ ଷଡ଼ଙ୍ଗୀ ଏଥିରେ ଯୋଗଦେଇ ସେମାନଙ୍କୁ ଉତ୍ସାହିତ କରିଥିଲେ ବୋଲି ସୂଚନା ମିଳିଛି।

# ପୁରୀ ମାଟିତଳେ ଗଙ୍ଗବଂଶ ସମୟର ପ୍ରାଚୀନ ନଗରୀ

## ଶ୍ରୀମନ୍ଦିରରୁ ସମୁଦ୍ର ଯାଏଁ ଅଛି ସୁଡ଼ଙ୍ଗ

**ଭୁବନେଶ୍ୱର, ୨୩/୦୩**
**ନ୍ୟୁଜ ବ୍ୟୁରୋ**

ପୁରୀ ମାଟିତଳେ ପ୍ରାଚୀନ ଐତିହ୍ୟ ନଗରୀ। ଶ୍ରୀମନ୍ଦିରରୁ ସମୁଦ୍ର ଯାଏଁ ଅଛି ସୁଡ଼ଙ୍ଗ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ବେଳେ ମାଟି ତଳୁ ଗଙ୍ଗବଂଶ ସମୟର ସିଂହମୂର୍ତ୍ତି ସହ ପ୍ରାଚୀନ କୀର୍ତ୍ତିରାଜି ଠାବ ହୋଇଛି। ଜିପିଆରଏସ୍ ରିପୋର୍ଟରେ ସାମ୍ନାକୁ ଆସିଲା ବିସ୍ଫୋରକ ତଥ୍ୟ। କେବଳ ଶ୍ରୀମନ୍ଦିର କଡ଼ କି ଶ୍ରୀମନ୍ଦିର ପ୍ରକଳ୍ପ ପରିସର ନୁହେଁ ସହର ସାରା ଐତିହ୍ୟ କିର୍ତ୍ତିରାଜିରେ ଭର୍ତ୍ତି।



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସ୍ତୁତି ବେଳେ ବିନା ଜିପିଆର୍ ସର୍ଭେରେ ଖୋଳାଖୋଳି ଚାଲିଥିଲା। ଏହି ସମୟରେ ଗଙ୍ଗବଂଶ ସମୟରେ କୀର୍ତ୍ତିରାଜିର ସନ୍ଧାନ ମିଳିଥିଲା। ଏମାର ମଠ ସହ ନୃସିଂହ ମନ୍ଦିର, ବୁଢ଼ୀ ମା' ମନ୍ଦିର ଏବଂ ଶ୍ରୀଜଗନ୍ନାଥ ମନ୍ଦିର ରାସ୍ତା ଅଞ୍ଚଳରେ ମୋଟ ୪୩ଟି ଐତିହ୍ୟ ଠାବ ହୋଇଥିଲା। ନିର୍ମାଣ ବେଳେ ମାଟି ତଳେ ୨୧.୬ ବର୍ଗମିଟର ପରିମିତ ଅଞ୍ଚଳର କୋଠା ଠାବ ହୋଇଥିଲା। ଏହା ସହ ଅନ୍ୟାନ୍ୟ ଧାତୁର ପାତ୍ର ସହ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ମିଳିଥିଲା। ଜେସିବି ଖୋଳିଲା ବେଳେ ମାଟି ତଳୁ ଦୁଇଟି ସିଂହମୂର୍ତ୍ତି ଭାଙ୍ଗି ଦେଇଥିଲା। ଏହାକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ଖନନ ବେଳେ ଯେତିକି ଲୋକଲୋଚନକୁ ଆସିଲା ସେତିକି ଖୋଳି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଯାଞ୍ଚ କରିଥିଲା। ଏଏସଆଇ ଦୁଇଟି ସିଂହମୂର୍ତ୍ତି, ୩୦ ଫୁଟ ଲମ୍ବ ଓ ୩ ଫୁଟ ଓସାରର ପ୍ରାଚୀରକୁ ଯାଞ୍ଚ କରିଥିଲା। ଏଥିସହିତ ୩ ମିଟର ଓସାର ଓ ୭.୬ ମିଟର ଲମ୍ବର ଏକ କଠୋରୀ ୨୦୨୨ ମସିହାରେ ଠାବ ହୋଇଥିଲା। ଏହି ଜାଗାରେ ସୁବର୍ଣ୍ଣ ମୂର୍ତ୍ତି ପୂଜା ପାଉଥିବା ଗବେଷକମାନେ ମତ ଦେଇଥିଲେ।

ବିନା ଜିପିଆର ସର୍ଭେ କରି ମନ୍ଦିର ଚତୁଃପାର୍ଶ୍ୱରେ ପରିକ୍ରମା ପ୍ରକଳ୍ପ ପାଇଁ ଯେଉଁ ଖୋଳାତଡ଼ା କରାଯାଇଥିଲା ସେଥିରେ ବହୁ କୀର୍ତ୍ତିରାଜି ନଷ୍ଟ ହୋଇଥିବା ଏବଂ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଫଳରେ ବାଧ୍ୟ ହୋଇ ଶ୍ରୀମନ୍ଦିର ପ୍ରଶାସନ ୪୦ ଲକ୍ଷ ଖର୍ଚ୍ଚ କରି ଓବିସିସି ଜରିଆରେ ଜିପିଆର୍ ସର୍ଭେ କରାଇଥିଲା। ଗାନ୍ଧୀନଗର ଆଇଆଇଟି ସର୍ଭେ କରି ରିପୋର୍ଟ ଦାଖଲ କରିଥିଲା। ସୁରକ୍ଷିତ ଖନନ କରି ଏସବୁକୁ ସୁରକ୍ଷିତ କରାଯାଇ ପାରେ ବୋଲି ଜିପିଆର୍ ସର୍ଭେ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନକୁ ଦେଇଥିଲା। ହେଲେ ଶ୍ରୀମନ୍ଦିର ପ୍ରଶାସନ କହୁଛି ଆମ ପାଖକୁ ରିପୋର୍ଟ ଆସିନି।

## ୟୁଜିସିର ନୂଆ ନିୟମ ଉପରେ ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟ

# କେନ୍ଦ୍ରକୁ ନୋଟିସ୍ : ୟୁଜିସି ମାଧ୍ୟମରେ ସମାଜକୁ ବାଣ୍ଟିବାକୁ ଚେଷ୍ଟା କରାଯାଉଛି କି ?

**ନୂଆଦିଲ୍ଲୀ, ୨୩/୦୩**

ୟୁଜିସିର ନୂଆ ନିୟମ ବିରୋଧରେ ଦାଖଲ ହୋଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ଶୁଣାଣି କରିଛନ୍ତି। ଏହି ମାମଲାରେ ସର୍ବୋଚ୍ଚ ନ୍ୟାୟଳୟ କେନ୍ଦ୍ର ସରକାର, ୟୁଜିସି ଓ ଅନ୍ୟ ସମ୍ପର୍କିତ ପକ୍ଷକୁ ନୋଟିସ୍ ଜାରି କରି ଜବାବ ମାଗିଛନ୍ତି। ଏହି ମାମଲାକୁ ସୁପ୍ରିମକୋର୍ଟ ମୂଳ ଆବେଦନ ସହିତ ଟ୍ୟାଗ୍ କରିଛନ୍ତି। ଆବେଦନ ଭାରତୀୟ କ୍ଷେତ୍ରୀୟ ମହାସଭାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଓ ପୂର୍ବତନ ସାଂସଦ କୁଁୱର ହରିବଂଶ ସିଂହଙ୍କ ଦ୍ୱାରା ଦାଖଲ କରାଯାଇଥିଲା। ଆବେଦନକାରୀ ୟୁଜିସି ଉପରେ ଅଭିଯୋଗ କରିଛନ୍ତି ଯେ, ଏହା ମାଧ୍ୟମରେ ସମାଜକୁ ବାଣ୍ଟିବାର ଚେଷ୍ଟା କରାଯାଉଛି। ଆବେଦନରେ କୁହାଯାଇଛି ଯେ,ଜାତିଗତ ଭେଦଭାବ କେବଳ ସଂରକ୍ଷିତ ବର୍ଗ ପର୍ଯ୍ୟନ୍ତ ସୀମିତ ହେବନି, ବଂର ଏହା ଯେ କୌଣସି ବର୍ଗ ସହିତ ହୋଇପାରେ।



ତେଣୁ ଏହାକୁ କିଛି ସମ୍ପ୍ରଦାୟ ପର୍ଯ୍ୟନ୍ତ ହିଁ ସୀମିତ କରି ହେବନି। ଏହା ପୂର୍ବରୁ ସୁପ୍ରିମକୋର୍ଟ ୨୯ ଜାନୁଆରୀରେ ୟୁଜିସି (ଉଚ୍ଚ ଶିକ୍ଷା ସଂସ୍ଥାନରେ ସମାନତାକୁ ପ୍ରୋତ୍ସାହନ ଦେବା) ଉପରେ ରୋକ ଲଗାଇ ଦେଇଥିଲେ। ତାଙ୍କୁ ୧୩ ଜାନୁଆରୀରେ ସୂଚିତ କରାଯାଇଥିଲା। କୋର୍ଟ ଏହାକୁ ପ୍ରାରମ୍ଭିକ ରୂପରେ ଅସ୍ପଷ୍ଟ ବୋଲି କହିଥିଲେ। ଏହା ସହ କହିଥିଲେ, ଏହାର ଖୁବ୍ ବ୍ୟାପକ ପରିଣାମ ହୋଇପାରେ। ଏହା ସମାଜକୁ ବାଣ୍ଟିବାର କାରଣ ହୋଇପାରେ। ଏହି ନିଷ୍ପତ୍ତି ପରେ ନିୟମ ବିରୋଧରେ ଦେଶରେ ବିରୋଧ ପ୍ରଦର୍ଶନ ହୋଇଥିଲା। ନିକଟରେ ଜୟପୁରରେ ରାଜପୁତ କରଣୀ ସେନା ୟୁଜିସିର ଏହି ନୂଆ ନିୟମାବଳୀ ବିରୋଧରେ ପ୍ରଦର୍ଶନ କରିଥିଲା। ଏହି ନିୟମକୁ ଫେରାଇ ନେବାର ଦାବି କରିଥିଲା। ସଂଗଠନର ଅଧ୍ୟକ୍ଷ ମହିପାଲ ସିଂହ ମକରାନା କହିଛନ୍ତି ସେ ଯୁବପୀଢ଼ିଙ୍କ ସହ କୌଣସି ପ୍ରକାର ଅନ୍ୟାୟ ହେବାକୁ ଦେବେନି। ଆବେଦନ ଗୁଡ଼ିକରେ ଆପତ୍ତି କରାଯାଇଛି ଯେ ଏହି ନିୟମରେ ଜାତିଭିତ୍ତିକ ବୈଷମ୍ୟ କେବଳ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ ସଦସ୍ୟଙ୍କ ପାଇଁ ସୀମିତ। ପ୍ରତିବାଦକାରୀମାନେ ଯୁକ୍ତି ଦେଇଛନ୍ତି ଯେ ଏହି ନିୟମ ଭେଦଭାବର ପରିଭାଷା ସୂଚାଉଛି, ଲାଗୁଛି ଯେପରି ଜାତିଭିତ୍ତିକ ବୈଷମ୍ୟ କେବଳ ସାଧାରଣ ବର୍ଗଙ୍କ ବିରୁଦ୍ଧରେ ଘଟେ। ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କୁ କୌଣସି ସଂସ୍ଥାଗତ ସୁରକ୍ଷା ଯୋଗାଇ ଦିଆଯାଇନାହିଁ କିମ୍ବା ସେମାନଙ୍କ ପାଇଁ କୌଣସି ଅଭିଯୋଗର ସମାଧାନ ବ୍ୟବସ୍ଥା ମଧ୍ୟ ନାହିଁ।

# ଅଷ୍ଟମ ଶ୍ରେଣୀ ଛାତ୍ରୀ ମୃତ ଘଟଣା : ପୂର୍ବତନ ଟିଉସନ ଶିକ୍ଷକ ହିଁ ହତ୍ୟାକାରୀ

**କରଞ୍ଜିଆ, ୨୩/୦୩ ନ୍ୟୁଜ ବ୍ୟୁର**

ଗତ ଦୁଇ ଦିନ ପୂର୍ବରୁ ଏକ ଲୋମ ହର୍ଷଣକାରୀ ଘଟଣା ସାମ୍ନାକୁ ଆସିଥିଲା । ଗୋଟିଏ ପ୍ଲାଷ୍ଟିକ ବସ୍ତାରେ ନିଖୋଜ ଥିବା ଅଷ୍ଟମ ଶ୍ରେଣୀ ଛାତ୍ରୀର ମୃତଦେହ ମିଳିବା ଘଟଣାରେ ଶେଷରେ କରଞ୍ଜିଆ ପୋଲିସକୁ ମିଳିଛି ବଡ ସଫଳତା। କରଞ୍ଜିଆ ବଣସାହିର ଅଷ୍ଟମ ଶ୍ରେଣୀ ଛାତ୍ରୀ ଗତ ୨୦ତାରିଖ ସନ୍ଧ୍ୟା ୭ଟା ସମୟରୁ ନିଖୋଜ ହେବା ନେଇ ବାପା କରଞ୍ଜିଆ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ତେବେ ୨୧ତାରିଖ ସକାଳୁ ଏକ ବସ୍ତାରେ ବଣସାହି ନିକଟସ୍ଥ ଏକ ବାଉଁଶ ବୁଦା ମୂଳରୁ ମୃତ୍ୟୁଦେହ ମିଳିଥିଲା। କରଞ୍ଜିଆ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାୟକ ଏବଂ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ଦିଗକୁ ଯାଞ୍ଚ କରିବା ପରେ ଏକତରଫା ପ୍ରେମରେ ବିଫଳ ହୋଇଥିବା ହତ୍ୟାକାରୀ ପୂର୍ବତନ ଟ୍ୟୁସନ ଶିକ୍ଷକ ବୋଲି ଜାଣିବାକୁ ପାଇଥିଲେ। ତେବେ ଗିରଫ ହୋଇଥିବା ଟ୍ୟୁଉସନ ଶିକ୍ଷକ ନିଜେ କିପରି ହତ୍ୟା କରି ଦୁଇଟି ପ୍ଲାଷ୍ଟିକ ବସ୍ତାରେ ପୁରାଇ ଏକ ସ୍କୁଟିରେ ଆଣି ଫିଙ୍ଗିଥିଲା ତା'ର ଲୋମ ହର୍ଷଣ କାରୀ ଘଟଣା ପୋଲିସ ପାଖରେ ନିଜେ ବଖାଣି ଥିବା ଥାନା ଅଧିକାରୀଙ୍କ ଠାରୁ ସୂଚନା ମିଳିଛି।

# ପୁରୀରେ ପ୍ରବଳ କୁହୁଡ଼ି ଲୁଚିଗଲା ବଡ଼ଦେଉଳ



**ପୁରୀ ୨୩।୦୩ ନ୍ୟୁଜ ବ୍ୟୁରୋ**

ପ୍ରବଳ କୁହୁଡ଼ି ଲାଗି ଲୁଚିଗଲା ଶ୍ରୀମନ୍ଦିର । ଘନକୁହୁଡ଼ି ଲାଗି ବଡ଼ଦାଣ୍ଡରେ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହୋଇଛି । ସୋମବାର ସକାଳୁ ସକାଳୁ ପୁରୀରେ ଦେଖିବାକୁ ମିଳିଥିଲା ଏମିତି କିଛି ଚିତ୍ର ।

ସୋମବାର ସକାଳୁ ଶ୍ରୀମନ୍ଦିରରେ ବଡ଼ଠାକୁରଙ୍କୁ ଦର୍ଶନ ଲାଗି ଭକ୍ତଙ୍କ ଭିଡ଼ ଲାଗିଥିଲା। ହଜାର ହଜାର ସଂଖ୍ୟାରେ ଭକ୍ତ କାଳିଆ ଠାକୁରଙ୍କୁ ଦର୍ଶନ ଲାଗି ଆସିଥିଲେ। ହେଲେ ଏହି ସମୟରେ ପୁରୀରେ ଦେଖିବାକୁ ମିଳିଛି ଏକ ଭିନ୍ନ ଚିତ୍ର। ଘନ କୁହୁଡ଼ିର ଆସ୍ତରଣରେ ଲୁଚିଯାଇଥିଲା ଜଗତର ନାଥ ଜଗନ୍ନାଥଙ୍କ ମନ୍ଦିର । ୧୦୦ ମିଟର ଦୂରରୁ ଶ୍ରୀମନ୍ଦିର ଦୃଶ୍ୟମାନ ହେଉନଥିଲା । ଅତି ନିକଟରୁ ଦେଖିଲେ ହିଁ ମନ୍ଦିରର ସ୍ପଷ୍ଟ ଚିତ୍ର ଆଖି ସାମ୍ନାକୁ ଆସୁଥିଲା। ଘନ କୁହୁଡ଼ି ଯୋଗୁଁ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ସୋମବାର ନୀଳଚକ୍ର ଦର୍ଶନ କରି ନପାରି ନିରାଶ ହୋଇଛନ୍ତି। ସେହିପରି ପ୍ରବଳ କୁହୁଡ଼ି ଯୋଗୁଁ ପୁରୀ ବଡ଼ଦାଣ୍ଡରେ ମଧ୍ୟ ଯାତାୟାତରେ ବାଧା ଉପୁଜିଥିବା ଦେଖିବାକୁ ମିଳିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୩/୦୩/୨୦୨୬
୪,୯୯,୨୫୪/- ଟଙ୍କା
ସୁନା:-୦୨ଗ୍ରାମ୍୦୦୦ ମିଲିଗ୍ରାମ
ରୂପା:-୬୨ଗ୍ରାମ୍୪୦୦ ମିଲିଗ୍ରାମ

## ହୋଟେଲ ଏବଂ ରେଷ୍ଟୁରାଣ୍ଟକୁ ଆରମ୍ଭ ହେଲା ଗ୍ୟାସ୍ ଯୋଗାଣ

# କଳାବଜାର ରୋକିବାକୁ ଚାଲିଛି ଚଢଉ

**ଭୁବନେଶ୍ୱର, ୨୩/୦୩ ନ୍ୟୁଜ ବ୍ୟୁରୋ**

ବିଚଳିତ ହୁଅନ୍ତୁ ନାହିଁ, ରାଜ୍ୟରେ ମହଜୁଦ ଅଛି ଆବଶ୍ୟକୀୟ ଗ୍ୟାସ୍। ଏନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସ୍ପଷ୍ଟୀକରଣ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ଏବେ ୧୪ ହଜାର ଘରୋଇ ଗ୍ୟାସ୍ ସିଲିଣ୍ଡର ମହଜୁଦ ଅଛି। କଳାବଜାର ରୋକିବାକୁ ବିଭିନ୍ନ ସ୍ଥାନରେ ଚଢଉ ହେଉଛି। ହୋଟେଲ ଏବଂ ରେଷ୍ଟୁରାଣ୍ଟକୁ ଗ୍ୟାସ୍ ଦେବାକୁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ସୋମବାର ଠାରୁ ହୋଟେଲ ଏବଂ ରେଷ୍ଟୁରାଣ୍ଟକୁ ଗ୍ୟାସ୍ ଯୋଗାଇ ଦିଆଯାଉଛି।

ମନ୍ତ୍ରୀ ପୁଣି କହିଛନ୍ତି ଯେ, ଗ୍ୟାସ୍ ସଙ୍କଟକୁ ନେଇ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। ପୂର୍ବରୁ କମର୍ସିଆଲ ଗ୍ୟାସ୍ ବଣ୍ଟନ ୨୦ ପ୍ରତିଶତ ରହିଥିଲା। ବର୍ତ୍ତମାନ କେନ୍ଦ୍ର ସରକାର ଆଉ ୨୦ ପ୍ରତିଶତ ମଞ୍ଜୁର କରିଥିବାରୁ, ବିଶେଷ କରି ରେଷ୍ଟୁରାଣ୍ଟ ଓ ହୋଟେଲମାନଙ୍କୁ ସହଜରେ ଗ୍ୟାସ୍ ମିଳିଛି। ଏହା ସହ ଆଉ ୧୦ ପ୍ରତିଶତ ବଢ଼ାଇବା ପାଇଁ ଆଲୋଚନା ଚାଲିଛି। ସେଥିପାଇଁ କମର୍ସିଆଲ ଗ୍ୟାସ୍ ଆବଶ୍ୟକତାର ପ୍ରାୟ ୫୦ ପ୍ରତିଶତ ପୂରଣ ହେବା ଆଶା କରାଯାଉଛି। ସୋମବାର ଠାରୁ କମର୍ସିଆଲ ସଂସ୍ଥାମାନଙ୍କୁ ୪୦ ପ୍ରତିଶତ ଗ୍ୟାସ୍ ଯୋଗାଣ ଆରମ୍ଭ ହୋଇଛି। କେନ୍ଦ୍ର ପକ୍ଷରୁ ଆଉ ୧୦ ପ୍ରତିଶତ ପାଇଁ କିଛି ସର୍ତ୍ତ ରହିଛି, ଯାହାକୁ ପୂରଣ କରିବାରେ ରାଜ୍ୟ ସରକାର କାମ କରୁଛନ୍ତି। ସାଧାରଣ ଗ୍ରାହକଙ୍କ ପାଇଁ ଗ୍ୟାସ୍ ବଣ୍ଟନରେ କୌଣସି ବିଘ୍ନ ନାହିଁ। ଯଦି କୌଣସି ଅଭିଯୋଗ ଆସେ, ବିଭାଗ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଉଛି।

# ପୁଲିସ ପଞ୍ଝାରେ ବାଘ ଶିକାରୀ : ୯ ଗିରଫ

**ବାରିପଦା, ୨୩।୩ ନ୍ୟୁଜ ବ୍ୟୁରୋ**

ବାଘଛାଲ କାରବାର ଉପରେ ପୋଲିସର ଚଢ଼ଉ। ୯ ଶିକାରୀ ଗିରଫ ହେବା ସହ ଫେରାର ଥିବା ମୁଖ୍ୟ ଶିକାରୀକୁ ଧରିବାକୁ ଜାଲ ବିଛାଇଲା ବନ ବିଭାଗ । ବାରିପଦା ବନଖଣ୍ଡ ଅଞ୍ଚଳରେ କଳାବାଘ ବା ମିଲେନିଷ୍ଟିକ ଟାଇଗର ଚମଡ଼ା ଧରାପଡ଼ିବା ଘଟଣାରେ ଗିରଫ ସଂଖ୍ୟା ୨ରୁ ବଢ଼ି ୯ରେ ପହଞ୍ଚିଛି । ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ କୁଳିଅଣା ଅଞ୍ଚଳରେ ଚଢ଼ଉ କରି ବନବିଭାଗର ସ୍ୱତନ୍ତ୍ର ଦଳ ବାଘଚମଡା ଡିଲ୍ ବେଳେ ୨ଜଣଙ୍କୁ ମାଡ଼ି ବସିଥିଲା। ଚମଡ଼ା ଜବତ ହେବା ପରେ ଶିକାର ବାଘର ବୟସ ପ୍ରାୟ ୩ ବର୍ଷ ବୋଲି ଅନୁମାନ କରାଯାଇଥିଲା। ପଚରାଉଚୁରା ବେଳେ ଗତ ମାସେ ଆଗରୁ ଉଦଳା ରେଞ୍ଜ ଅଞ୍ଚଳରେ ସେହି କଳା ବାଘର ଶିକାର ହୋଇଥିବା ସୂଚନା ପାଇଥିଲା ବନବିଭାଗ । ତେବେ ରବିବାର ରାତି ତମାମ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଆଉ ୭ ଜଣଙ୍କୁ ଧରିବାରେ ସଫଳ ହୋଇଥିବା ବେଳେ ମୁଖ୍ୟ ଆସାମୀ ବା ଶିକାରୀ ଏପର୍ଯ୍ୟନ୍ତ ଧରାପଡ଼ିନାହିଁ। ଧରା ପଡ଼ିଥିବା ୯ ଜଣଙ୍କ ମଧ୍ୟରେ ୩ ଜଣ ସହଯୋଗୀ ଶିକାରୀ ଥିବାବେଳେ ୬ ଜଣ ଚମଡ଼ା ବେପାରୀ ଅଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ତେବେ ଏଯାଏଁ ମୁଖ୍ୟ ଶିକାରୀ ଧରା ପଡ଼ିନଥିବାରୁ ବନବିଭାଗର ଏକାଧିକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ ସହିତ ଛାନଭିନ ଜାରି ରହିଛି । ଆଗକୁ ଗିରଫ ସଂଖ୍ୟା ଆହୁରି ଅଧିକ ହେବ ବୋଲି ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ସୂଚନା ଦେଇଛନ୍ତି ।







## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।


ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

10001/139/2526

ବିଶ୍ୱ ଯକ୍ଷ୍ମା ଦିବସ

୨୪ ମାର୍ଚ୍ଚ ୨୦୨୬

ସଭିଙ୍କର ରଖେ ଧ୍ୟାନ, ଟିବି ମୁକ୍ତ ଭାରତ ଅଭିଯାନ

ଯକ୍ଷ୍ମା ରୋଗର ବିଭିନ୍ନ ଲକ୍ଷଣ

- କଫ ସହିତ କାଶ
- କଫରେ ରକ୍ତ ପଡ଼ିବା
- ଛାତିରେ ଦରଜ ହେବା
- ଜ୍ୱର ହେବା
- ରାତିରେ ଝାଳ ବୋହିବା
- ଶରୀରର ଓଜନ ହ୍ରାସ ହେବା
- ଭୋକ ନଲାଗିବା
- ଥକା ଲାଗିବା
- ନିଶ୍ୱାସ ନେବାରେ କଷ୍ଟ ହେବା
- ଗଳାରେ ଗ୍ରନ୍ଥି ବା ଅନ୍ୟ ଅଙ୍ଗରେ ଫୁଲିବା



ଆପଣଙ୍କୁ ଲକ୍ଷଣବିହୀନ ଯକ୍ଷ୍ମା ହୋଇପାରେ ଯଦି;

- ୫ ବର୍ଷ ମଧ୍ୟରେ ଆପଣଙ୍କୁ ଯକ୍ଷ୍ମା ସଂକ୍ରମଣ ହୋଇଥିବ
- ଧୂମପାନ ଓ ମଦ୍ୟପାନ କରୁଥିବେ (ଏବେ କିମ୍ବା ପୂର୍ବରୁ)
- ବିଗତ ୩ ବର୍ଷରେ ଯକ୍ଷ୍ମା ରୋଗୀଙ୍କ ସଂସ୍ପର୍ଶରେ ଆସିଥିବେ
- ୬୦ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସ ହୋଇଥିବ
- ମଧୁମେହରେ ପୀଡ଼ିତ ବ୍ୟକ୍ତି ହୋଇଥିବେ
- ଅପପୁଷ୍ଟିର ଶିକାର ବ୍ୟକ୍ତି ହୋଇଥିବେ

ତୁରନ୍ତ ଯକ୍ଷ୍ମା ପରୀକ୍ଷା କରାଇ ନିଅନ୍ତୁ, ରୋଗ ଚିହ୍ନଟ ହେଲେ ସମ୍ପୂର୍ଣ୍ଣ ଚିକିତ୍ସା କରାଇ ନିଅନ୍ତୁ ।

'ନିକ୍ଷୟ' ସମ୍ପର୍କ ନିଃଶୁଳ୍କ ହେଲ୍ପଲାଇନ ୧୮୦୦-୧୧-୬୬୬୬

"ଆମେ ଯକ୍ଷ୍ମାକୁ ଶେଷ କରିପାରିବା; ଭାରତର ନେତୃତ୍ୱରେ, ଜନ ସହଯୋଗ ବଳରେ"

OIPR-10001/10003/2/25-26/0027

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/